

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ
IAS
COLLECTOR
PARUL PATAWARI



Vol.5 | Issue- 35 | February 7 to 13, 2022, | Jagatsinghpur | Page-8 | Rs. 5/-
ବର୍ଷ-୫ | ସଂଖ୍ୟା- ୩୫ | ଫେବୃୟାରୀ ୭ ରୁ ୧୩, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା

## ମୋଦିଙ୍କ ନୂଆ ରେକର୍ଡ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ ମିଡିଆରେ ଯେତିକି ସେତିକି ଲୋକପ୍ରିୟ ଟ୍ୱିଟର ଠାରୁ ଇନଷ୍ଟାଗ୍ରାମ ଏବଂ ୟୁଟ୍ୟୁବରେ ପିଏମ ମୋଦିଙ୍କ ସବସ୍କ୍ରାଇବରଙ୍କ ସଂଖ୍ୟା ଆଜି ୧୦ମିଲିୟନ୍ ଅତିକ୍ରମ କରିଛି ଅର୍ଥାତ୍ ତାଙ୍କ ୟୁଟ୍ୟୁବ ଚ୍ୟାନେଲର ସବସ୍କ୍ରାଇବର ଏକ କୋଟିରୁ ଅଧିକ। ତେବେ ସବୁଠୁ ବଡ କଥା ହେଉଛି ଅନ୍ୟ କୌଣସି ପ୍ରତିଷ୍ଠିତ ନେତାଙ୍କ ଆକାଉଣ୍ଟ ଅପେକ୍ଷା ପ୍ରଧାନ ମନ୍ତ୍ରୀ ମୋଦିଙ୍କର ଲୋକପ୍ରିୟତା ଅଧିକ ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ (ପୃଷ୍ଠା-୨)

## ଓଡ଼ିଶା ପଛରେ...

# ୬୦୯୯ ଗ୍ରାମକୁ ମୋବାଇଲ୍ ସିଗ୍ନାଲ୍ ନାହିଁ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଗାଁମାନଙ୍କୁ ମୋବାଇଲ୍ ସଂଯୋଗୀକରଣ ନଥିବାରୁ ପଞ୍ଚାୟତ ଭୋଟ ବର୍ଜନ କରିବାକୁ ଲୋକେ ଚେତାବନୀ ଦେଇଛନ୍ତି। ୨୦୨୨ ମସିହାରେ ସାରା ଭାରତରେ ଡିଜିଟାଲ୍ ଇଣ୍ଡିଆ କଥା କୁହାଯାଉଥିବା ବେଳେ ରାଜ୍ୟରେ ପ୍ରାୟ ୬୦୯୯ ଗ୍ରାମକୁ ମୋବାଇଲ୍ ସଂଯୋଗୀକରଣ ନାହିଁ। ସଞ୍ଚାର ମନ୍ତ୍ରଣାଳୟ ପକ୍ଷରୁ ନିଆଯାଇଥିବା ସୂଚନା ମୁତାବକ ସମଗ୍ର ଭାରତରେ ୨୫ହଜାର ଗାଁରେ ମୋବାଇଲ୍ ଓ ଇଣ୍ଟରନେଟ୍ ଉପଲବ୍ଧ ନଥିବା ବେଳେ (ଓଡ଼ିଶାରେ ସର୍ବାଧିକ ୬୦୯୯ ଗ୍ରାମ) ତା ପରେ (ମଧ୍ୟପ୍ରଦେଶରେ ୨୬୧୨ ଗ୍ରାମ) ଏବଂ ମହାରାଷ୍ଟ୍ରରେ ୨୩୨୮ଟି ଗ୍ରାମ ରହିଛି। ସମଗ୍ର ଦେଶରେ ବର୍ତ୍ତମାନ

**ଭୋଟ ବର୍ଜନ କଲେଣି ଅନେକ ଗ୍ରାମବାସୀ**

ସୁଦ୍ଧା ୧୧୬.୩ କୋଟିରୁ ଊର୍ଦ୍ଧ୍ୱ ଲୋକେ ମୋବାଇଲ୍ ସେବା ଉପଭୋଗ କରୁଥିବା ବେଳେ ମଧ ଭାରତର ୫.୯୭ଲକ୍ଷ ଗାଁ ମଧ୍ୟରୁ ୨୫ହଜାରରୁ ଅଧିକ ଗାଁରେ ମୋବାଇଲ୍ କିମ୍ବା ଇଣ୍ଟରନେଟ ସେବା ନାହିଁ। ୧୧ଟି ରାଜ୍ୟରେ ୯୦ ଜିଲ୍ଲାରେ ବାମପନ୍ଥି, ଉଗ୍ରବାଦ ଦ୍ୱାରା ପ୍ରଭାବିତ ହେଉଥିବା ୧୦ହଜାରରୁ ଅଧିକ ଗାଁ ଅଛି ଯେଉଁଠାରେ ମୋବାଇଲ୍ ଓ ଇଣ୍ଟରନେଟ୍ ସେବା ନାହିଁ। ରାଜ୍ୟରେ ବର୍ତ୍ତମାନ ପଞ୍ଚାୟତ ନିର୍ବାଚନ ପାଇଁ ଗାଁ ଗାଁରେ ନିର୍ବାଚନ ମାହୋଲ ସରଗରମ ଥିବା ବେଳେ ମୋବାଇଲ୍ ନେଟ୍ୱାର୍କର ଅନୁପସ୍ଥିତିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଗ୍ରାମବାସୀ ଓଡ଼ିଶାରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି



ଯେ, ମୋବାଇଲ୍ ସଂଯୋଗର ଅଭାବ ସେମାନଙ୍କୁ ଠିକ୍ ସମୟରେ ସ୍ୱାସ୍ଥ୍ୟସେବା ଏବଂ ପିଲାମାନଙ୍କ ପାଇଁ ଅନ୍‌ଲାଇନ୍ ଅଧ୍ୟୟନରୁ ବଞ୍ଚିତ କରିଛି। ସମଗ୍ର ଦେଶରେ ଲକ୍‌ଡାଉନ୍ ସମୟରେ ଅନ୍‌ଲାଇନ୍ ମାଧ୍ୟମରେ ପାଠପଢା ଚାଲିଥିବା ବେଳେ ନେଟ୍ୱାର୍କର ସଂଯୋଗ ଅଭାବରୁ ଆମ ପିଲାମାନେ ଅନ୍‌ଲାଇନ୍ କ୍ଲାସ୍‌ରେ ଯୋଗଦେଇପାରିନଥିଲେ ଏବଂ ମୋବାଇଲ୍ ସିଗ୍ନାଲ୍ ଅଭାବରୁ ଡାକ୍ତରୀ ଜରୁରୀକାଳୀନ ପରିସ୍ଥିତିରେ ଆମେ ୧୦୮ ଆମ୍ବୁଲାନ୍ସ ସେବା ସହ ଯୋଗଯୋଗ କରିପାରୁନଥିବାର ଅନେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫେବୃୟାରୀ ୧୬ରୁ ୨୪ ପର୍ଯ୍ୟନ୍ତ ୫ଟି ପର୍ଯ୍ୟାୟରେ ଓଡ଼ିଶାରେ ୩ ସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବ। ଫେବୃୟାରୀ ୨୬, ୨୭ ଏବଂ ୨୮ରେ ଫଳାଫଳ ଘୋଷଣା କରାଯିବ।

# କେନ୍ଦ୍ର ବଜେଟରେ ଓଡିଶାକୁ ଅବହେଳା

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଙ୍ଗଳବାର ସଂସଦରେ ୨୦୨୨-୨୩ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନା କରିଛନ୍ତି। ବିଭିନ୍ନ କ୍ଷେତ୍ର ପାଇଁ ବଡ ବଡ ଘୋଷଣା କରାଯାଇଥିବାବେଳେ ସବୁକ୍ଷେତ୍ରରେ ଓଡିଶାକୁ ନିରାଶ କରାଯାଇଛି। ରାଜ୍ୟ ପ୍ରତି କରାଯାଇଥିବା ଅନ୍ୟାୟକୁ କେନ୍ଦ୍ର ସରକାର ସୁଧାରନ୍ତୁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାକୁ ଗ୍ରାମ୍ୟ ଗହ୍ନ ନିର୍ମାଣ ଯୋଜନାରେ ଅବହେଳା କରାଯାଇଛି। ସମଗ୍ର ଦେଶରେ ଓଡିଶା ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଅଧିକ ପ୍ରଭାବିତ ହୋଇଥିଲେ ମଧ ବଜେଟରେ ଓଡିଶା ପାଇଁ କୌଣସି ଘୋଷଣା କରାଯାଇ ନାହିଁ ସବୁବେଳେ ଓଡିଶାକୁ କେନ୍ଦ୍ର ସରକାର ଅବହେଳା ଓଡିଶାକୁ ଗ୍ରାମ୍ୟ ଗହ୍ନ ନିମାର୍ଣ ଯୋଜନାରେ ଅବହେଳା କରାଯାଇଛି। ସମଗ୍ର ଦେଶରେ ଓଡିଶା ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଅଧିକ ପ୍ରଭାବିତ ହୋଇଥିଲେ ମଧ



ବଜେଟରେ ଓଡିଶା ପାଇଁ କୌଣସି ଘୋଷଣା କରାଯାଇ ନାହିଁ। ସବୁବେଳେ ଓଡିଶାକୁ କେନ୍ଦ୍ର ସରକାର ଅବହେଳା କରିଆସୁଛନ୍ତି। ବଜେଟରୁ ଲାଭ ପାଇବାକୁ ଆଶା ରଖିଥିବା ସାଧାରଣ ଲୋକଙ୍କୁ ଏଥର ନିରାଶ ହେବାକୁ ପଡିଛି। କରୋନା ମହାମାରୀ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଥିବାବେଳେ ବଜେଟରେ ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ କୌଣସି ବିଶେଷ ଯୋଜନା କରାଯାଇ ନାହିଁ । ଅନ୍ୟ ପକ୍ଷରେ ଦରଦାମ ବୃଦ୍ଧି ଯୋଗୁଁ ଆଗକୁ ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପଡିବ।କୋଭିଡ ଯୋଗୁଁ ଗରିବ ଲୋକଙ୍କ ଆର୍ଥିକ ସ୍ଥିତି ବିଗିଡ ଯାଇଥିବାବେଳେ ମନରେଗା ବ୍ୟୟ ବରାଦ ହ୍ରାସ ଗରିବ ଲୋକ ସ୍ଥିତିକୁ ଆହୁରି ଦୟନୀୟ କରିବ। ଏହାଛଡା କୃଷି ବିନାଶ, କୃଷକ କଲ୍ୟାଣ, ଉଚ୍ଚଶିକ୍ଷା ଗ୍ରାମ୍ୟ ଉନ୍ନୟନ, ମହିଳା ଓ ବିକାଶ କ୍ଷେତ୍ରରେ ନିରାଶ ହେବାକୁ ପଡିବ। ଏଲପିଜି ସବସିଡି କମି ଥିବାରୁ ଏହା ମହିଳା ଏବଂ ଗହ୍ନଅର୍ଥନୀତି (ପୃଷ୍ଠା-୨)

## ପ୍ରଭୁଙ୍କ ପାଖରେ ପାଣ୍ଡିଆନ୍

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ମହାପ୍ରଭୁଙ୍କ ଦର୍ଶନ କଲେ ୫ଟି ସଚିବ ଭିକେ ପାଣ୍ଡିଆନ୍। ଦର୍ଶନ ପରେ ଶ୍ରୀମନ୍ଦିର ପରିକ୍ରମା ମାର୍ଗ କାର୍ଯ୍ୟର ଅନୁଧାନ କରିଛନ୍ତି। ପ୍ରଥମେ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ପରିକ୍ରମା କାର୍ଯ୍ୟର ଅନୁଧାନ କରିଥିଲେ।



ସିଂହଦ୍ୱାର ଠାରୁ ଆରମ୍ଭ କରି ଉତ୍ତରଦ୍ୱାର ପର୍ଯ୍ୟନ୍ତ ପରିକ୍ରମା କରି ଅନୁଧାନ କରିଛନ୍ତି ଏବଂ କାର୍ଯ୍ୟର ଅଗ୍ରଗତି ନେଇ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

ବସନ୍ତ ପଞ୍ଚମୀ ଅବସରରେ ସପରିବାର ସହ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପ୍ରାୟ ଅଧଘଣ୍ଟାଏ ଧରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସହ ମା ମହାଲକ୍ଷ୍ମୀ, ମା ବିମଳା ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବାଦେବୀଙ୍କ ମନ୍ଦିର ଦର୍ଶନ କରି ଫେରିଥିଲେ। ସେବାୟତଙ୍କ ପକ୍ଷରୁ ପଦ୍ମବେଶରେ ଓଲାଗି ହଂସ ତାଙ୍କୁ ପ୍ରଦାନ କରାଯାଇଥିଲା।

## ବିସ୍ଫୋରଣ ମୃତ୍ୟୁରେ ସାମ୍ବାଦିକ ମହଲରେ ଶୋକ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** କଳାହାଣ୍ଡି ଜିଲ୍ଲାରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ପ୍ରାଣ ହରାଇଥିବା ସାମ୍ବାଦିକ ସାମ୍ବାଦିକ ରୋହିତ ବିଶ୍ୱାଳଙ୍କ ପାରିବାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୩ଲକ୍ଷ ଟଙ୍କା ଅନୁକମ୍ପା ରାଶି ସ୍ଥାପିତ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ସାମ୍ବାଦିକ ବିଶ୍ୱାଳଙ୍କ ମୃତ୍ୟୁ ଘଟିଥିଲା। ୪୬ ବର୍ଷୀୟ ସାମ୍ବାଦିକ ବିଶ୍ୱାଳ ଦୈନିକ ଖବରକାଗଜ 'ଧରିତ୍ରୀ' ଓଡିଆ ସହିତ କାମ କରୁଥିଲେ ଏବଂ ଡୁଲେନ ବ୍ରିଜରେ ନକ୍ସଲଙ୍କ ପୋଷ୍ଟର ଲାଗିଥିବା

**ମାତ୍ର ୧୩ ଲକ୍ଷ କ'ଣ ସାମ୍ବାଦିକଙ୍କ ଜୀବନ? ୫୦ ଲକ୍ଷ ଦିଅ**

ଘୋଷଣା କରିଛନ୍ତି। ଏ ନେଇ ସୂଚନା ଦେଇଛନ୍ତି ରାଜ୍ୟ ସରକାରଙ୍କ ମିଡିଆ ପରାମର୍ଶଦାତା ମାନସ ମଙ୍ଗରାଜ।

ସେ କହିଛନ୍ତି ଯେ ଓଡ଼ିଶା ପୋଲିସ୍ ୯ଲକ୍ଷ ଟଙ୍କା ପ୍ରଦାନ କରିବ ଏବଂ ସାମ୍ବାଦିକ କଲ୍ୟାଣ ପାଣ୍ଠି ଅବଶିଷ୍ଟ ୪ଲକ୍ଷ ଟଙ୍କା ସାମ୍ବାଦିକ ବିଶ୍ୱାଳଙ୍କ ପାରିବରକୁ ଦେବ।

ମ.ରାମପୁର ପୋଲିସ ସୀମା ଅନ୍ତର୍ଗତ କଲ୍ୟାଖୁଣ୍ଟାର ଡୁଲେନ ବ୍ରିଜ୍ ନିକଟରେ ମାଓବାଦୀଙ୍କ ଦ୍ୱାରା ଖବର ପାଇ ରୋହିତ ଆଜି ସେଠାକୁ ଖବର ସଂଗ୍ରହ ପାଇଁ ଏକ ଦୁଇ ଚକିଆ ଯାନରେ ଯାଇଥିଲେ। ବିସ୍ଫୋରଣ ତୀବ୍ରତା ଏତେ ଥିଲା ଯେ ସାମ୍ବାଦିକ ବିଶ୍ୱାଳ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ।

ମାଓବାଦୀମାନେ ଏହି ସ୍ଥାନରେ ଭୋଟ ବର୍ଜନ କରିବାକୁ ପୋଷ୍ଟର ମାରିଥିଲେ। ଏଠି କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସୀମାନ୍ତ ଅଞ୍ଚଳରେ ଥିବା ପୋଲିସ୍ ସିଆର୍‌ପିଏଫ୍ କ୍ୟାମ୍ପକୁ ତୁରନ୍ତ ଉଠାଇବା






ସେମାନେ ଦାବି କରିଛନ୍ତି। ଏଥିସହ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଆହ୍ୱାନ ମଧ ଦେଇଛନ୍ତି। ଏହି ପୋଷ୍ଟରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିକେକେବିଏନ ଡିଭିଜନ ବୋଲି ଉଲ୍ଲେଖ ଅଛି।

## ଏଣିକି ଜନପ୍ରତିନିଧିଙ୍କୁ ମିଳିବ ଉପଯୁକ୍ତ ସମ୍ମାନ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଏଣିକି ଜନପ୍ରତିନିଧିଙ୍କୁ ଉଚିତ୍ ସମ୍ମାନ ପ୍ରଦର୍ଶନ କରିବାକୁ ବାଧହେବେ ଅଫିସର୍ମାନେ। ଜନନେତାଙ୍କ କଥା ମାନୁନଥିବା, ସମ୍ମାନ ଦେଉନଥିବା ନେଇ ପୂର୍ବରୁ ଅଫିସରଙ୍କ ନାମରେ ଅଭିଯୋଗ ହୋଇଆସୁଥିଲା। ନିକଟରେ ବିଧାନସଭା ଏଥିକ୍ସ କମିଟି ୬ଟି ଜିଲ୍ଲା ଗସ୍ତ କରିବା ପରେ ଅଫିସରଙ୍କ କାର୍ଯ୍ୟଶୈଳୀକୁ ନେଇ ସନ୍ତୋଷ ପ୍ରକାଶ କରିଛି।

ତେଣୁ ନୂଆ ନିଯୁକ୍ତି ପାଇଥିବା ଅଫିସରଙ୍କୁ ତାଲିମ୍ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଜନପ୍ରତିନିଧିଙ୍କ ସହ କିପରି ବ୍ୟବହାର କରାଯିବ, ସେନେଇ ବିସ୍ତୃତ ବିବରଣୀ ବୁକ୍ ସର୍କୁଲାର-୪୭ରେ ଉଲ୍ଲେଖ କରାଯାଇଛି।

ଦେଓଗଡ, ସୁନ୍ଦରଗଡ ଓ ବୌଦ୍ଧ ଜିଲ୍ଲା ଗସ୍ତ କରିବା ପରେ ଅସନ୍ତୋଷ ପ୍ରକାଶ କରିଛି ବିଧାନସଭା ଏଥିକ୍ସ କମିଟି। ଏ ନେଇ ସମସ୍ତ ସଚିବ, ବିଭାଗୀୟ ମୁଖ୍ୟ, ପୋଲିସ୍ ଡିଜି, ଆଇଜି, ଜିଲ୍ଲାପାଳ ଏସ୍‌ପିଙ୍କୁ ଚିଠି ଲେଖିଛନ୍ତି ସରକାରଙ୍କ ପ୍ରମୁଖ ସଚିବ। ନବନିଯୁକ୍ତ ଓଏଏସ୍, ଓଆର୍‌ଏସ୍, ଓଟିଏସ୍‌ଙ୍କ ସହ ଅନ୍ୟ ଅଧିକାରୀମାନେ ଜନପ୍ରତିନିଧିଙ୍କୁ କିପରି ବ୍ୟବହାର କରିବେ, ସେ ନେଇ ଟ୍ରେନିଂ ଦେବାକୁ କୁହାଯାଇଛି।

ବୁକ୍ ସର୍କୁଲାର-୪୭ରେ ଉଲ୍ଲେଖ ଅଛି ଯେ, ସାଂସଦ ଓ ବିଧାୟକ ଅଫିସରମାନେ ଭଦ୍ର ବ୍ୟବହାର ଦେଖାଇବେ। ଅଫିସକୁ ସାଂସଦ କିମ୍ବା ବିଧାୟକ ଆସିଲେ ଅଫିସର ଛିଡା ହୋଇ ତାଙ୍କୁ ସାଗତ କରିବେ। ଜନପ୍ରତିନିଧି ଫୋନ୍ କଲେ ଅଫିସର୍ ତୁରନ୍ତ (ପୃଷ୍ଠା-୨)

## କରୋନା ମୃତ୍ୟୁ ତଥ୍ୟରେ ସତ୍ୟତା ନାହିଁ:ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବୈଷୟିକ ତ୍ରୁଟି ଦର୍ଶାଇ କରୋନା ଜନିତ ମୃତ୍ୟୁ ସମ୍ପର୍କିତ ଦାବିଗୁଡିକ ରାଜ୍ୟ ସରକାରମାନେ ଅଗ୍ରାହ୍ୟ କରିପାରିବେ ନାହିଁ। ତେଣୁ ନିଜର ପ୍ରିୟଜନଙ୍କୁ କରୋନାରେ ହରାଇଥିବା ନେଇ ଆବେଦନ କରୁଥିବା ଲୋକମାନଙ୍କୁ ୧୦ଦିନ ମଧ୍ୟରେ ୫୦ହଜାର ଟଙ୍କାର (ପୃଷ୍ଠା-୨)





# ଜଗତସିଂହପୁର ପୌରପରିଷଦର ଅସହାୟଙ୍କ ସାହା ଅଞ୍ଜନା

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଚାଟରା ଗ୍ରାମର ୧୪ ନଂ ୱାର୍ଡର ଲୋକନାଥ ଦାସ ଅନେକ ଦିନ ହେବ ପାରାଲିସିସ୍‌ରେ ଶଯ୍ୟାଶାୟୀ। ତାଙ୍କର କିଡ୍‌ନୀ ମଧ ଖରାପ ହୋଇଯାଇଛି। ତାଙ୍କ ପରିବାରରେ ତାଙ୍କ ସ୍ତ୍ରୀ ମୂଲ ଲାଗି ଯାହା ପଇସା ଆଣନ୍ତି ସେଥିରେ ପରିବାର ଚଳାଇବା କଷ୍ଟ ହୁଏ। ରୋଗ ପାଇଁ ଚିକିତ୍ସା କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ତାଙ୍କର ଗୋଟିଏ ଝିଅ ଅଛି ସିଏ ପାଠ ପଢି ମଧ ବେକାର। ନିହାତି ଅସହାୟ ହୋଇ ଗଣମାଧ୍ୟମରେ ସାହାଯ୍ୟ ପାଇଁ ଅନୁରୋଧ କରିଥିଲେ ଲୋକନାଥ। ଏ ଖବର ଶୁଣି **ମହିଳା ବିଜୁ ଜନତା ଦଳ ଜଗତସିଂହପୁର ଜିଲ୍ଲା ଉପସଭାନେତ୍ରୀ ତଥା ଜଗତସିଂହପୁରର ଅଗ୍ରଣୀ ଅନୁଷ୍ଠାନ "ତେଜସ୍ୱିନୀ"ର ସଭାନେତ୍ରୀ ଓ ଏନ୍ ସି ଡବ୍ଲ୍ୟୁ ଭିସିର ଉପାଧ୍ୟକ୍ଷା ଅଞ୍ଜନା ସାହୁ** ତଥା ଓ ତାଙ୍କର ସହକର୍ମୀ କନକଲତା ପରିଡା, ସୀତାରାଣୀ ବେହେରା ଓ ପ୍ରିୟଙ୍କା ମହାପାତ୍ର ପ୍ରମୁଖ ତାଙ୍କ ଘରେ ପହଞ୍ଚି ସବୁ ପ୍ରକାର ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଲୋକନାଥଙ୍କ ପରିବାର ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ଦଉଡି ଦଉଡି ନୟାନ୍ତ ହୋଉଥିଲେ। ତାଙ୍କ ଘରର ଅବସ୍ଥା ଏଭଳି ରହିବା ତ ଦୂରର କଥା ଠିଆ ହେବା ପାଇଁ ଜାଗା ଟିକିଏ ନାହିଁ। ଘର ଭାଙ୍ଗି ଦୟନୀୟ ଅବସ୍ଥାରେ।

ଏଣୁ ତେଜସ୍ୱିନୀର ସଭାନେତ୍ରୀ ଅଞ୍ଜନା ସାହୁ ମୁନିସିପାଲିଟିର ଦଳୀୟ ମୁରବୀଙ୍କୁ ପ୍ରଥମେ ଏ ବିଷୟରେ ଜଣାଇବାରୁ ଆବାସ ଯୋଜନାରେ ଏକ ମାସରେ ତାଙ୍କର ଘର ତିଆରି କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏବଂ ଜଗତସିଂହପୁର ମେଡିକାଲ୍‌ରୁ ଏକ ପାଞ୍ଚ ଜଣିଆ ଡାକ୍ତରି ଟିମ୍ ଯାଇ ତାଙ୍କ ଘରେ ପହଞ୍ଚି ବର୍ତ୍ତମାନ ସର୍ଜରୀ ବିଭାଗର ୫୪ନଂ ୱାର୍ଡରେ ଲୋକନାଥଙ୍କର ଚିକିତ୍ସା କରାଯାଉଛି। ଏହାପରେ ତାଙ୍କ ଝିଅଙ୍କୁ ମାଗଣା କମ୍ପ୍ୟୁଟର ଶିକ୍ଷା ଦେବା ପାଇଁ ବ୍ୟବସ୍ଥା କରିବା ପାଇଁ ଅଞ୍ଜନା ସାହୁ ପ୍ରତିଶ୍ରୁତି ଦେଇଛନ୍ତି।

















ବିପଦ ସମୟରେ ଅସହାୟଙ୍କୁ ସାହାଯ୍ୟ ଓ ସହାୟତା

## ଯୁଦ୍ଧ ହେବ !

# ହାତ ମିଳାଇଲେ ଋଷ ଓ ଚୀନ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ୟୁକ୍ରେନ ପ୍ରସଙ୍ଗରେ ଏକାଠି ହେଲେ ଋଷ ଓ ଚୀନ। ଋଷ ପ୍ରତି ସମର୍ଥନ ଘୋଷଣା କଲା ଚୀନ। ଆମେରିକା ନେତୃତ୍ୱାଧୀନ ନାଟୋରେ କୌଣସି ନୂଆ ସଦସ୍ୟଙ୍କୁ ସାମିଲ ନ କରିବା ଲାଗି ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଦାବିକୁ ସମର୍ଥନ ଜଣାଇଛି ଚୀନ। ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ଓ ପୁଟିନଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ଦୁଇ ଶକ୍ତି ବିଧିବଦ୍ଧ ଭାବେ ନାଟୋ ବିରୋଧରେ ଏକ ହୋଇଛନ୍ତି। ଏପରିକି ବିଶ୍ୱର ନିରାପତ୍ତା ଅସ୍ଥିର ଲାଗି ଆମେରିକାର ପଦକ୍ଷେପ ବିରୋଧରେ ଏହି ଦୁଇ ସୁପରପାୱାର ଦୀର୍ଘସୂତ୍ରୀ ଯୋଜନା ବି ପ୍ରସ୍ତୁତ କରିଛନ୍ତି।




ଶୀତଳ ଯୁଦ୍ଧ କାଳରେ ଯେପରି ଅବସ୍ଥା ହୋଇଥିଲା, ତାହା ପୁଣି ଥରେ ଦୋହରାଇବାକୁ ଦିଆଯିବ ନାହିଁ ବୋଲି ପୁଟିନ୍ ଏବଂ ଜିନପିଙ୍ଗ ଘୋଷଣା କରିଛନ୍ତି। କୌଣସି ଦେଶ ନିଜ ନିଷ୍ପତ୍ତି ଅନୁସାରେ ପଦକ୍ଷେପ ନେବ ଏବଂ ଏଥିରେ ବାହ୍ୟଶକ୍ତି ହସ୍ତକ୍ଷେପ କରିପାରିବ ନାହିଁ ବୋଲି ଦୁଇ ନେତା କହିଛନ୍ତି। ଏସୀୟ-ପ୍ରଶାନ୍ତ ଅଞ୍ଚଳରେ ଆମେରିକା ଅସ୍ଥିରତା ସୃଷ୍ଟି କରିବାକୁ ଉଦ୍ୟମ କରୁଛି ବୋଲି ସେମାନେ କହିବା ସହ ଅଷ୍ଟ୍ରେଲିଆ, ଆମେରିକା ଓ ବ୍ରିଟେନ୍ ମଧ୍ୟରେ ବୁଝାମଣାକୁ ବିରୋଧ କରିଛନ୍ତି।

ଋଷର ବିଭିନ୍ନ ସୀମାରେ ଆମେରିକା ଓ ନାଟୋ ମୁତୟନ କରିଥିବା କ୍ଷେପଣାସ୍ତ୍ର ନେବା ଲାଗି ମଧ୍ୟ ପୁଟିନ ଦାବି କରିଛନ୍ତି। ସେପଟେ ଜର୍ମାନ ଚାନସେଲର ଓଲାଫ ସ୍କଜ ୟୁକ୍ରେନକୁ ଆସନ୍ତା ୧୪ ତାରିଖରେ ଏବଂ ଋଷକୁ ୧୫ ତାରିଖରେ ଗସ୍ତ କରିବେ ବୋଲି କହିଛନ୍ତି। ସେହିପରି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମଧ୍ୟ ମସ୍କୋ ଓ କିଏଭ ଗସ୍ତ କରିବେ ବୋଲି ସୂଚନା ଦେଇଛନ୍ତି। ଗତ ୨୦୧୪ରୁ ପାଶ୍ଚାତ୍ୟ ରାଷ୍ଟ୍ର ସହ ଋଷର ସମ୍ପର୍କରେ ଭଙ୍ଗା ପଡିଛି। ତେଣେ ଋଷର ଆକ୍ରମଣକୁ ପ୍ରତିହତ କରିବାକୁ ପ୍ରସ୍ତୁତି ଚଳାଇଛି ୟୁକ୍ରେନ୍। ବିଭିନ୍ନ ସ୍ଥାନରେ ୟୁକ୍ରେନ୍ ସାମରିକ ଡ୍ରିଲ୍ ଚଳାଇଛି।

# ସଂସଦରେ ସହମତି ପ୍ରକାଶ ପାଇଲେ ସୋସିଆଲ ମିଡିଆ ପାଇଁ ଆସିବ କଠୋର ଆଇନ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ସଂସଦରେ ସହମତି ପ୍ରକାଶ ପାଇଲେ ସୋସିଆଲ୍ ମିଡିଆକୁ ଅଧିକ ଉତ୍ତରଦାୟୀ କରିବାକୁ କଠୋର ନିୟମ ଆଣିବାକୁ କେନ୍ଦ୍ର ସରକାର ପ୍ରସ୍ତୁତ ଅଛନ୍ତି। ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସଂସଦରେ ଏହା କହିଛନ୍ତି। ଯେତେବେଳେ ସରକାର ସୋସିଆଲ୍ ମିଡିଆକୁ ନିୟନ୍ତ୍ରଣ କରିବାକୁ ପଦକ୍ଷେପ ନେଉଛନ୍ତି, ବିରୋଧୀ ଦଳ ଏହାକୁ ଅଭିବ୍ୟକ୍ତିର ସାଧୀନତା ଉପରେ ଅଙ୍କୁଶ ବୋଲି ଅଭିଯୋଗ କରି ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି। ତେବେ ବିରୋଧୀଙ୍କ ଏହି ଅଭିଯୋଗ ସତ୍ୟ ନୁହେଁ। ସମ୍ବିଧାନ ଭିତରେ ରହି ସରକାର ସୋସିଆଲ୍ ମିଡିଆକୁ ନିୟନ୍ତ୍ରଣକୁ ଆଣିବାକୁ ଚେଷ୍ଟା କରୁଛନ୍ତି ବୋଲି ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ସୋସିଆଲ୍ ମିଡିଆରେ ଆପତ୍ତିଜନକ ମେସେଜ୍‌କୁ ରୋକିବା ପାଇଁ ସରକାର କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ରାଜ୍ୟସଭାରେ କଂଗ୍ରେସ ସାଂସଦ ଆନନ୍ଦ ଶର୍ମା କରିଥିବା ପ୍ରଶ୍ନ ଉପରେ ଏହି ଉତ୍ତର ରଖିଛନ୍ତି।



ଏହାସହ ମନ୍ତ୍ରୀ କହିଛନ୍ତି ଯେ, ଯଦି ସଂସଦରେ ସହମତି ପ୍ରକାଶ ପାଇବ ତେବେ ସରକାର ସୋସିଆଲ୍ ମିଡିଆକୁ ନିୟନ୍ତ୍ରଣ ଓ ଅଧିକ ଉତ୍ତରଦାୟୀ କରିବା ପାଇଁ କଠୋର ଆଇନ ଆଣିବାକୁ ପ୍ରସ୍ତୁତ ଅଛନ୍ତି। କେନ୍ଦ୍ରର ସୂଚନା ଅନୁସାରେ ସୋସିଆଲ୍ ମିଡିଆର ଦୂରୁପଯୋଗ ଓ ସାଇବର କ୍ରାଇମ ବିରୋଧରେ ବିଭିନ୍ନ ରାଜ୍ୟର ପୋଲିସ୍ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି।

୨୦୨୧ରେ ସରକାର ସୋସିଆଲ୍ ମିଡିଆକୁ ସୁରକ୍ଷିତ ଓ ଉତ୍ତରଦାୟୀ କରିବା ପାଇଁ ମଧ୍ୟବର୍ତ୍ତୀକାଳୀନ ନିୟମ ଓ ଗାଇଡ୍‌ଲାଇନ୍ ଆଣିଛନ୍ତି। ବୁଲ୍ଲି ବାଇ ଆପ୍ ଓ ସୁଲ୍ଲି ଡିଲ୍ସ ଆପ୍ ଭଳି ଆପତ୍ତିଜନକ ଆପ୍ଲିକେସନ ବିରୋଧରେ କେନ୍ଦ୍ର ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇଥିବା ଆଇଟି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ଆପ୍‌ରେ ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟର ମହିଳାଙ୍କ ଫଟୋ ଓ ଅନ୍ୟ ତଥ୍ୟ ଅପ୍‌ଲୋଡ୍ କରାଯାଉଥିଲା। ଏ ନେଇ ଆପତ୍ତି ଆସିବା ପରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା।

# କରୋନାର ଅନ୍ତିମ ସଂସ୍କାର ପାଇଁ ଲମ୍ବା ଲାଇନ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଜାନୁଆରୀ ୨୫ଠାରୁ ଦେଶରେ କରୋନା ଆକ୍ରାନ୍ତଙ୍କ ଦୈନିକ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି ଗତ ୮ ଦିନରେ କରୋନା ମାହାମାରୀ ୬,୩୯୨ଜୀବନ ନେଲାଣି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟରେ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅନୁଯାୟୀ ମଙ୍ଗଳବାର ଦେଶରେ ୧,୬୭୦୫୯ନୂଆ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ସୋମବାର ଠାରୁ ଏହା ପ୍ରାୟ ୪୨ହାଜର କମ ରହିଛି। ଏଥି ସହିତ ,୩୧ ଜାନୁୟାରୀରେ ଦୈନିକ ମୃତ୍ୟୁ ସଂଖ୍ୟା ୧,୧୯୨ରେର୍କଡ ମୃତ୍ୟୁ ଘଟିଥିଲା ସେହିପରି ଜାନୁଆରୀ ୩୦ରେ ୯୫୯ଜଣ ଲୋକଙ୍କ ମୃତ୍ୟୁ କରୋନା ଯୋଗୁ ଘଟିଥିଲାଜାନୁଆରୀ ୨୫ରେ ୬୧୪ଜଣଙ୍କ ମୃତ୍ୟୁ ଘଟିଥିଲା ସେହିପରି ଜାନୁଆରୀ ୨୬ରେ ୬୬୫, ଜାନୁଆରୀ ୨୭ରେ ୬୨୭, ଜାନୁଆରୀ ୨୮ରେ ୮୭୧ଏବଂ ଜାନୁଆରୀ ଏବଂ ଜାନୁୟାରୀ ୨୯ରେ ୮୯୩ଜଣ ଆକ୍ରାନ୍ତ ଙ୍କ ମୃତ୍ୟୁ ଘଟିଥିଲା ମୃତ୍ୟୁ ସଂଖ୍ୟା ବଢିବା ଯୋଗୁ ଶ୍ମଶାନ, କବରସ୍ଥାନ ସମ୍ମୁଖରେ ଧାଡିଧାଡି ମୃତ ଦେହ ଅନ୍ତିମ ସଂସ୍କାର ପାଇଁ ଲମ୍ବା ଲାଇନ ଲଗାଇ ରହିଥିବାର ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳୁଛି।

# ଅବସର ବୟସ ବୃଦ୍ଧି, ସରକାରୀ କର୍ମଚାରୀ ଖୁସ୍

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ସରକାରୀ କର୍ମଚାରୀମାନଙ୍କୁ ଆନ୍ଧ୍ରପ୍ରଦେଶ ସରକାର ଏକ ବଡ ଉପହାର ଦେଇଛି। କର୍ମଚାରୀମାନଙ୍କ ଅବସର ବୟସକୁ ୬୦ବର୍ଷକୁ କରିବାକୁ ଏକ ନିର୍ଦ୍ଦେଶନାମା ଜାରି କରିଛି। ରାଜ୍ୟପା ବିଶ୍ୱଭୂଷଣ ଏହି ଅଧ୍ୟାଦେଶକୁ ଲାଗୁ କରିଛନ୍ତି। ବରିଷ୍ଠ କର୍ମଚାରୀଙ୍କ ଅଭିଜ୍ଞତା ଏବଂ ପାରଦର୍ଶତାକୁ ବ୍ୟବହାର କରିବା ଏବଂ ଆୟୁଷ ବୃଦ୍ଧି ଏବଂ ସାଧାରଣ ସ୍ୱାସ୍ଥ୍ୟ ଅବସ୍ଥାକୁ ଦୃଷ୍ଟିରେ ରଖି ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ବର୍ତ୍ତମାନର ବୟସ ୬୦ରୁ ୬୧ ବର୍ଷକୁ ବୃଦ୍ଧି କରିବା ବୋଲି ଏକ ଗେଜେଟ୍ ବିଜ୍ଞପ୍ତିରେ ପ୍ରାସ୍ତବ ଦିଆଯାଇଛି।



ରାଜ୍ୟପାଳ ଆନ୍ଧ୍ରପ୍ରଦେଶର ଜନସାଧାରଣ ନିଯୁକ୍ତି(ରେଗୁଲେସନ୍ ଅଫ୍ ବୟ ପେନ୍ସନ୍) ସଂଶୋଧନ ଅଡିନାନ୍ସ, ୨୦୨୨ଘୋଷଣା କରିଛନ୍ତି। ଜାନୁୟାରୀ ୨୧ତାରିଖରେ ଆନ୍ଧ୍ରପ୍ରଦେଶର ଜନ ନିଯୁକ୍ତ ଆଇନ ୧୯୮୪ରେ ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହି ନିୟମରେ ରାଜ୍ୟପାଳ କହିଛନ୍ତି ଯେ, ଏହି ଅଧିନିୟମର ସଂଶୋଧନ ଜାନୁୟାରୀ ୧ତାରିଖ ୨୦୨୨ଠାରୁ କାର୍ଯ୍ୟକାରୀ ହେବା ଅବସର ଆଇନକୁ ୫୮ରୁ ୬୦ବର୍ଷରୁ ବୃଦ୍ଧି କରି ୨୦୧୪ରେ ଏହି ଅଧିନିୟମରେ ପ୍ରଥମେ ସଂଶୋଧନ କରାଯାଇଥିଲା ରାଜ୍ୟ ସରକାର କର୍ମଚାରୀ ଅବସର ବୟସ ବୃଦ୍ଧି କରାଯିବ ବୋଲି ନିକଟରେ ରାଜ୍ୟ ସରକାର ନିଷ୍ପତି ନେଇଥିଲେ।

# ଚଢାଉରେ ଘରୁ ମିଳିଲା ବିଡାବିଡା ଟଙ୍କା,

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-**ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ ଘଟଣାଟି ସତ। ଜଣେ ଅବସରପ୍ରାପ୍ତ ଆଇପିଏଏସଙ୍କ ଘରୁ ମିଳିଲା ଅଗଣତି ଟଙ୍କା ଯାହାକୁ ଦେଖି ଆଇଟି କର୍ମଚାରୀ ଆଶ୍ଚର୍ଯ୍ୟ ହୋଇ ପଡିଛନ୍ତି ବର୍ତ୍ମାନ ତିନିଦିନ ଧରି ଏହି ଟଙ୍କା ଗଣିତ ଚାଲିଛି। ଏ ପର୍ଯ୍ୟନ୍ତ କେତେ ଟଙ୍କା ହୋଇଛି ତାହାର ସୂଚନା ପ୍ରଦାନ କରାଯାଇନାହିଁ। ଘଟଣା ଜଣାପଡିଛି ଯେ ନୂଆଦିଲ୍ଲୀ ନୋଇଡା ସେକ୍ଟର ୫୦ରେ ଜଣେ ଆଇପିଏସ ଅଧିକାରୀ ରାମ ନାରାୟଣ ସିଂ ରହୁଛନ୍ତି। ତାଙ୍କ ଘରେ ନଗଦ ଟଙ୍କା ଥିବାର ସନ୍ଦେହ କରି ଗତି ରବିବାର ଦିନ ଇନକମ ଟ୍ୟାକ୍ସ ବିଭାଗ ଚଢାଉ ବେଳେ ଅଧିକାରୀମାନେ ତାଙ୍କ ଫ୍ଲାଟରେ ବେସମେଣ୍ଟ ରେ ବିପଲୁ ପରିମାଣରେ ଟଙ୍କା ରଖିଥିବାର ଜଣାପଡିଥିଲା ଅଧିକାରୀ ଜଣଙ୍କ ତାଙ୍କ

**ଆଇଟି ଗଣୁଛନ୍ତି ସରୁନାହିଁ**

ଫ୍ଲାଟର ବେସମେଣ୍ଟଟି ତାଙ୍କର ବିଜେନେଓ ଉଦ୍ଦେଶ୍ୟରେ ନେଇଥିବାର ଜଣାପଡିଛି ସେହି ବେସମେଣ୍ଟରେ ସେ ୬୯୦ଟି ଲକର ନିର୍ମାଣ କରିଛନ୍ତି। ସେହି ଲକର ଭିତରେ ଏହି ଟଙ୍କା ରଖିଥିବାର ଆଇଟି ଅଧିକାରୀମାନେ ଜାଣିପାରିଛନ୍ତି। ରବିବାରରୁ ଏହି ଚଢାଉ କରି ଆଇଟି ଅଧିକାରୀମାନେ ଟଙ୍କା ଗଣିତରେ ନିୟୋଜିତ ଅଛନ୍ତି। ତାଙ୍କ ଘରୁ କେବଳ ୨୦୦୦ଏବଂ ୫୦୦ଟଙ୍କିଆ ନୋଟ ମିଳିଛି। ତେବେ ଏ ପର୍ଯ୍ୟନ୍ତ ତାହାର ଗଣିତ ଶେଷ ହୋଇ ନାହିଁ। ଏହି ଆଇପିଏସ ଅଧରକାରୀ ଉତ୍ତରପ୍ରଦେଶର ସମାଜବାଦୀ ପାର୍ଟି ସହିତ ଜଡିଥିବାର ଅନୁମାନ କରଯାଇଛି।

# ସ୍କୁଲର ସବୁ କ୍ଲାସ ରୁମରେ ଲାଗିବ ଟିଭି

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଚଳିତ ବଜେଟରେ ଛାତ୍ରାଛାତ୍ରୀଙ୍କ ପାଇଁ ପ୍ରଧାମନ୍ତ୍ରୀ ଇ –ବିଦ୍ୟା ଯୋଜନାର ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଡିଜିଟାଲ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ। ଇ-ବିଦ୍ୟା ଯୋଜନାରେ ୨୦୦ଚ୍ୟାନେଲରେ ଶିକ୍ଷାଦାନ କରାଯିବ। ଶିକ୍ଷାର ମାନକୁ ବଢାଇବା ପାଇଁ ଡିଟିଏଚ ସୁବିଧା ଦିଆଯିବ। ଦ୍ୱାଦଶ ଶ୍ରେଣୀ ଯାଏଁ ଛାତ୍ରଛାତ୍ରୀଙ୍କୁ ଆଂଚଳିକ ଭାଷାରେ ଶିକ୍ଷାଦାନ କରାଯିବ। ଗୋଟିଏ ଶ୍ରେଣୀ, ଗୋଟିଏ ଟିଭି ଚ୍ୟାନେଲରେ ପାଠାପଢା ହେବ। ଏହାସହ ୨ଲକ୍ଷ ଅତ୍ୟାଧୁନିକ ଅଙ୍ଗନଓାଡି କେନ୍ଦ୍ର ତିଆରି ହେବ। ଶିକ୍ଷା ଭଳି ସ୍ୱାସ୍ଥ୍ୟ ଭିତିଭୂମିକୁ ମଜଭୁଜ କରିବାକୁ ସରକାର ଚେଷ୍ଟା କରିଛନ୍ତି। ମହିଳାଙ୍କ ଓ ଶିଶୁଙ୍କ ପାଇଁ ପୋଷଣ ୨.୦ଯୋଜନା କରାଯାଇଛି।




## ପ୍ରଥମ ପୃଷ୍ଠାରୁ...

### ମୋଦିଙ୍କ...

ଏପଯ୍ୟନ୍ତୁ ପ୍ରାୟ ୧୫,୪୭୭ଟି ଭିଡିଓ ଅପଲୋଡ ହୋଇଛି। ତେବେ ଅନେକ ନେତା ୟୁଟ୍ୟୁବ୍ ଆକାଉଣ୍ଟ ଖୋଲିଥିବା ବେଳେ ମୋଦିଙ୍କର ଅଧିକ ସବସ୍କ୍ରାଇବର ଅଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ପରେ ବ୍ରାଜିଲର ରଷ୍ଟ୍ରପତି ଜାୟର ବୋଲସନାରୋଙ୍କର ୟୁଟ୍ୟୁବ ଚ୍ୟାନେଲ ୩୬ଲକ୍ଷ ସବସ୍କ୍ରାଇବର ଅଛନ୍ତି। ତେବେ ସାରା ବିଶ୍ୱରେ ପ୍ରଧାମନ୍ତ୍ରୀ ମୋଦି ହେଉଛନ୍ତି ଜଣେ ନେତା ଯାହାଙ୍କର ୟୁଟ୍ୟୁବ ଚ୍ୟାନେଲ ୧କୋଟି ସବସ୍କ୍ରାଇବର ପାର କରିଛି।

### କେନ୍ଦ୍ର...

ଉପରେ ବିଶେଷ ପ୍ରଭାବ ପ୍ରଭାବିତ କରିବ। କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାଜ୍ୟରେ ଚାଲିଥିବା ମାଣ୍ଡିଆ ବା ମିଲେଟ ମିଶନ ।ଅନେକ ଲୋକ ରୋଜଗାର କ୍ଷମ ହୋଇପାରିଛନ୍ତି। ଏହା କୁପୋଷଣ ଦୂର କରିବାର ବିଶେଷ ସହୟକ ହୋଇପାରିଛି। କେନ୍ଦ୍ର ବଜେଟରେ ମିଲେଟ ମିଶନକୁ ସ୍ଥାନ ଦିଆଯାଇଥିବାକୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି କୋଭିଡ ସମୟରେ ସ୍ୱାସ୍ଥ୍ୟ ସମୟରେ ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଟେକ୍ନୋଲୋଜି ଭିତିଭୂମିର ବିକାଶକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି।

### ଏଣିକି...

ଫୋନ୍ ଉଠାଇବେ, ଅନୁପସ୍ଥିତି ଥିଲେ କଲ୍ ବ୍ୟାକ୍ କରିବେ। ଜନପ୍ରତିନିଧିଙ୍କ ସହ କାର୍ଯ୍ୟ କରୁଥିବାବେଳେ ବିଳମ୍ବ ନୀତି ଆପଣାଇବେ ନାହିଁ। ମନ୍ତ୍ରୀ, ସାଂସଦ ଓ ବିଧାୟକ ଉପସ୍ଥିତ ଥିଲେ ଉତ୍ସବରେ ସରକାରୀ ଅଧିକାରୀ ପୌରୋହିତ୍ୟ କରିପାରିବେନି। ବୁକ୍ ସର୍କୁଲାର୍-୪୭ ଉଲ୍ଲଂଘନ କରୁଥିବା ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ପୂର୍ବରୁ ବର୍ଷ ବର୍ଷ ଧରି ଏହି ଅଭିଯୋଗ ଶାସକ ଓ ବିରୋଧୀ ସଦସ୍ୟଙ୍କ ପକ୍ଷରୁ କରାଯାଇଥିଲେ ହେଁ ଏବେ କିପରି କାର୍ଯ୍ୟ କରୁଛି ତାହା ଆଗକୁ ଜଣାପଡିବ।

### କରୋନା...

କ୍ଷତିପୂରଣ ରାଜ୍ୟଗୁଡିକୁ ଦିଅନ୍ତୁ ବୋଲି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏକାଧିକ ରାଜ୍ୟ ବୈଷୟିକ ତ୍ରୁଟିକୁ ଢାଲ କରି କରୋନା ଜନିତ ମୃତ୍ୟୁ ସମ୍ପର୍କରେ ହୋଇଥିବା ଆବେଦନକୁ ଅଗ୍ରାହ୍ୟ କରିଦେଉଛନ୍ତି। ଏଥିସହ ସେମାନଙ୍କ ପରିବାର ଲୋକ କ୍ଷତିପୂରଣ ପାଇଁ ଦାବି କରୁଥିଲେ ମଧ ରାଜ୍ୟ ସରକାରମାନେ ଦେଉନାହାଁନ୍ତି। ଏପରି ଘଟଣା ବିଭିନ୍ନ ରାଜ୍ୟରେ ଘଟୁଥିବାରୁ ଶୁକ୍ରବାର ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ୍ ଏମଆର୍ ଶାହ ଓ ଜଷ୍ଟିସ୍ ଭିଭି ନାଗରତ୍ନାଙ୍କ ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ।

ଶୁଣାଣି ବେଳେ ଖଣ୍ଡପୀଠ କହିଛନ୍ତି, ରାଜ୍ୟଗୁଡିକ କରୋନା ମୃତ୍ୟୁ ନେଇ ଜାରି କରୁଥିବା ତଥ୍ୟରେ ସଂପୂର୍ଣ୍ଣ ସତ୍ୟତା ନାହିଁ। ତେଣୁ ମୃତକଙ୍କ ପରିବାର ମିଛ କଥା କହି କ୍ଷତିପୂରଣ ଦାବି କରୁଛନ୍ତି ବୋଲି ରାଜ୍ୟଗୁଡିକ କହିପାରିବେ ନାହିଁ। ସେମାନଙ୍କୁ କେବେ ହେଲେ କ୍ଷତିପୂରଣ ପାଇଁ ମନା କରାଯିବନି।

ମହାରାଷ୍ଟ୍ର ସରକାର ୬୦ ହଜାର ଲୋକଙ୍କ ଆବେଦନକୁ ଅଗ୍ରାହ୍ୟ କରିଥିଲେ। ଏଥିସହ ଆହୁରି ଅନେକ ରାଜ୍ୟ ଠିକଣା ସମୟରେ କରୋନା ମୃତ୍ୟୁ ପାଇଁ ଘୋଷଣା ହୋଇଥିବା ୫୦ ହଜାର ଟଙ୍କା ସେମାନଙ୍କ ପରିବାର ଲୋକଙ୍କୁ ଦେଉନାହାଁନ୍ତି। ଏହାକୁ ନେଇ ଖଣ୍ଡପୀଠ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଲୋକଙ୍କୁ ସହଯୋଗ କରିବା ସରକାରଙ୍କ କର୍ତ୍ତବ୍ୟ। ଆପଣମାନେ କୌଣସି ବଦାନ୍ୟ କାମ କରୁନାହାଁନ୍ତି। ଗୋଟିଏ ଜନକଲ୍ୟାଣକାରୀ ରାଜ୍ୟର ଏହା ହେଉଛି ଡ୍ୟୁଟି। କାହିଁକି ଆପଣ ଲୋମାନଙ୍କୁ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ପଠାଉଛନ୍ତି ? ଲୋକଙ୍କୁ ସହଯୋଗ ହୃଦୟର ସହ କରନ୍ତୁ।

ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱାର୍ଯ୍ୟା ଭାଟି ରାଜ୍ୟଗୁଡିକ ପକ୍ଷରୁ ମିଳିଥିବା ତଥ୍ୟକୁ ସୁପ୍ରିମ୍‌କୋର୍ଟରେ ଦାଖଲ କରିଥିଲେ। ଏହାକୁ ଦେଖିବା ପରେ ଖଣ୍ଡପୀଠ କହିଛି ଯେ, କ୍ଷତିଗ୍ରସ୍ତ ପରିବାର ବର୍ଗଙ୍କୁ ସହଯୋଗ କରିବା ପାଇଁ ସରକାର ସକ୍ରିୟ ଭାବେ କାର୍ଯ୍ୟ କରିବା ଦରକାର। ନୋଡାଲ ଅଫିସର ନିଯୁକ୍ତ କରି ଲୋକଙ୍କ ଦାବିର ତୁରନ୍ତ ସମାଧାନ କରିବାକୁ ମଧ ପରାମର୍ଶ ଦିଆଯାଇଛି। ଯଦି ସପ୍ତାହ ମଧ୍ୟରେ ଲୋକଙ୍କ ଆବେଦନର ସମାଧାନ ନ କରାଯାଏ, ତା ହେଲେ ଏହାକୁ ଗୁରୁତ୍ୱର ଭାବେ ତ୍ରୁଟି ଭାବେ ବିଚାର କରାଯିବ ବୋଲି ମଧ ଖଣ୍ଡପୀଠ ଚେତାବନୀ ଦେଇଛନ୍ତି।

# ସାମନାକୁ ଆସିଲା ଚୀନର ବର୍ବରତା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଅରୁଣାଚଳ ପ୍ରଦେଶର ଯୁବକ ମିରାମ ତାରୋଙ୍କୁ କିଛି ଦିନ ପୂର୍ବରୁ ଚୀନ୍ ସେନା ଭାରତ-ଚୀନ୍ ସୀମାରେଖା ନିକଟରୁ ଅପହରଣ କରି ନେଇଥିଲା ଏହା ପରେ ତାଙ୍କୁ ଭାରତକୁ ଫେରାଇବା ପୂର୍ବରୁ ୮ଦିନ ନିର୍ଯାତନା ଦିଆଯାଇଥିଲା ଏହି ଘଟଣା ବିଷୟରେ ମିରାମ ତାରୋମଙ୍କ ବାପା ସୂଚନା ଦେଇଛନ୍ତି। ଏକ ଇଂରାଜୀ ଖବର କାଗଜର ରିପୋର୍ଟ ଅନୁଯାୟୀ ମିରାମର ବାପା ଓପଙ୍ଗ ତାରନ୍ କହିଛନ୍ତି ଯେ ମୋ ପୁଅ ମାନସିକ ଭାବରେ ଏପରି ଭାଙ୍ଗି ପଡିଛି ଯେ ସେ କାହା ସହିତ କଥାବାର୍ତ୍ତା କରିପାରୁ ନାହିଁ। ଓପଙ୍ଗ୍ ତାରନ୍ କହିଛନ୍ତି, ମୋ ପୁଅକୁ ଚୀନର ସେନା ବାହିନୀ ପିଏଲଏ ହାତଗୋଡ ଓ ଅଖିରେ ପଟି ବାନ୍ଧି ୨୦୯ଘଣ୍ଟା ପର୍ଯ୍ୟନ୍ତ ନିର୍ଯାତନା ଦେଇଥିଲା ତାକୁ ବିଜୁଳିର କରେଣ୍ଟ ଦିଆ ଯାଉଥିଲା ଅମାନୁଷିକ ଭାବେ ପିଠିରେ ଗୋଇବା ଓ ଘୁଷା ମାରୁଥିଲେ। ଓପଙ୍ଗ୍ ତାରନ୍ କହିଛନ୍ତି ତାଙ୍କ ପୁଅ ତାଙ୍କୁ ତା ସହ ଘଟିଥିବା ଘଟଣା ବିଷୟରେ ବର୍ଣ୍ଣନା କରିଛି। ମିରାନ୍ ତାର ବାପାଙ୍କୁ କହିଛି, ତାକୁ ସୀମାର ନୋ ମ୍ୟାନ୍ସ ଲ୍ୟାଣ୍ଡ ରୁ ଚୀନ୍ ସେନା ଅପହରଣ କରିଥିଲା ଏହା ପରେ ତାର ଆଖିରେ ପଟି ବାନ୍ଧି ଏକ ଶିବିରକୁ ନେଇ ଯାଇଥିଲେ। ସେହି ଜାଗା ବୋଧେ ନୋ ମ୍ୟାନ୍ସ ଲ୍ୟାଣ୍ଡରୁ ପାଖପାଖି ୧କିଲୋମିଟର ହେବ। ଜାନୁଆରି ୨୭ତାରିଖ ଭାରତକୁ ଅର୍ପଣ କରାଯିବାର କିଛି ମିନିଟ୍ ପୂର୍ବ ତାକୁ ନିର୍ଯାତନା ଦିଆ ଯାଇଥିଲ। ତାକୁ ସେହି ସମୟ ପର୍ଯ୍ୟନ୍ତ ଆଖି ଉପରେ ପଟି ବାନ୍ଧି ବିରଖା ଯାଇଥିଲେ ତାକୁ ଖାଇବା ପିଇବା ଓ ପାଇଖାନାର ଯିବା ସମୟ ବ୍ୟତୀତ ଅନ୍ୟ ସମୟରେ ବାନ୍ଧିକି ରଖା ଯାଉଥିଲା ବିଜୁଳି ଝଟକା ଦେବା ପାଇଁ ଲାଇଟର୍ ଭଳି ଏକ ଜିନିଷର ବ୍ୟବହାର କରାଯାଉଥିଲା ତାଙ୍କୁ ଖାଇବା ସମୟରେ ମଧ ନିର୍ଯ୍ୟାତନା ଦିଆଯାଉଥିଲେ। ଜିଂଦୋ ଗ୍ରାମରେ ରହୁଥିଲେ ମିରାମ ଓ ତାର ସାଙ୍ଗକୁ ଜାନୁଆରି ୧୮ତାରିଖ ଦିନ ଚୀନୀ ସେନା ଉଠାଇ ନେଇଥିଲେ। ତେବେ ମିରାମର ସାଙ୍ଗ କୌଶଳକ୍ରମେ ଚୀନା ସେନା କବଳରୁ ଖସି ଆସି ଭାରତୀୟ ସେନାକୁ ଖବର ଦେଇଥିଲା। ଚୀନ୍ ସେବା ପ୍ରଥମେ ମାନି ନଥିଲା କିନ୍ତୁ ପରେ ଜାନୁଆରି ୨୦ତାରିଖ ଦିନ ଏକ ଭାରତୀୟ ନାବାଳକ ଆମ ନିକଟରେ ଅଛି ବୋଲି ମାନିଥିଲା।



# ବଢିବ ପେନ୍‌ସନ୍ !

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କେନ୍ଦ୍ର ସରକାରଙ୍କ ଅଧିନସ୍ଥ କର୍ମଚାରୀ ମାନଙ୍କ ପାଇଁ ସରକାର ଖବୁଶୀଘ୍ର ଏକ ଖୁସି ଖବର ଦେବାକୁ ଯାଉଛନ୍ତି। କୁହାଯାଉଛି କି ସରକାରୀ କର୍ମଚାରୀ ମାନଙ୍କର ଅବସର ଗ୍ରହଣର ବୟସସୀମା ବୃଦ୍ଧି କରାଯିବା କରିବା ସହିତ ପେନସନ୍ ଟଙ୍କାରେ ପରିମାଣ ବୃଦ୍ଧିକରିବା ବିଷୟରେ ଉଲ୍ଲେଖ କରାଯାଇଛି। ବରିଷ୍ଠ ନାଗରିଙ୍କ ପାଇଁ ସାମାଜିକ ସୁରକ୍ଷା ବ୍ୟବସ୍ଥା କମିଟି ପକ୍ଷରୁ ଜାରୀ ରିପୋର୍ଟ ଅନୁସାରେ କର୍ମଚାରୀ ମାନେ ଅବସର ପରେ ଯେଉଁ ପେନ୍‌ସନ୍ ପାଉଥିଲେ ସେଥିରେ ଆଉ ଦୁଇ ହାଜର ଟଙ୍କା ବୃଦ୍ଧି କରାଯିବ ବୋଲି କୁହାଯାଉଛି। ବରିଷ୍ଠ କର୍ମଚାରୀ ମାନଙ୍କର ତମାମ ସୁବିଧା ସୁଯୋଗ ତଥା ଉତ୍ତମ ବ୍ୟବସ୍ଥା ଲାଗୁ କରିବାକୁ କମିଟି ଚାହିଁଛି। ଯେପରି କର୍ମଚାରୀ ମାନେ ଏଥିରେ ଉପକୃତ ହୋଇପାରିବେ। ରିପୋର୍ଟରେ ଉଲ୍ଲେଖ ରହି ଛି ଯେ ଯଦି ରୋଜଗାରର ବୟସ ସୀମାକୁ ବୃଦ୍ଧି କରାଯାଇଛି, ତାହେଲେ ଅବସରର ବୟସ ସୀମାକୁ ମଧ ବଢିବା ଆବଶ୍ୟକ କାହିଁକି ନା ସାମାଜିକ ବ୍ୟବସ୍ଥା ଭିତରେ ଥିବା ଚାପକୁ ହ୍ରାସ କରିବା ପାଇଁ ଏଭଳି କରାଯାଇଛି। ଏବଂ ଏହାଦ୍ୱାରା ୫୦ବର୍ଷରୁ ଉଦ୍ଧ୍ୱର୍ କର୍ମଚାରୀଙ୍କ କ୍ଷେତ୍ରରେ ବିକାଶ ହେବ ବୋଲି କହାଯାଉଛି। କେବଳ ଏତିକି ନୁହେଁ ଏହା ଦ୍ୱାରା ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ନୀତି ପ୍ରସ୍ତୁତ କରିବା ଦରକାର ଯାହା କି କର୍ମଚାରୀମାନଙ୍କର ଦକ୍ଷତା ବିକାଶ ଓ ପ୍ରତିଭାକୁ ଉତ୍ସାହିତ କରିପାରିବ। ଏହା ସହିତ ଦୁର୍ଗମ ଅଂଚଳ,ଶରଣାର୍ଥୀ,ଅପହଂଚ ଇଲାକାରେ ଅସଂଗଠିତ ଭାବରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ କ୍ଷେତ୍ରରେ ମଧ ଏହା ବିଶେଷ ଫଳପ୍ରଦ ହେବା ବୋଲି କୁହାଯାଉଛି।

RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ଫେବୃୟାରୀ ୭ ରୁ ୧୩, ୨୦୨୨, ଜଗତସିଂହପୁର

February 7 to 13, 2022, Jagatsinghpur

www.samparkabarta.in





# ଯୋଗାଣ ଅଧିକାରୀଙ୍କ ଘରେ ଭିଜିଲାନ୍ସ ରେଡ୍

**ନୂଆପଡା(ସଂପର୍କବାର୍ତ୍ତା):-** ଭିଜିଲାନ୍ସ ଏସିଏସ୍ଓ । ନୂଆପଡା ସହକରୀ ଯୋଗାଣ ଅଧିକାରୀଙ୍କ ଘରେ ହୋଇଛି ଭିଜିଲାନ୍ସ ରେଡ୍ । ଅତିରକ୍ତ ସହକାରୀ ଯୋଗାଣ ଅଧିକାରୀ ରତ୍ନାକର ସେଠୀଙ୍କ ଘରେ ରେଡ୍ ହୋଇଥିବା ଜଣାପଡିଛି । ଆୟ ବିହର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ହୋଇଛି ଭିଜିଲାନ୍ସ ଚଢାଉ । ନୂଆପଡା ଓ କଟକ ସମେତ ୬ଟି ସ୍ଥାନରେ ଏକକାଳୀନ ଚଢାଉ କରିଛି ଭିଜିଲାନ୍ସ ଟିମ । ଦୁଇଟି ଅଟ୍ଟାଳିକା, କଲ୍ୟାଣ ମଣ୍ଡପ ଓ ବହୁ ଅଳଙ୍କାର ଠାବ କରାଯାଇଛି । ଚାଉଳିଆଗଞ୍ଜରେ ୩ମହଲା ଓ ବାଲିସାହିରେ ୨ମହଲା କୋଠା ଠାବ ହୋଇଛି । କଟକ ମଧୁପାଟଣା ରେ ଗୋଟିଏ କଲ୍ୟାମ ଉପ୍ତପ ଠାବ କରାଯାଇଛି । ଏହା ସହ ୧କୋଟି ୧୩ଲକ୍ଷ ଟଙ୍କାର ବୀମା କାଗଜପତ୍ର ଓ ଚୌଦ୍ୱାରରେ ୩ ଏକର ଜମି ଠାବ ହୋଇଥିବା ଜଣାପଡିଛି । ୪୯୮ଗ୍ରାମର ସୁନା ଗହଣା ଓ ଅଢେଇ କେଜିର ରୂପା ଗାହଣ ଜବତ କରାଯାଇଛି ।




# ବିପଦ ବେଳେ ବିଧାୟକଙ୍କ ଦେଖା ନାହିଁ ଭୋଟ ମାଗିବାକୁ ଆସି ହଟହଟା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପଞ୍ଚାୟତ ନିର୍ବାଚନ ପାଇଁ ଗାଁକୁ ପ୍ରଚାର ପାଇଁ ଯାଇଥିବା ବିଧାୟକଙ୍କୁ ହଟହଟା ହେବାକୁ ପଡିଛି । ଗ୍ରାମବାସୀ ବିଧାୟକ ଦୀର୍ଘ ସମୟ ଧରି ଅଟକ ରଖିଥରବା ବେଳେ ବିଧାୟକ ବେସ ହଟହଟାର ଶୀକାର ହୋଇଛନ୍ତି । ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍‌ର ବିଦେଇପୁର ପଞ୍ଚାୟତକୁ ସ୍ଥାନୀୟ ସରପଞ୍ଚ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯାଇଥିଲେ । ବିଦେଇପୁର ପଞ୍ଚାୟତର ଗୋପାଳ ସାହିରେ ଘର ଘର ବୁଲି ନିର୍ବାଚନ ପ୍ରଚାର କରୁଥିବା ବେଳେ ଘେରି ଯାଇଥିଲେ ଗ୍ରାମବାସୀ । ବାତ୍ୟା ଓ କରୋନା ସମୟରେ ବିଧାୟକ ଥରୁଟିଏ ବି ଗାଁକୁ ଆସି ନଥିଲେ ବୋଲି ଜଣାପଡିଛି । ଏବେ ନିର୍ବାଚନ ସମୟରେ ଭୋଟ ମାଗିବା ପାଇଁ ଆସିଛନ୍ତି । ବିପଦ ସମୟରେ ବିଧାୟକ କେଉଁଠି ଥିଲେ ବୋଲି ଗ୍ରାମବାସୀ ପ୍ରଶ୍ନ କରି ବିଧାୟକଙ୍କୁ ଘେରି ଯାଇଥିଲେ । ବାଧ ହୋଇ ବିଧାୟକ ଗ୍ରାମର ଜଣଙ୍କ ଘରେ ଯାଇ ଆଶ୍ରୟ ନେଇଥିଲେ । ଦୀର୍ଘ ସମୟ ଧରି ବିଧାୟକ ଘର ଭିତରେ ଥିବା ବେଳେ ଗ୍ରାମବାସୀ ବାହାରେ ହୋ ହାଲ୍ଲା କରିଥିଲେ । ଶେଷରେ କସିଆ ସାମୁଦ୍ରିକ ଥାନା ପୋଲିସ୍ ଆସି ବିଧାୟକଙ୍କୁ ଉଦ୍ଧାର କରିଥିଲେ । ତେବେ ଏ ନେଇ ବିଧାୟକ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାଁନ୍ତି ।

# କଟକରେ ସେକ୍ସ ରାକେଟ୍

**କଟକ(ସଂପର୍କବାର୍ତ୍ତା):-** କଟକ ଲାଲବାଗ ଥାନା ଅଂଚଳରେ ଚାଲିଛି ସେକ୍ସ ରାକେଟ । ଆରଏନଟି କଲୋନିରେ ସେକ୍ସ ରାକେଟ ଠାବ । କଲୋନୀର ଶରତ ଚନ୍ଦ୍ର ଚାନ୍ଦ ଓ ତାଙ୍କ ପତ୍ନୀ ନିଜ ଘରେ ସେକ୍ସ ରାକେଟ କାରବାର ଦୀର୍ଘ ଦିନ ହେବ ଜାରି ରଖିଥିଲେ । ଘଟଣାରେ ଜଣେ ଗ୍ରାହକ ଦୁର୍ଯ୍ୟୋଧନ ସେଠି, ଦଲାଲ ସୁଜାତା କୁମାରୀ ମଧ ଧରାପଡିଛନ୍ତି । ସେପଟେ ପୋଲିସ ଅଭିଯୋଗ ଘଟଣାସ୍ଥଳରେ ରେଡ କରିବା ସହ ଦେହଜୀବୀଙ୍କୁ ଅଟକ ରଖିଛି । ଏହୋ ସେକ୍ସ ରାକେଟ ପଛରେ କେବଳ ସ୍ୱାମୀ ଓ ସ୍ତ୍ରୀ ନା ଅନ୍ୟ କିଏ ଲିପ୍ତ ଅଛନ୍ତି ? ତାହାର କାରଣ ଖୋଜୁଛି ପୋଲିସ । ଲାଲବାଗ ଥାନାରେ ଦେହଜୀବୀଙ୍କୁ ପୋଲିସ ଅଟକ ରଖି ଛାନଭିନ ଆରମ୍ଭ କରିଛି ।




# ଭୁବନେଶ୍ୱରରେ ମାସକରେ କୋଟିଏ ଚଳୁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟରେ ବଢିବାରେ ଲାଗିଛି ସାଇବର ଫ୍ରଡ୍ । ତେବେ ଗୋଟିଏ ମାସରେ କୋଟିଏ ଟଙ୍କାରୁ ଅଧିକ ଚଳୁ କରିନେଇଛନ୍ତି ସାଇବର ଠକ କମିଶନରେଟ୍ ପୋଲିସର ସୂଚନା ମୁତାବକ,ଗତ ମାସରେ କେବଳ ଭୁବନେଶ୍ୱରରୁ ୧କୋଟି ୩୧ ୨୫ହଜାର ୩୦ଟଙ୍କାର ସାଇବର ଫ୍ରଡ୍ ହୋଇଛି । ମାସକ ମଧ ରେ ଭୁବନେଶ୍ୱର ସାଇବର ଥାନାକୁ ୩୬୦ଟି ମାମଲା ଆସିଥିବା ବେଳେ କେବଳ ଭୁବନେଶ୍ୱରରୁ ୩୩୧ଟି ଅଭିଯୋଗ ଆସିଥିଲେ । ଗତ ୨୦୨୧ଜାନୁଆରୀ ରେ ୫୨ଲକ୍ଷ ଟଙ୍କାର ସାଇବର ଠକେଇ ହୋଇଥିଲେ ବେଳେ ବର୍ଷ ପ୍ରାୟ ଅଢେଇ ଗୁଣା ବୃଦ୍ଧି ପାଇଛି । ତେବେ ଏହାକୁ ରୋକିବା ପାଇଁ ରାଜ୍ୟର ୧୪ଟି ସହରରେ ସାଇବର ଥାନା ଖୋଲା ଯାଇଥିଲେ ହେଁ କୌଣସି ସୁଫଳ ମିଳୁନାହିଁ । ତେବେ ଏଠାରେ ପ୍ରଶ୍ନ ଉଠୁଛି, ଏହି ଠକେଇ ପଛର ପ୍ରକୃତ କାରଣ କଣ ? ଏହି ଅପରାଧ ଯଦି ଆଗକୁ ବଢିଚାଲେ, ତେବେ ଜନସାଧାରଣଙ୍କର ଧନଜୀବନ ସୁରକ୍ଷିତ ରହିବ ତ ? ତେବେ ଅଯଥାରେ ପୋଲିସକୁ, ପ୍ରଶାସନକୁ, ରାଜ୍ୟ ସରକାରକୁ ଦୋଷ ଦେଇ କିଛି ଲାଭ ନାହିଁ । ଏହି ଠକାମି ପାଇଁ ଲୋକମାନେ ନିଜେ ହିଁ ଦାୟୀ । ଦିନକୁ ଦିନ ସୋସିଆଲ ମିଡିଆ ବଢି ଚାଲିଥିବା ବେଳେ ଜନସାଧାରଣଙ୍କର ଧନୀଜୀବନ ସୁରକ୍ଷତି ରହିବ ତ ? ଏହି ଠକାମି ପାଇଁ ଲୋକମାନେ ନିଜେ ହିଁ ଦାୟୀ ଦିନେକୁ ଦିନ ସୋସିଆଲ ମିଡିଆ ବଢି ଚାଲିଥିବା ବେଳେ ଜନସାଧାରଣ ସେଇ ପୁରୁଣା ଷ୍ଟାଇଲରେ ବୋକାଙ୍କ ପରି ରହି ଯାଉଛନ୍ତି । ଯେତେବେଳେ ଜଣଙ୍କ ପାଖରୁ ୨ଲକ୍ଷ,୫ଲକ୍ଷ ୧୫ଲକ୍ଷ ଟଙ୍କାର ଠକେଇ ହୁଏ, ସେ ଯୁବକ ବା ଯୁବତୀ ଜଣଙ୍କ କେବେ ବି ଜଣେ ଗରିବ କେବେ ବି ହୋଇନଥିବେ । ଯଦି ବା ଜଣେ ଗରିବ ହୋଇଥିବ, ସେ ଏତେ ଅଶିକ୍ଷତ ହୋଇନଥିବ । ଯଦି ଅଶିକ୍ଷିତ, ତେବେ ମୋବାଇଲ ଧରିବା ଛାଡିଦିଅନ୍ତୁ । ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ,ଶିକ୍ଷିତ ଲୋକମାନେ ହିଁ ଶୋଇ ଓଟିପି ଚାଲିଥିବା, ଚେନାର କଳାକଳା ବୁଲାଇ ଚାଲିଥିବ ।




# ନିଶାବଟିକା ଦେଇ ଡାକ୍ତରଙ୍କ ଶାରୀରିକ ସମ୍ପର୍କ

**ସମ୍ବଲପୁର(ସଂପର୍କବାର୍ତ୍ତା):-** ନିଶା ବଟିକା ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ ଜଣେ ଡାକ୍ତର । ସମ୍ବଲପୁର ଜିଲ୍ଲା ବୁର୍ଲା ଥାନାରେ ଗତ ୧ ତାରିଖରେ ଏହି ଅଭିଯୋଗ ଆଣିଛନ୍ତି ଯୁବତୀ ଜଣକ । ତାଙ୍କ ଅଭିଯୋଗ କ୍ରମେ ନୂଆପଡା ଜିଲ୍ଲାରେ କାର୍ଯ୍ୟରତ ଡାକ୍ତର କମଳକାନ୍ତ ସାହୁଙ୍କ ନାମରେ ପୋଲିସ୍ ମାମଲା ରୁଜୁ କରି ତଦନ୍ତ କରୁଛି । ପୋଲିସ୍ ତଦନ୍ତ ଆଳରେ ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫ କରୁନଥିବା କୁହାଯାଉଛି । ଅନ୍ୟପଟେ ଡାକ୍ତର ସାହୁ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି ।

ସୂଚନାକ୍ରମେ ଡାକ୍ତର କମଳାକାନ୍ତ ବୁର୍ଲା ଭିମ୍‌ସାରେ ପଢୁଥିବା ସମୟରେ ଯୁବତୀ ଜଣଙ୍କ ନିଜ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ଯାଇଥିଲେ । ଏହି ସମୟରେ ଡାକ୍ତର ଯୁବତୀଙ୍କ ସହ ସମ୍ପର୍କ ବଢାଇଥିଲେ । ଧିରେ ଧିରେ ଉଭୟଙ୍କ ମଧରେ ପ୍ରେମ ସମ୍ପର୍କ ଗଢିଉଠିଥିଲା । ପରେ କମଳାକାନ୍ତ ଯୁବତୀଙ୍କୁ ବାହାରକୁ ବୁଲାଇନେବାକୁ କହି ନିଶାବଟିକା ଦେଇ ବଳାତ୍କାର କରିଥିଲେ । ଯୁବତୀଜଣକ ଗର୍ଭଧାରଣ କରିଥିବା ଜାଣିବା ପରେ ଅଭିଯୁକ୍ତ ଡାକ୍ତର ତାଙ୍କୁ ଔଷଧ ଦେଇ ଗର୍ଭପାତ କରିଥିଲେ । ପରେ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ବାରମ୍ବାର ଶାରୀରିକ ସଂପର୍କ ରଖିଥିଲେ । ଯୁବତୀ ପୁଣିଥରେ ଗର୍ଭଧାରଣ କରିବାରୁ ଡାକ୍ତର ତାଙ୍କ ଗର୍ଭପାତ କରିଥିଲେ । କମଳାକାନ୍ତଙ୍କ ନୂଆପଡା ଜିଲ୍ଲାରେ ପୋଷ୍ଟିଂ ହେବା ପରେ ଯୁବତୀଙ୍କଠାରୁ ଦୂରେଇ ଯାଇଥିଲେ । ତାଙ୍କୁ ବିବାହ କରିବାକୁ ଯୁବତୀ କହିବାକୁ ସେ ମନା କରିଦେଇଥିଲେ । ଶେଷରେ ଅନ୍ୟ ଉପାୟ ନ ପାଇ ଯୁବତୀ ଜଣକ ଆଇନ୍‌ର ଆଶ୍ରୟ ନେଇଛନ୍ତି । ଜଣେ ଡାକ୍ତର ହୋଇଗର୍ଭପାତ କରାଇବା ଓ ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଉଛି । ଏ ସମ୍ପର୍କରେ ବୁର୍ଲା ଥାନା ଅଧିକାରୀ କମଳ ଲୋଚନ ପଣ୍ଡା କହିଛନ୍ତି, ଯୁବତୀଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା ରୁଜୁ ହୋଇଛି । ଯୁବତୀଙ୍କ ଡାକ୍ତରୀ ମାଇନା ସହ ୧୬୪ରେ ବୟାନ ରେକର୍ଡ କରାଯାଇଛି । ପ୍ରମାଣ ସଂଗ୍ରହ କରାଯାଉଛି । ଖୁବ୍‌ଶୀଘ୍ର ଅଭିଯୁକ୍ତକୁ ଗିରଫ କରାଯିବ ।



# ମହଙ୍ଗା ଭତ୍ତା ବୃଦ୍ଧି କଲେ କେନ୍ଦ୍ର ସରକାର

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** କେନ୍ଦ୍ର ସରକାର କର୍ମଚାରୀଙ୍କ ପାଇଁ ଖୁସି ଖବର । ୧୪% ମହଙ୍ଗା ଭତ୍ତା ବୃଦ୍ଧି କଲେ କେନ୍ଦ୍ର ସରକାର । କେନ୍ଦ୍ର ବଜେଟ୍ ୨୦୨୨ର ପରଦିନ ମୋଦି ସରକାର କର୍ମଚାରୀଙ୍କୁ ବଡ ଉପହାର ଦେଇଛନ୍ତି । କୁହାଯାଉଛି କି କେନ୍ଦ୍ର ସରକାର କର୍ମଚାରୀଙ୍କ ଭତ୍ତା ୩ ପ୍ରତିଶତ ବୃଦ୍ଧି କରିବାର ଥିଲା । ହେଲେ ସରକାର ୧୪ ପ୍ରତିଶତ ବୃଦ୍ଧି କରିଛନ୍ତି । ଯାହାକି ଆଶା କରାଯାଉଥିବା ଭତ୍ତା ଠାରୁ ପ୍ରାୟ ୫ ଗୁଣା ଅଧିକ । ଏ ନେଇ କେନ୍ଦ୍ର ସରକାର କର୍ମଚାରୀମାନେ ଖୁବ୍ ଖୁସି ଅଛନ୍ତି ।

ସୂଚନା ଅନୁଯାୟୀ ଏହା ଦ୍ୱାରା କେବଳ ସେଣ୍ଟ୍ରାଲ୍ ପବ୍ଲିକ୍ ସେକ୍ଟର ଏଣ୍ଟରପ୍ରାଇଜେସ୍ର କର୍ମଚାରୀମାନେ ଲାଭ ପାଇବେ । ଗତ ଜାନୁଆରୀରେ କେନ୍ଦ୍ରୀୟ ପବ୍ଲିକ୍ ସେକ୍ଟର ଏଣ୍ଟରପ୍ରାଇଜେସ୍ କର୍ମଚାରୀଙ୍କ ଡିଏକୁ କେନ୍ଦ୍ର ସରକାର ସଂଶୋଧନ କରିଥିଲେ । ପୂର୍ବରୁ କର୍ମଚାରୀମାନେ ୧୭୦.୫ ପ୍ରତିଶତ ହାରରେ ଭତ୍ତା ପାଉଥିଲେ, ଯାହା ବର୍ତ୍ତମାନ ୧୮୪.୧%କୁ ବୃଦ୍ଧି କରାଯାଇଛି ।



## ସରକାରୀ ଘର ନାଁରେ ଠକେଇ ମାମଲା

# ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ ରାଜା କରଣ ଗିରଫ

**କଟକ(ସଂପର୍କବାର୍ତ୍ତା):-** ସରକାରୀ ଘର ଯୋଗାଇ ଦେବା ନାଁରେ ଠକେଇ ଘଟଣାରେ ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ ରାଜା କରଣ ଗିରଫ । ରାଜାଙ୍କୁ କୋର୍ଟଚାଲାଣ କରିବ ମଧୁପାଟଣା ପୋଲିସ୍ । ରାଜାଙ୍କଠାରୁ ୧୪ଲକ୍ଷ ଟଙ୍କା ଏବଂ ନକଲି କାଗଜପତ୍ର ଜବତ କରାଯାଇଛି । ଠକେଇ ଅଭିଯୋଗରେ ରାଜା ନାଁରେ ମୋଟ୍ ୩ଟି ମାମଲା ରୁଜୁ ହୋଇଛି । ମଧୁପାଟଣା ଥାନାରେ ଓ ଗୋଟିଏ ଜଗତପୁରରେ ରୁଜୁ ହୋଇଛି ।

କନ୍ଦରପୁର ବସ୍ତିରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଠକେଇ ନେଇ ଅଭିଯୋଗ ହୋଇଥିଲା । ଘଟଣାରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି ତା'ର ତଦନ୍ତ ଜାରି ରହିଛି । ପ୍ରେସ୍‌ମିଟ୍‌ରେ ସୂଚନା ଦେଲେ ଜୋନ୍-୬ ଏସିପି ଅମରେନ୍ଦର ପଣ୍ଡା ।

## କରୋନାରୁ ସୁସ୍ଥ ହେବା ପରେ ବି ଲମ୍ବା ସମୟ ଧରି ରହୁଛି ପ୍ରଭାବ

# ଚୁଟି ଝଡିବା ଦୁର୍ବଳ ଲାଗିବା ଓ ସ୍ମରଣଶକ୍ତି ହ୍ରାସ ପାଇବା ଭଳି ଲକ୍ଷଣ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କୋଭିଡ ସଂକ୍ରମଣ ଯୋଗୁଁ ଅଧିକାଂଶ ଗୁରୁତ୍ୱ ହେଉନଥିଲେ ବି ପରିବର୍ତ୍ତି ସମୟରେ ଆକ୍ରାନ୍ତଙ୍କ ନିକଟରେ ଯେଉ ସବୁ ଲକ୍ଷଣ ଦେଖାଯାଉଛି ତାହା ଚିନ୍ତାର କାରଣ ହୋଇଛି । କୋଭିଡରୁ ସୁସ୍ଥ ହେବା ପରେ କାହାକୁ ଲମ୍ବା ସମୟ ଧରି ଦିର୍ବଳ ଲାଗୁଛି ତ ଆଉ କାହାର ଚୁଡି ଝଡିବା, ସ୍ମରଣ ଶକ୍ତି ହ୍ରାସ ପାଇବା ଭଳି ସମସ୍ୟା ଦେଖାଯାଉଛି । ତେବେ ଏହାର କାରଣ ସମ୍ପର୍କରେ ମତ ରଖିଛନ୍ତି ବିଶେଷଜ୍ଞ । ତୃତୀୟ ଲହରରେ ଗୁରୁତ୍ୱର ହେଉନାହାନ୍ତି ରୋଗୀ କୋଭିଡ ପରେ ହାଲିଆ ଲାଗୁଛି ,ଚୁଟି ଝଡୁଛି ! ଓମିକ୍ରନ ସଂକ୍ରମଣ ବଢାଉଛି ସତ,ତେବେ ଅଧିକାଂଶ ରୋଗୀ ଗୁରୁତ୍ୱର ହେଉନାହାନ୍ତି । କରୋନା ଭଲ ହେବା ପରେ ସମସ୍ୟା ଦେଖାଦେଉଛି । ସୁସ୍ଥ ହୋଇଥିବା ଅନେକ ରୋଗୀ ଦୁର୍ବଳ ଅନୁଭବ କରୁଛନ୍ତି । କାହାର ଚୁଟି ଝଡୁଛି ତ କାହାର ସ୍ମରଣ ଶକ୍ତି ଉପରେ ପ୍ରଭାବ ପଡିଛି । ଏପରି କାହିଁକି ହେଉଛି, କହିଛନ୍ତି ବିଶେଷଜ୍ଞ ଡାକ୍ତର । ରାଜ୍ୟରେ ତଳମୁହାଁ କରୋନା ସଂକ୍ରମଣ ୨୪ଘଣ୍ଟା ରେ ୩,୦୮୬ନୂଆ ଆକ୍ରାନ୍ତ । ରାଜ୍ୟରେ ସଂକ୍ରମଣ ଧୀରେ ଧୀରେ କମୁଥିବା ବେଳେ ଆଗକୁ ଭଲ ସ୍ଥିତି ଆସିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ।ସେ କହିଛନ୍ତି, ଧୀରେ ଧୀରେ କଟକଣା କୋହଳ ହେବ ଆବଶ୍ୟକ । ପ୍ରଥମ ପର୍ଯ୍ୟାୟରେ ସରସ୍ୱତୀ ପୂଜାକୁ ଅନୁମତି ଦିଆଯାଇଛି । ସ୍କୁଲ ଖୋଲିବା ଉପରେ ସରକାର ନିଷ୍ପତି ନେଇପାଇନ୍ତି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ।




# ବ୍ରିଗେଡିୟର୍ ଭିଗ୍ନେଶ ମହାନ୍ତି ଏରିଆର କମାଣ୍ଡର

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ବ୍ରିଗେଡିୟର୍ ଭେଗ୍ନେଶ ମହାନ୍ତି, ସେନା ପଦକ, ଛତିଶଗଡ ଏବଂ ଓଡ଼ିଶା ସବ୍ ଏରିଆର କମାଣ୍ଡର ଭାବରେ ବ୍ରିଗେଡିୟର୍ ପ୍ରଶାନ୍ତ ଚୋହାନ୍, ସେନା ପଦକଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି ।

ବିଦାୟୀ ସବ୍ ଏରିଆ କମାଣ୍ଡର ବ୍ରିଗେଡିୟର୍ ଚୋହାନ୍ ରାଜ୍ୟ ସରକାରଙ୍କ ସହ ଏକ ଉତ୍ତମ ବ୍ୟବସାୟିକ ସମ୍ପର୍କ ବିକାଶ ତଥା ଛତିଶଗଡ ଏବଂ ଓଡ଼ିଶା ରାଜ୍ୟରେ ସଶସ୍ତ୍ର ବାହିନୀର ପଦଚିହ୍ନକୁ ବଜାୟ ରଖିବା ତଥା ପ୍ରୋତ୍ସାହିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଜଣେ ବରିଷ୍ଠ ପୂର୍ବତନ ସେବାୟତ ମନ୍ତବ୍ୟ ଦେଇଛନ୍ତି, "ବ୍ରିଗେଡିୟର୍ ପ୍ରଶାନ୍ତ ଚୋହାନ୍‌ଙ୍କ ଅବଦାନ ଏବଂ ସୈନିକ ପୂର୍ବତନ ସେବାୟତ ଏବଂ ସୈନିକ ବିଧବାମାନଙ୍କୁ ସେବା ଯୋଗାଇଦେବା ତଥା ସମାଜର ସମସ୍ତ ପୂର୍ବତନ ସେବାୟତଙ୍କ ସମ୍ମାନ ବଢାଇବାରେ ତାଙ୍କର ନେତୃତ୍ୱ ଓ ଭୂମିକାକୁ ଆମେ ଚିରଦିନ ସ୍ମରଣ କରିବୁ"

ବ୍ରିଗେଡିୟର୍ ଭିଗ୍ନେଶ ମହାନ୍ତି, ସେନା ପଦକ, ବର୍ତ୍ତମାନ ଛତିଶଗଡ ଏବଂ ଓଡ଼ିଶା ସବ୍ ଏରିଆକୁ ନିର୍ଦ୍ଦେଶ ଦେବେ । ତିନି ଦଶନ୍ଧିରୁ ଅଧିକ ସମୟ ଧରି ଚାଲିଥିବା ତାଙ୍କର ଚମତ୍କାର ସାମରିକ କ୍ୟାରିୟର୍‌ରେ ବ୍ରିଗେଡିୟର ମହାନ୍ତି ଭାରତ ଏବଂ ବିଦେଶରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରିଣୀ ଏବଂ ପ୍ରଶାସନିକ ନିଯୁକ୍ତି ପାଇଛନ୍ତି । ସେ ନ୍ୟାସନାଲ୍ ଡିଫେନ୍ସ ଏକାଡେମୀ, ଆର୍ମି ସ୍କୁଲ୍ ଅଫ୍ ଆମ୍ମୁନିସନ୍(ୟୁକୋ), ଡିଫେନ୍ସ ସର୍ଭିସ୍ ଷ୍ଟାଫ୍ କଲେଜ ଏବଂ ନ୍ୟାସ୍‌ନାଲ ଡିଫେନ୍ସ କଲେଜରୁ ତାଲିମ ଗ୍ରହଣ କରିଛନ୍ତି । ସେ କାଶ୍ମୀର ଉପତ୍ୟକାରେ ଜଣେ ଇଞ୍ଜିନିୟର ରେଜିମେଣ୍ଟ ଏବଂ ଇଷ୍ଟର୍ଣ୍ଣ ଥିଏଟରରେ ଏକ ମାଉଣ୍ଟେନ୍ ବ୍ରିଗେଡ୍‌କୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଭୁଟାନରେ ଭାରତୀୟ ସାମରିକ ତାଲିମ କଣ୍ଟିଜେଣ୍ଟର ଏକ ଅଂଶ ହୋଇଛନ୍ତି । ସେନା ମୁଖ୍ୟାଳୟ ସମେତ ଆର୍ମିର ବିଭିନ୍ନ ସଂଗଠନରେ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତ କରାଯାଇଥିଲା ।



# ଲିଫ୍ଟରେ ଯିବା ପଡିଲା ମହଙ୍ଗା, ନିଶା ଦେଇ ବରିଷ୍ଠ ନାଗରିକଙ୍କଠାରୁ ଲୁଟିନେଲେ ଟଙ୍କା ଓ ମୋବାଇଲ

ଭୁବନେଶ୍ୱର(ସଂପର୍କବାର୍ତ୍ତା):- ବରିଷ୍ଠ ନାଗରିକ ଲିଫ୍ଟ ଦେବା ବାହାନାରେ ଗାଡିରେ ବସାଇଲେ । ସାହାଯ୍ୟ କରିବା ନାଁରେ ପିଇବାକୁ ଦେଲେ । କିନ୍ତୁ ଏହାକୁ ପିଇବା ପରେ ଅଚେତ ହୋଇପଡିଥିଲେ, ଆଉ ଏହାର ଫାଇଦା ତାଙ୍କ ଠାରୁ ନେଇଗଲେ ଟଙ୍କା ମୋବାଇଲ ଏବଂ ଏଟିଏମ କାର୍ଡ ସୂଚନା ଅନୁଯାୟୀ, ବରିଷ୍ଠ ନାଗରିକ ଜଣକ ଅନୁଗୁଳରୁ ଭୁବନେଶ୍ୱର୍ସ୍ଥିତ ନିଜ ସମ୍ପର୍କୟଙ୍କ ଘରକୁ ଆସିଥିଲେ । ତେବେ ଫେରିବା ସମୟେରେ ସେ ଆଚାର୍ଯ୍ୟ ବିହାର ଠାରେ ବସକୁ ଅପେକ୍ଷା କରିବା ସମୟରେ କିଛି ଲୋକ ତାଙ୍କୁ ଅନୁଗୁଳରେ ଛାଡି ଦେବାପାଇଁ କହିଥିଲେ । ସେମାନେ ମଧ ଅନୁଗୁଳ ଯାଉଛନ୍ତି କହୁଥିଲେ । ତେବେ ତାଙ୍କର କଥାରେ ଫସିଯାଇଥିଲେ ବ୍ୟକ୍ତି ଜଣକ ଆଉ ସେମାନଙ୍କ ସହ କାରରେ ବସି ଅନୁଗୁଳ ଯିବା ପାଇଁ ବାହାରିଥିଲେ । ତେବେ ଦୁର୍ବୃତ୍ତମାନେ ତାଙ୍କୁ ଅଧା ରାସ୍ତାରେ କିଛି ନିଶା ପାନୀୟ ଦ୍ରବ୍ୟ ପିଇବାକୁ ଦେଇଥିଲେ ଯାହାକୁ ପିଇବା ପରେ ଅଚେତ ହୋଇଯାଇଥିଲେ ବ୍ୟକ୍ତି ଜଣକ ।ଆଉ ଏହାର ସୁବିଧା ନେଇ ଦୁର୍ବୃତ୍ତମାନେ ତାଙ୍କ ପାଖରେ ଥିବା ୭୦୦୦ଟଙ୍କା ଏଟିଏମ କାର୍ଡ ଏବଂ ମୋବାଇଲ ଲୁଟ୍ କରିଥିଲେ ।



# ସମ୍ପାଦକୀୟ

## ଅର୍ନ୍ତବାଣୀ

ମଣିଷ ଗୋଟିଏ ଉପରସ୍ତରକୁ ଉନ୍ନୀତ ହେଲେ ସେ ଅତୀତର ଦୁଃଖର ଦିନଗୁଡ଼ିକୁ ଭୁଲିଯିବା ଉଚିତ ନୁହେଁ। ଜଣେ ମନୁଷ୍ୟ ଯେତେ ପ୍ରଭାବଶାଳୀ ଯେତେ ଶକ୍ତିମାନ ଯେତେ ବିଚକ୍ଷଣ ହେଉନା କାହିଁକି ସେ ତା ଭିତରେ ଥିବା ବିବେକର ବାର୍ତ୍ତାକୁ ସଦା ସର୍ବଦା ଶୁଣିବା ଉଚିତ। ଗୋଟିଏ ସହରରେ ଗୋଟିଏ ଛୋଟ ପିଲାଟିଏ ଥାଏ। ସେ ତାର ପିତାଙ୍କର ଏକ ରେଳଷ୍ଟେସନରେ ଥିବା ଚା ଦୋକାନରେ ଚା ବିକ୍ରୀ କରୁଥିଲା। ସେ କିନ୍ତୁ ଖୁବ ପରିଶ୍ରମୀ ଓ ମେଧାବୀ ଥିଲା। ପିତାମାତା ତାର ନାମ ନରେନ୍ଦ୍ର ରଖିଥିବାରୁ ସେ ନରେନ୍ଦ୍ରଙ୍କ ଗୁରୁ ରାମକୃଷ୍ଣଙ୍କର ବାଣୀ ଦ୍ୱାରା ପ୍ରଭାବିତ ହୋଇ ବିବାହ କରିଥିଲେ ମଧ୍ୟ ଭାରତୀୟ ସଂସ୍କୃତି ଓ ଐତିହ୍ୟ ଉପରେ ଖୁବ ଗବେଷଣା କରିବା ସହିତ ଧ୍ୟାନରେ ନିମଗ୍ନ ହେବା ପାଇଁ ହିମାଳୟର ପାଦଦେଶକୁ ଚାଲିଯାଇଥିଲେ। ସେ ନରେନ୍ଦ୍ରଙ୍କ ପରି ବହୁ ଚେତନାବାଦୀ ହୋଇ ପାରିଥିଲା ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରେ ନିଜର ଯୋଗଦାନ ଦେଇପାରିଥିଲା। ନରେନ୍ଦ୍ର ତାର ମାଆଙ୍କୁ ଖୁବ ସମ୍ମାନ କରୁଥିଲା।

ନରେନ୍ଦ୍ର ଧୀରେ ଧୀରେ ମୁଖ୍ୟମନ୍ତ୍ରୀ ଓ ପରବର୍ତ୍ତୀ ଅବସ୍ଥାରେ ଗୋଟିଏ ଦେଶର ପ୍ରଧାନମନ୍ତ୍ରୀ ମଧ୍ୟ ହୋଇ ପାରିଥିଲା। ଚାଷୀ ମାନଙ୍କ ଦୁଃଖ ଦୁର୍ଦ୍ଦଶା ନରେନ୍ଦ୍ରଙ୍କୁ ସବୁବେଳେ ବ୍ୟଥିତ କରୁଥିଲା। ସେ ଦେଖିଲା ଚାଷ ଉଜୁଡି ଗଲେ କିପରି ଗରୀବ ଚାଷୀଟିଏ ମୃତ୍ୟୁବରଣ କରେ। ସାରର ଅଭାବରେ ଭଲ ଫସଲ ଉତ୍ପାଦନ କରି ନପାରିଲେ ତାକୁ କିପରି ଅଭାବିବିକ୍ରୀ କରିବାକୁ ପଡ଼େ। ବଜାରରେ ଚାଷୀକୁ କିପରି ତାର ଉତ୍ପାଦନର ପ୍ରକୃତ ମୂଲ୍ୟ ମିଳିନଥାଏ। ବ୍ୟାଙ୍କର ଋଣ ବୋଝରେ ପରିବାର ପରି ଗଛଲତାର ବୋଝ ଚାଷୀକୁ କିପରି ମୃତ୍ୟୁମୁଖକୁ ଠେଲି ଦିଏ ତାର କରୁଣ ଦୃଶ୍ୟ ତାକୁ ସବୁବେଳେ ଆନ୍ଦୋଳିତ କରୁଥିଲା। ସେ ଦେଖୁଥିଲା ଗରୀବ ଚାଷୀଟିଏ କିପରି



**ଅନୀତା ପଟ୍ଟନାୟକ**
*ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ,*
*ଦୂରଭାଷ : ୯୮୬୧୧୧୮୬୭୩*

ତାର ପିଲାମାନଙ୍କୁ ପଇସା ଅଭାବରୁ ଉଚ୍ଚଶିକ୍ଷା ଦେଇପାରୁନଥିଲା। ଦେଶର ଏମ୍.ଆର.ପି. ଗୋଟିଏ ପ୍ରହସନରେ ପରିଣତ ହୋଇଥିଲା। ଦ୍ରବ୍ୟ ଉପରେ ଗୋଟିଏ ଦର ଲେଖା ହୋଇଥିଲେ ମଧ୍ୟ ବ୍ୟବସାୟୀମାନେ ତାଙ୍କ ଲାଭ ମୁତାବକ କମ ଦରରେ ବିକ୍ରୀ କରିପାରୁଥିଲେ। ଚାଷୀମାନଙ୍କ ପାଇଁ ଡାକ୍ତରୀ ସେବା ଏକ ପ୍ରହସନରେ ପରିଣତ ହୋଇଯାଇଥିଲା। ଚାଷୀମାନେ ଦେଶର ଅନ୍ନଦାତା ହୋଇ ଥିଲେ ମଧ୍ୟ ମୁଣ୍ଡ ଗୁଞ୍ଜିବା ପାଇଁ ତାଙ୍କର ଭଲ ଘରଟିଏ ନଥିଲା। ଦିନେ ତାର ପ୍ରଧାନମନ୍ତ୍ରୀତ୍ୱ ସମୟରେ ସେ ଚାଷୀମାନଙ୍କର ସଂସ୍କାର ପାଇଁ ତିନଟି କୃଷି ଆଇନ ଆଣିଲା। କିନ୍ତୁ ସେ ଏହାର ଖୁବ ବିରୋଧର ସମ୍ମୁଖୀନ ହୋଇଥିଲା। ଚାଷୀମାନେ ଉକ୍ତ ଆଇନ ଗୁଡ଼ିକୁ ଠିକ ଭାବେ ବୁଝନ୍ତୁ ବା ନବୁଝନ୍ତୁ ରାଜନୀତି ପ୍ରଣୋଦିତ ହୋଇ ବର୍ଷ ବର୍ଷ ଧରି ତାର ସରକାର ବିରୋଧରେ ଆନ୍ଦୋଳନ ଚଳାଇଲେ। ଶେଷରେ ଏପରି ହେଲା ଯେ ସେ କୃଷକମାନଙ୍କୁ କ୍ଷମା ମାଗି ଉକ୍ତ କୃଷି ଆଇନ ଗୁଡ଼ିକୁ ପ୍ରତ୍ୟାହତ କରିବା ପାଇଁ ବାଧ୍ୟ ହୋଇଥିଲା। ଏସବୁ ସତ୍ତ୍ୱେମଧ୍ୟ ନୂତନ ଆଇନ ଚାଷୀର ବିକାଶ ପାଇଁ ଆଣି ନଥିବାରୁ ସେ ଚାଷୀମାନଙ୍କର ବିରୋଧର ଶିକାର ହୋଇଥିଲା।

ଦିନକର ଘଟଣା ସେ ଏକ ଚାଷୀ ବହୁଳ ରାଜ୍ୟକୁ ଗସ୍ତ କରୁଥିବା ସମୟରେ ବିରୋଧର ଶିକାର ହେବା ଫଳରେ ତାର ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରିନଥିଲା। ସେ ତାର ସୁରକ୍ଷାକର୍ମୀ ମାନଙ୍କୁ ପଚାରିଥିଲା ମତେ କାହିଁକି ଛଡ଼ାଯାଉନାହିଁ। ଜଣେ ସୁରକ୍ଷାକର୍ମୀ କହିଲେ 'ମହାଶୟ ଚାଷୀ ଆନ୍ଦୋଳନ ସମୟରେ ଶହ ଶହ ଚାଷୀ ଯେଉଁମାନେ ମୃତ୍ୟୁବରଣ କରିଛନ୍ତି ତାଙ୍କର ପରିବାର ଲୋକେ ଆପଣଙ୍କ ଠାରୁ ନ୍ୟାୟ ଆଶା କରି ରାସ୍ତା ଅବରୋଧ କରିଛନ୍ତି। ସେମାନେ ପଚାରୁଛନ୍ତି ଚାଷୀ ଆନ୍ଦୋଳନ ଓ ଚାଷୀ ଆଇନ ପ୍ରତ୍ୟାହାରର ପ୍ରକୃତ ଫଳାଫଳ କ'ଣ ଶୂନ। ତାଙ୍କର ପରିବାର ଯେଉଁମାନେ ଏ ପର୍ଯ୍ୟନ୍ତ ଜେଲରେ ସଢୁଛନ୍ତି ତାଙ୍କର ଭବିଷ୍ୟତ କ'ଣ ? ଇତ୍ୟାଦି ଇତ୍ୟାଦି ପରି ଅବସ୍ଥାରେ ନରେନ୍ଦ୍ର ତାର ସଭାସ୍ଥଳକୁ ଯାଇ ପାରିନଥିଲା ସତ କିନ୍ତୁ ସେ ଉପଲବ୍ଧି କରିଥିଲା ଯେ ଭଗବାନ ବେଳେ ବେଳେ ଚୁପ ଚୁପ ହୋଇ ବିବେକ ମାଧ୍ୟମରେ ସଚେତନ କରାଇଥାନ୍ତି। ସେ ତା ନଶୁଣିଲେ ତାକୁ ଏକ ଶକ୍ତଧକ୍କା ଦେଇ ତାଙ୍କର ବାଣୀକୁ ଶୁଣିବା ପାଇଁ ବାଧ୍ୟ କରିଥାନ୍ତି। ଏହାକୁ ସ୍ମରଣ କରି ନରେନ୍ଦ୍ର ସେ ଦିନ ପ୍ରତିଜ୍ଞା କଲା ଏହି ଘଟଣାକୁ ଜୀବନରେ କେବେ ଭୁଲିବ ନାହିଁ ଓ ଏକ ସୁନ୍ଦର ଆଇନ ଆଣି ତା ଦେଶର ଚାଷୀ ମାନଙ୍କ ମୁହଁରେ ହସ ଫୁଟାଇବ।

## ଚାଣକ୍ୟ ନୀତି




ଚାଣକ୍ୟ ଜୀ ନୀତି ବଳରେ ହିଁ ନନ୍ଦ ବଂଶର ନାଶ କରିପାରିଥିଲେ। ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କୁ ମଗଧ ସମ୍ରାଟ କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଆଚାର୍ଯ୍ୟ ଚାଣକ୍ୟଙ୍କ ପ୍ରାୟ ସବୁ ବିଷୟରେ ଗଭୀର ଜ୍ଞାନ ରହିଥିଲା ଏଥିପାଇଁ ସେ ନୀତି ଶାସ୍ତ୍ରର ରଚନା କରିଥିଲେ। ଯାହା ଜରିଆରେ ସେ ଦୁନିଆକୁ ମାର୍ଗ ଦର୍ଶନ କରିଥିଲେ। ବର୍ତ୍ତମାନ ସମୟରେ ଚାଣକ୍ଷ୍ୟଙ୍କ ନୀତିର ବହୁତ ପ୍ରାସଙ୍ଗିକତା ରହିଛି। ଆଚାର୍ଯ୍ୟ ଚାଣକ୍ୟ ମନୁଷ୍ୟ ଜୀବନ ସମ୍ପର୍କିତ ବହୁ କଥା କହିଛନ୍ତି। ସେ ତାଙ୍କ ନୀତିରେ କହିଛନ୍ତି ମନୁଷ୍ୟ ଜନ୍ମ ନେବା ପୂର୍ବରୁ କିଛି କଥା ତାଙ୍କ ଭାଗ୍ୟରେ ଲେଖି ଦିଆଯାଇଥାଏ। ଚାଣକ୍ୟ ଏକ ଶ୍ଳୋକରେ କହିଛନ୍ତି
ଆୟୁଃ କର୍ମ ବିତଶ୍ଚ ବିଦ୍ୟା ନିଧନମେବ ଚ।
ପଂଚୈତାନି ହି ସୃଜନ୍ତେ ଗର୍ଭସ୍ତସୈବ ଦେହିନଃ।

ଅର୍ଥାତ ; ଆୟୁ କର୍ମ ବିତ୍ତ, ବିଦ୍ୟା ଓ ନିଧନ ଭଳି ଏହି ୫ଜିନିଷ ପ୍ରାଣୀର ଭାଗ୍ୟରେ ସେବେଠାରୁ ଲେଖା ହୋଇଥାଏ ଯେତେବେଳେ ସେ ଗର୍ଭରେ ଥାଏ। ଆଚାର୍ଯ୍ୟ ଚାଣକ୍ୟ ଏହି ଶ୍ଳୋକରେ କହିଛନ୍ତି ଯେ ମନୁଷ୍ୟ ତାର ଭାଗ୍ୟ ଅନୁଯାୟୀ ମା ଗର୍ଭରେ ରହିବା ଦିନ ଠାରୁ ତାର କର୍ମ ପନ୍ଥା ସ୍ଥିରି କରିଥାଏ। ଜନ୍ମ ପୂର୍ବରୁ ହିଁ ତାର ଆୟୁଷ, କର୍ମ, ଆର୍ଥିକ ସ୍ଥିତି ମୃତ୍ୟୁ ସମୟ ମଧ୍ୟ ସ୍ଥିର କରିଥାଏ। ତେଣୁ କୁହାଯାଇଛି ଯେ ଭାଗ୍ୟରେ ଯାହା ଲେଖା ଯାଇଥାଏ ତାହାକୁ ଲେଖା ଯାଇଥାଏ ତାହାକୁ ବଦଳାଇ ପାରିବେ ନାହିଁ। ଆପଣଙ୍କ କର୍ମରେ ଲେଖାଯାଇଥାଏ ଯେ ଆପଣ କେବେ କେମିତି ମୃତ୍ୟୁ ବରଣ କରିବେ। ଆପଣ କେତେ ପଢିବେ ଓ କେତେ ଧନ ଅର୍ଜନ କରିବେ ତାହା ଜନ୍ମ ପୂର୍ବରୁ ଲେଖାଯାଇଥାଏ। ଆପଣ ଯେତେ ଚେଷ୍ଟା କଲେ ମଧ୍ୟ ତାହାକୁ ବଦଳାଇ ପାରିବେ ନାହିଁ। ଆପଣଙ୍କ କର୍ମରେ ଲେଖାଯାଇଥାଏ ଯେ ଆପଣ କେବେ କେମିତି ମୃତ୍ୟୁ ବରଣ କରିବେ। ଆପଣ କେତେ ପଢିବେ ଓ କେତେ ଧନ ଅର୍ଜନ କରିବେ ତାହା ଜନ୍ମ ପୂର୍ବରୁ ଲେଖାଯାଇଥାଏ। ଆପଣ ଯେତେ ଚେଷ୍ଟା କଲେ ମଧ୍ୟ ତାହାକୁ ବଦଳାଇ ପାରିବେ ନାହିଁ । ତେଣୁ ସଦାଚାର ହୋଇ ବଂଚିବା ଆବଶ୍ୟକ। ଯେଉଁଥି ପାଇଁ ଜନ୍ମରେ ଆପଣ ସୁଖ ସହିତ ଜୀବନ ନିର୍ବାହ କରିପାରିବେ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# କଟକ



*ସୌର ଚନ୍ଦ୍ର ମହାପାତ୍ର*
**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,**
**କଟକ, ଦୂରଭାଷ : ୯୪୩୭୦୦୪୪୬୬**

କଟକ ଗୋଟିଏ ଅତି ପ୍ରାଚୀନ ସହର। ଓଡ଼ିଶାର ସାହିତ୍ୟ, କଳା ଓ ସାଂସ୍କୃତିକ ପ୍ରାଣ କେନ୍ଦ୍ର କଟକ। ଏହି ସହର ଓଡ଼ିଶାର ପୂର୍ବ ରାଜଧାନୀ ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି ବିଭିନ୍ନ ଆନ୍ଦୋଳନରେ କଟକବାସୀ ସକ୍ରିୟ ଭୂମିକା ଗ୍ରହଣ କରି ଆସିଛନ୍ତି। ମହାନଦୀ ଏବଂ ଏହାର ଶାଖାନଦୀ କାଠଯୋଡ଼ିର ମଝିରେ ଏକ ସୁନ୍ଦର ପ୍ରାକୃତିକ ପରିବେଶରେ ଅବସ୍ଥିତ କଟକ। ଇତିହାସ କହେ ବନ୍ୟା ପ୍ଲାବନରୁ ରକ୍ଷା ପାଇଁ ବାଇମୁଣ୍ଡି ରାଜାଙ୍କ ନିକଟରେ ଗୁହାରୀ ଜଣାଇଥିଲା। ସେଥିପାଇଁ କୁହାଯାଏ, 'କଟକ ଚିନ୍ତା ବାଇମୁଣ୍ଡିକୁ'। ଅନେକ ମନିଷୀ, ରାଜନେତା, ସାହିତ୍ୟିକ, ବୈଜ୍ଞାନିକ, ପ୍ରଶାସକ ଓ ବିଚାରପତିମାନେ କଟକ ମାଟିରେ ଜନ୍ମ ଗ୍ରହଣ କରି ଏହାକୁ କର୍ମ ଭୂମି ଭାବେ ଗ୍ରହଣ କରି କଟକର ମାନକୁ ଅଧିକ ଗୌରବାନୀତ କରିଛନ୍ତି।

କଟକର ଅଧିବାସୀମାନଙ୍କୁ କୁହାଯାଏ 'କଟକିଆ' ଓ ଏହି ନାମକରଣକୁ ନେଇ କଟକର ପ୍ରତି ଅଧିବାସୀ ଗର୍ବ କରନ୍ତି। ଏହି ପ୍ରାଚୀନ ସହରରେ ଅନେକ ଗଳି କନ୍ଦି ଓ ଛୋଟ ଛୋଟ ବଜାର ରହିଥିବାରୁ କୁହାଯାଏ '୫୨ ବଜାର ୫୩ ଗଳିର ସହର କଟକ'। କଟକର ଅଧିବାସୀମାନେ ସ୍ୱଚ୍ଛତାକୁ ଭଲ ପାଆନ୍ତି। ସାହି ବସ୍ତିର ସହର ହୋଇଥିଲେ ମଧ୍ୟ ସେମାନେ ନିଜ ପରିବେଶକୁ ପରିଷ୍କାର ରଖିଥାନ୍ତି। ସେଥିପାଇଁ କୁହାଯାଏ 'କଟକ ନଗର-ଧବଳ ଟଗର'। ଅର୍ଥାତ ଟଗର ଫୁଲ ଯେପରି ସ୍ୱଚ୍ଛ ଓ ଧଳା, କଟକ ସହର ସେହିପରି ପରିଷ୍କାର। ଇଂରେଜମାନେ କଟକର ଅର୍ଥ 'ସାମରିକ ଘାଟି' ବୋଲି କହିଥାନ୍ତି। କଟକିଆମାନେ ସାହସୀ ନିସ୍ୱାର୍ଥପର ଓ ପରୋପକାରୀ ଅଳ୍ପରେ ସନ୍ତୁଷ୍ଟ ଏହି ଲୋକମାନେ ସାଧାରଣତଃ ବେପାର ଓ ବଣିଜ କରିବା ସହିତ ଚାନ୍ଦି କାମ କରିଥାନ୍ତି। ଦୁଇ ପଟେ ୨ଟି ନଦୀ ଥିବାରୁ ଯାତାୟତ ପାଇଁ ଓ ମାଛ ଧରିବା ପାଇଁ ଏମାନେ ତାହା ବ୍ୟବହାର କରିଥାନ୍ତି। ଏଠାରେ ଅଛି ଅନେକ ମଠ ଓ ମନ୍ଦିର ଏବଂ ପ୍ରତ୍ୟେକ ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ କେନ୍ଦ୍ର ହୋଇ ରହିଛନ୍ତି। ଏଠାରେ ଗଜପତିଙ୍କ ରାଜ ନଅର ବାରବାଟୀ ଇତିହାସର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାରୀ କରିଛି।

କଟକିଆମାନେ ଭାଇଚାରାରେ ବିଶ୍ୱାସ କରିଥାନ୍ତି। ସ୍ନେହ ସମ୍ପର୍କରେ ବାନ୍ଧି ହୋଇ କଟକବାସୀ ସାହି ସାହି ମଧ୍ୟରେ ତଥା ବିଭିନ୍ନ ସଂପ୍ରଦାୟ ମଧ୍ୟରେ ଆତ୍ମୀୟତା ରକ୍ଷା କରିଥାନ୍ତି। କାହାର କିଛି ଅସୁବିଧା ସମୟରେ ଅନ୍ୟମାନେ ସାହାଯ୍ୟର ହାତ ବଢ଼ାଇ ଅନ୍ୟକୁ ସାହାଯ୍ୟ କଲାବେଳେ ଏମାନେ ଭାଇଚାରା ପ୍ରଦର୍ଶନ କରିଥାନ୍ତି। ଏହି ଉଦାରତା ତାଙ୍କର ଚାରିତ୍ରିକ ବୈଶିଷ୍ଟ। ଭାରତର ବିଭିନ୍ନ ଅଞ୍ଚଳରୁ ଏବଂ ଭାରତ ବାହାରୁ ଆସିଥିବା ଲୋକମାନଙ୍କୁ କଟକିଆମାନେ ସ୍ୱତନ୍ତ୍ର ସ୍ଥାନ ଦେଇଛନ୍ତି। ସେଥିପାଇଁ ସେମାନଙ୍କୁ ଅନେକ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିଛି। ଏଠାକୁ ଶାସକ ଭାବେ ଆସିଛନ୍ତି ଇଂରେଜ। ସେମାନଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ କଟକରେ ଦିଆଯାଇଛି। ତାହା ବର୍ତ୍ତମାନ ଫିରିଙ୍ଗ ବଜାର। ମୁସଲମାନମାନେ ଏଠାକୁ ଆସିଛନ୍ତି ତାଙ୍କ ଉଦ୍ଦେଶ୍ୟରେ ସୃଷ୍ଟି ହୋଇଛି ମହମଦିଆ ବଜାର। ତେଲୁଗୁ ଭାଷାଭାଷୀ ଆସିଛନ୍ତି ଏବଂ ତାଙ୍କ ପାଇଁ ସୃଷ୍ଟି ହୋଇଛି ତେଲେଙ୍ଗା ବଜାର। ବଂଗବାସୀମାନଙ୍କର ଉପସ୍ଥିତିକୁ ସ୍ୱୀକାର କରି ତାଙ୍କ ପାଇଁ ରଖାଯାଇଛି ବଙ୍ଗାଳି ସାହି। ଏତତ୍ ବ୍ୟତୀତ କଟକିଆଙ୍କର ବିରଳ ବିନମ୍ରତା ମାନିବାକୁ ପଡ଼ିବ। ଏହିସବୁ ସମ୍ପ୍ରଦାୟ ଲୋକଙ୍କ ନାମରେ କଟକରେ ଜାଗାର ନାମକରଣ କରି ତାଙ୍କୁ ସମାନ ଅଧିକାର ଦେଇ ଏମାନେ ନିଜ ପାଇଁ ଗୋଟିଏ ଜାଗା ସୃଷ୍ଟି କରିଛନ୍ତି ଏବଂ ତାହା ନାମ ଦେଇଛନ୍ତି 'ଓଡ଼ିଆ ବଜାର'। କଟକିଆ ସର୍ବଧର୍ମ ସମନ୍ୱୟରେ ବିଶ୍ୱାସ କରନ୍ତି, ଭିନ୍ନ ଭିନ୍ନ ଧର୍ମାବଲମ୍ବୀ ଓ ଭିନ୍ନ ପରମ୍ପରା ଲୋକ ଅନ୍ୟର ଧାର୍ମିକ ଓ ପାରମ୍ପରିକ କାର୍ଯ୍ୟରେ ଯୋଗ ନେଇଥାନ୍ତି। ଭାଇଚାରାରେ ବିଶ୍ୱାସ କରୁଥିବା ଏବଂ ସ୍ନେହ ପ୍ରେମରେ ବନ୍ଧା କଟକିଆ ମାନଙ୍କର ତ୍ୟାଗ ତାଙ୍କୁ ଯଶସ୍ୱୀ କରିଛି।

କଟକର ମହାନ ଆଦର୍ଶ ପରମ୍ପରା ଓ ଐତିହ୍ୟ ନିଶ୍ଚିତ ଭାବେ ପ୍ରତ୍ୟେକ କଟକିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଏହାକୁ ବଞ୍ଚାଇ ରଖିବା ଓ ଆଗକୁ କଟକରୁ ଏକ ଶ୍ରେଷ୍ଠ ଓ ଆଦର୍ଶ ସହରରେ ବିଶ୍ୱରେ ପରିଣତ କରିବା ପ୍ରତ୍ୟେକ କଟକିଆଙ୍କ କେବଳ ନୈତିକ କର୍ତ୍ତବ୍ୟ ନୁହେଁ ଏହା ସେମାନଙ୍କର ଧର୍ମ ମଧ୍ୟ। ଆସନ୍ତୁ ସମସ୍ତେ ମିଶି କଟକକୁ ଶ୍ରେଷ୍ଠ ଓ ଆଦର୍ଶ ସହରରେ ପରିଣତ କରିବା।

# ଭୂମି ରୂପ ବଦଳାଇ ଭୁଲ୍ କରନ୍ତୁ ନାହିଁ



*ଉତ୍କଳାନନ୍ଦ*
*ଅଜୟ କୁମାର ବେହେରା*
**ଅରୁଣୋଦୟ ନଗର, କଟକ,**
**ଦୂରଭାଷ : ୯୪୩୭୦୩୧୨୫୩**

ସମସ୍ତେ ବର୍ତ୍ତମାନ ବାସଗୃହ, ରାସ୍ତା, କଳକାରଖାନା, ନିର୍ମାଣ ପାଇଁ ବ୍ୟଗ୍ର, ଜନସଂଖ୍ୟାର ଦ୍ରୁତ ବୃଦ୍ଧି ବିଭିନ୍ନ କାରଣରୁ ସର୍ବତ୍ର ହେଉଛି ଏ ମଧ୍ୟରେ ଅନ୍ୟ ଦେଶରୁ ଶରଣାର୍ଥୀ ଆଗମନ, ବୃତ୍ତି ବା ବାଣିଜ୍ୟ ଉଦ୍ଦେଶ୍ୟରେ ଏକ ସ୍ଥାନରୁ ଅନ୍ୟ ସ୍ଥାନ ଲୋକ ଆଗମନ କରି ଅସ୍ଥାୟୀ ସ୍ଥାୟୀ ବସତି ଶ୍ରମ ମୂଳକ ଧନ୍ଦା ପ୍ରତି ବିମୁଖ ହୋଇ ସରଳରେ ରୋଜଗାର ଚିନ୍ତନରେ ପରିଚିତ। ଭୂମିରୁ ଦୂରେଇ ଯାଇ ଅପରର ବୃତ୍ତି ଧନ୍ଦା ଆପଣେଇବା ପୁଣି ଜାତିଗତ, ଧର୍ମଗତ, ବଂଶଗତ, କୌଳିକ ବୃତ୍ତିକୁ ଛାଡ଼ି ଦେଇ ଅନ୍ୟ ଜାତିର ଅନ୍ୟ ଧର୍ମର ଅନ୍ୟର କୌଳିକ ବୃତ୍ତିକୁ ହାସଲ ପାଇଁ ସ୍ଥାନାନ୍ତର ଲୋକେ ହେବାକୁ ପସନ୍ଦ କରି ବସିଲେ। ବହୁ ବଡ଼ ବଡ଼ କାରଖାନାରେ ଶ୍ରମିକ ଶ୍ରମବଳ ପାଇଁ ଆବଶ୍ୟକ। ଏ ପାଇଁ ଚାଷକ୍ଷେତ୍ରରୁ ପ୍ରାପ୍ତ ମଜୁରୀ ଠାରୁ ଅଧିକ ଅର୍ଥ ପ୍ରାପ୍ତିର ମୋହ ଲୋକଙ୍କୁ ବହୁ କାରଖାନା ଶ୍ରମିକ କରାଇ ଦେଲା। ସହର ନିର୍ମାଣ ପାଇଁ ଶ୍ରମବଳ ଆବଶ୍ୟକ, ମୂଲିଆ ଶ୍ରମିକ, ରାଜମିସ୍ତ୍ରୀ ଗ୍ରାମ୍ୟ ଚାଷ କ୍ଷେତ୍ର ଛାଡ଼ି ସହରକୁ ଧାବିତ ହୋଇ ସହରରେ ଜନସଂଖ୍ୟା ବୃଦ୍ଧିରେ ସାମିଲକୁ ଏମାନେ ଭୋଟବ୍ୟାଙ୍କ ହୋଇଯାଉଛନ୍ତି। କୌଣସି ସହରରେ ଲୋକ ଅନେକ ଶିକ୍ଷିତ ନିଶ୍ଚେ ହେବା କଥା ଏଠାରେ ଯେଉଁ ନିର୍ବାଚନ ହେଉଛି ଏଥିରେ ଶତକଡ଼ା ଶହେ ଭୋଟ ଲୋକେ ଦିଅନ୍ତି କି ? ଯଦି ତର୍ଜମା କରାଯିବ ତେବେ ସ୍ଥାୟୀ ବାସିନ୍ଦାଙ୍କ ଠାରୁ ବାହାରୁ ଆସିଥିବା ଶ୍ରମିକ ଶ୍ରେଣୀର ବାସିନ୍ଦାମାନେ ଅଧିକ ଭୋଟ ଦେଉଛନ୍ତି। ଅତଏବ ସହର ନିର୍ମାଣ ପାଇଁ ଜନବଳ ଶେଷରେ ସରକାର ଗଢ଼ିବାରେ ଲାଗୁଛନ୍ତି। ସହର ପ୍ରଥମେ ବହୁ ବର୍ଷ ପୂର୍ବରୁ ଯେପରି ଭୂମି ଥିଲା ଆସ୍ତେ ଆସ୍ତେ ଏହା ଜଳଧାର ବଢ଼ ଥିଲେ ବା ପର୍ବତ ପାହାଡ଼ର ସୀମାଯାଏ ନ ବଢ଼ି ବୃକ୍ଷ ସମ୍ଭବ ଭୂମି, ଚାଷଜମି ଏପରିକି ପୋଖରୀ ପରି ଜଳଧାରକୁ ପୋତି ଲୋକେ ଜମି କ୍ରୟ କରୁଛନ୍ତି। ଲୋକେ ଜମି ଅଦରକାରୀ ବା ଶ୍ରମ ବିମୁଖ ହୋଇ ଜମି ହସ୍ତାନ୍ତର କରୁଛନ୍ତି।

ଜଙ୍ଗଲର କାଠ, ଚେରମୂଳ ପାଇଁ ଜଙ୍ଗଲରୁ ବୃକ୍ଷ ଲୋପ କରାଯାଉଛି। ସରକାର ଜଙ୍ଗଲରେ ରକ୍ଷକ ରଖିଛନ୍ତି ମାତ୍ର ଯେତେ ଜଙ୍ଗଲ ପୂର୍ବରୁ ରହିଥିଲା ଏହା କ୍ରମେ କ୍ରମେ କେମିତି କ୍ଷୟ ହୋଇ ଚାଲିଛି। ଜଙ୍ଗଲ ସରକାରୀ ସମ୍ବଳ ସମ୍ପତ୍ତି। ଏହା ବି କାମଧେନୁ। କାମଧେନୁକୁ ଦୋହନ ନକରି ତାକୁ ଜୀବନରୁ ମାରି ଦେବା ବୁଦ୍ଧି ଲୋକେ କଲେଣି। ଆମ ଜଗନ୍ନାଥଙ୍କର ରଥ ପାଇଁ କାଠ ପ୍ରତିବର୍ଷ ସଂଗ୍ରହ କରାଯାଏ। ଏଥିରେ ବ୍ୟବହୃତ କାଠ ଯେଉଁ ଯେଉଁ ଜଙ୍ଗଲରୁ ସଂଗ୍ରହ ହୋଇ ଆସୁଥିଲା ସେ ସବୁ ଜଙ୍ଗଲ ଅଧିବର୍ତ୍ତମାନ ଚିନ୍ତାଗ୍ରସ୍ତ ହୋଇପଡ଼ିଲେଣି। ଆଉ କେତେ ବର୍ଷ ପରେ ହୁଏତ ରଥ ପାଇଁ କାଠ ଆଉ ଓଡ଼ିଶା ଜଙ୍ଗଲରେ ନଥିବ। ଦେବ ସେବା ପାଇଁ ଆମ ରାଜ୍ୟର ଲୋକଙ୍କର ଯେଉଁ ଧର୍ମ ରହିଛି ଏଥିରେ କୃଷିର ଅମୃତମଣୋହୀ ଜଡ଼ିତ। କୁଳବୃକ୍ଷ, ମହାଦ୍ରୁମ ମାନେ ଦେବଙ୍କ ଭିନ୍ନ ସେବାରେ ଜଡ଼ିତ। ତୁଳସୀ, ଅଁଳା, ବଉଳ ପରି ବୃକ୍ଷମାନେ ନିତ୍ୟ ସେବାରେ ଜଳ ଉତ୍ପନ୍ନ ପଦ୍ମଫୁଲ ପରି ବିଭିନ୍ନ ଫୁଲ ସୁଗନ୍ଧରେ ପ୍ରଭୁଙ୍କ ଶ୍ରଦ୍ଧା, ଚନ୍ଦନ ସେବାରେ ଚନ୍ଦନ ଗଛ ଧନ୍ୟ ସୋଲ ଜଳରେ ଜନ୍ମୁଥିବା ଏକ ଉଦ୍ଭିଦ ଏହା ପ୍ରଭୁଙ୍କ ଟାହିଆରେ ଲାଗୁଛି। ଭଗବାନ ଶିବଙ୍କ ଉପରେ ଟୋପର ହେଉଛି। ଏପରି ଅନେକ ସେବା, ସେବାର ଜିନିଷ ସହିତ ନଡ଼ିଆ, ବେଲ, ଗୁଆ, କଦଳୀ ସାମିଲ। ଦିଅଁଙ୍କ ମଣୋହୀର ବ୍ୟଞ୍ଜନ ପାଇଁ ବିଭିନ୍ନ ପରିବା ସାମଲ ଏସବୁ କ୍ଷେତ୍ରରୁ ଉତ୍ପାଦନକାରୀ ଦିଅଁଙ୍କର ନିଶ୍ଚେ ସେବକରେ ଅଛନ୍ତି। ହେଲେ ଏ ସମୟରେ ସମସ୍ତେ ସେବା ବିମୁଖ ଧର୍ମକୁ ଆସିଗଲେଣି।

ସରକାର ବଡ଼ ରାସ୍ତା ତିଆରି କରିଦେଲେ, ତେଲଟାଙ୍କି ପ୍ରତି ସ୍ଥାନରୁ ଅଳ୍ପ ଦୂରରେ ହେଲାଣି। ଋଣ କିସ୍ତୀରେ ଗାଡ଼ି ମିଳୁଛି, ଲୋକେ ପ୍ରଲୋଭିତ ହୋଇ ଯାନବାହାନ କ୍ରୟରେ ଲାଗୁଛନ୍ତି। ଦେଖାଦେଖି ଯାନ କ୍ରୟ ଲୋଭ ଲାଗୁଛି। ପିତୃ ଜମି ଜମା ବିକ୍ରୟ କରି ଅନେକ ଯୁବକ ଏପରି ଯାନ କ୍ରୟ କରି ଏକ ସମ୍ଭ୍ରାନ୍ତ ପଣିଆଁ ଦେଖାଇ ହେଉଛନ୍ତି। ରାଜଯାନ, ବଣିକ ଯାନରେ ଦୂରାନ୍ତ ଅତିକ୍ରମଣ ଯୌଥ ବ୍ୟାପାର, ଯାତ୍ରୀମାନଙ୍କୁ ଖର୍ଚ୍ଚାଭାର ବଣ୍ଟନ ଯୋଗୁଁ ଅଳ୍ପ ପଇସାରେ ଦେଇ କାର୍ଯ୍ୟ ହାସଲ କରି ହୋଇଥାଏ। ମାତ୍ର ସମୟକୁ ବଞ୍ଚାଇବା ପାଇଁ ଲୋକେ ସ୍ୱାଧିନରେ ପଇସା ଖର୍ଚ୍ଚକରି ସ୍ୱଜନରେ ଗନ୍ତବ୍ୟ ସ୍ଥାନକୁ ଯିବା ଆସିବା କରୁଛନ୍ତି। ଏ ପାଇଁ ପରୋକ୍ଷରେ ଖର୍ଚ୍ଚ ହାର ବଢୁଛି ଓ ଅଧିକ ଇନ୍ଧନ ଜଳି ସ୍ଥାନକୁ ସବୁ ବିଷାକ୍ତ ବାଷ୍ପରେ ଭରି ଉଠୁଛି। ଏଣେ ସରକାର ବିଦେଶରୁ ତେଲ ବୈଦେଶିକ ମୁଦ୍ରା ବିନିମୟରେ ପ୍ରତି ବେଳକୁ ବେଳ ଚାହିଦା ଦୃଷ୍ଟେ ତେଲ କ୍ରୟ କରୁଛନ୍ତି। ଯାହାପାଖରେ ତେଲ ଅଛି ସେ ନିଅ ତେଲ ଦିଅ ଅତର ଡାକରେ ଅଛନ୍ତି। ପୂର୍ବେ କୂପ, ବାମ୍ଫି, ପୁଷ୍କରିଣୀ କରାଯାଇ ଚାଷ ବାସର ବ୍ୟବସ୍ଥା କରାଯାଇଥିଲା। ଲୋକେ ଟେଣ୍ଡା, ଯନ୍ତତ୍ରରେ ପାଣି କ୍ଷେତରେ ମଡାଉଥିଲେ। ଦମକଳ ଓ ବିଦ୍ୟୁତ୍ ପାଣି ପମ୍ପରେ ମାଟିତଳୁ ପାଣି ଉଠାଇ ବହୁଳ ବ୍ୟବହାର କରୁଛନ୍ତି। ଏଥିରେ ମାଟି ଉପରେ ଓଜନ ଦାର ନିର୍ମାଣକୁ ମାଟିତଳରୁ ଜଳ ଉଠାଇବା ମାଟିର ଭାରସାମ୍ୟ ରକ୍ଷା ହେଉଛି କି ?

ସରକାର ଚାଷଜମିକୁ ପାଣି ଯୋଗାଇବା ପାଇଁ କେନାଲ ଖୋଳି ଜଳ ଯୋଗାଣ ବ୍ୟବସ୍ଥା କରିଛନ୍ତି। ଏଥିରେ କିଛି ବ୍ୟତିକ୍ରମ କମ ଥିଲା। ମାତ୍ର ନଳକୂପ ଅସଂଖ୍ୟ ବସାଇ ବିଶେଷଣରେ ଜଳ ମାଟି ତଳୁ ଉପରକୁ ବହୁ ସ୍ଥାନରେ ଆଣିବା ବେଳେ ମାଟିତଳର ଚାପ କମୁଛି ନା ନାହିଁ? ପରିବେଶ ରକ୍ଷା ପାଇଁ ପ୍ରାଚୀନ ଢ଼ାଞ୍ଚାକୁ ଶୀଘ୍ର ଆପଣେଇବା ଦରକାର। ଦ୍ୱାପର, ତ୍ରେତାରେ ବନଗମନ ଥିଲା ଦଣ୍ଡ। ଏବେ କଳିଯୁଗରେ ଉପବନ ବାସ ବି ଦଣ୍ଡରେ ଆସିଗଲାଣି ? ଇନ୍ଦ୍ର ଉପବନ କରିଥିଲେ ସେଥିରେ ଅର୍ଜୁନ ଶ୍ରୀକୃଷ୍ଣ ଅଗ୍ନୀ ସଂଯୋଗ କରିଥିଲେ। ଏବେକୁ ଉପବନରେ ମାଙ୍କଡ଼, ଷଣ୍ଢ ଉତ୍ପାତକୁ ଶସ୍ୟ ନାଶକାରୀ କୀଟାଣୁ ଉତ୍ପାତ ହେଲାଣି। ଉପବନ ବଡ଼ ବଡ଼ କର୍ତ୍ତାବାବୁମାନେ ନିଜ ଘର ଚାରିପଟ କରି ରହୁଛନ୍ତି। ସେମାନେ ନିଜ ଏସବୁ କରନ୍ତି କି ? ମାଳି ଆବଶ୍ୟକ କରୁଛନ୍ତି ? ମାଳିଙ୍କର ଗାଁ ଉଜୁଡୁଛି ଏଣେ ବାବୁଙ୍କର କ୍ଷେତ ସୁନ୍ଦର କରାଯାଉଛି ? ଚାଷ ନହେଲେ କାହାରି ଡାହାଣ ହାତ ଚାଲିବ ନାହିଁ। ମାଳି, କୃଷକ, କୃଷିକାରୀ କୃଷିକୁ ସହାୟକ ଏ ବୃତ୍ତି ଗୁଡ଼ିକ ପାଇଁ ସରକାର ଶୀଘ୍ର ଯତ୍ନଶୀଳ ହୁଅନ୍ତୁ। (ଅଭଲ) ଅଭଲ ଜମି ଦୋଫସଲି ବହୁ ଫସଲ ନିରାପଦରେ କିପରି ଉଠି ପାରିବ ତା ପାଇଁ ଯତ୍ନଶୀଳ ହୁଅନ୍ତୁ। ଆଉ ଜମିଜମା ବିକ୍ରୟ ପଦା ଲୋକଙ୍କୁ କରାନ୍ତୁ ନାହିଁ। ଶସ୍ୟ କ୍ଷେତ୍ରରେ ଗୃହ କାରଖାନା ରାସ୍ତା ନିର୍ମାଣ ନାମ ଧରନ୍ତୁ ନାହିଁ। ଅଭିଜ୍ଞବାସ୍ତୁବିତ୍ଙ୍କ ବିନା ପରାମର୍ଶରେ କେହି ନିର୍ମାଣ କରନ୍ତୁ ନାହିଁ। ବିଶ୍ୱକର୍ମା ଶାସ୍ତ୍ର, ମୟଶାସ୍ତ୍ର ସେତୁ ନିର୍ମାଣ ନଳନୀଳ ଶାସ୍ତ୍ରର ପାଠ ଶିକ୍ଷା ବିଭାଗରେ ଅନ୍ତତଃ ଏକ ଅତିରିକ୍ତ ବିଷୟ ହେଉ। ଲୋକେ ଶାନ୍ତିରେ ରହିବାରେ ଏହି ଶାସ୍ତ୍ର ସଦା ସହାୟକ ଏଥିରେ ରାଜହିତ, ପ୍ରଜାହିତ ନିଶ୍ଚୟ ଅଛି।

# ବ୍ୟାପ୍ତଂ ଯେନ ଚରାଚରଂ



*ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର*
**ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**

କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଧରାଯାଉ ଜଣେ ପିତାର ପାଞ୍ଚ ଜଣ ପୁତ୍ର । ସେମାନଙ୍କର ମଧ୍ୟରୁ ତିନିଜଣ ଉଚ୍ଚ ପ୍ରକୃତିର । ଅନ୍ୟ ଦୁଇଜଣ ଟିକିଏ ଦୁଷ୍ଟ ପ୍ରକୃତିର । ଯେଉଁମାନେ ଭଲ ହେଲେ ଆପଣ ହୁଏ ତ ଭାବିପାରନ୍ତି ଏହା ଦୈବୀ ଫଳ। କିନ୍ତୁ ତାହା ନୁହେଁ । ଏହି ଭଲ ହେବା ପଛରେ ପର-ପର କେତେ ପୁରୁଷ ଧରି ପ୍ରଚେଷ୍ଟା ଚାଲି ରହିଛି ଯାହାଫଳରେ ଏହି ପୁରୁଷରେ ତାର ଫଳ ଦେଖାଗଲା ତିନୋଟି ପୁତ୍ର ସନ୍ତାନ ମାଧ୍ୟମରେ । ସେହି ପ୍ରଚେଷ୍ଟାକୁ ଆପଣ ଅଣଦେଖା କଲେ, କହିଲେ ଏହା ହୁଏତ ଆକସ୍ମିକ ଉଲ୍ଲଙ୍ଘନ କ୍ରିୟା (ମ୍ୟୁଟେସନ୍) ଭିତର ଦେଇ । ଜନୈକ ଭକ୍ତ ପ୍ରଶ୍ନ କଲେ - ସନ୍ଥ ରୁଇଦାସ ଅତି ନୀଚ ପରିବେଶରେ ଜନ୍ମ ହୋଇ ମଧ୍ୟ ଏତେ ଉଚ୍ଚ ସ୍ତରର ସାଧନା ଓ ଜ୍ଞାନ ଲାଭ କରିଥିଲେ । ଏହାର ରହସ୍ୟ ଉନ୍ମୋଚନ କରିବାକୁ ଯାଇ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ନିଶ୍ଚୟ, ସନ୍ଥ ରୁଇ ଦାସଙ୍କର ଜନ୍ମ ନେବାର ବହୁ ପୂବରୁ କେତେ ବର୍ଷ ଧରି ଯେଉଁ ପ୍ରଚେଷ୍ଟା ଚାଲୁଥିଲା ଯାହାଫଳରେ ରୁଇଦାସ ଜନ୍ମ ନେଲେ, ତାହା ଆମେ ଜାଣି ନାହୁଁ । ଉକ୍ତ ଭକ୍ତ ପୁଣି ପ୍ରକାଶ କଲେ - ପ୍ରକୃତିରେ ଗଛପତ୍ର ଭିତରେ ଯେଉଁ ହଠାତ୍ ପରିବର୍ତ୍ତନ ଦେଖା ଦିଏ, ଯେପରି ସେଓ ହଠାତ୍ ପରିବର୍ତ୍ତନ ହୋଇ ଅନ୍ୟ ଏକ ରକମର ସେଓରେ ରୂପାନ୍ତରିତ ହୁଏ, ଏହା କଣ ପ୍ରକୃତିର ପ୍ରଚେଷ୍ଟାର ଫଳ ଯୋଗୁଁ ହୋଇଛି ? ଶ୍ରୀ ଶ୍ରୀ ଠାକୁର ପ୍ରକାଶ କଲେ - ନିଶ୍ଚୟ, ପ୍ରକୃତି ସର୍ବଦା ପ୍ରଚେଷ୍ଟା କରି ଚାଲୁଥାଏ, ତାହା ଆମେ ଦେଖିବାକୁ ପାଉ ନାହୁଁ । ପୃଥିବୀର ସମସ୍ତ କର୍ମ କାର୍ଯ୍ୟ କାରଣ - ସମ୍ପର୍କାନ୍ୱିତ, ଦୈବଘଟିତ (ଚାନ୍ସ) ବୋଲି କିଛି ନାହିଁ । ସମ୍ମୁଖରେ ଦଣ୍ଡାୟମାନ ଜନୈକ ଭକ୍ତଙ୍କୁ ଶ୍ରୀ ଶ୍ରୀ ଠାକୁର କହିଲେ ଦୈବଘଟିତ ବା ଚାନ୍ସର ଅର୍ଥ କ'ଣ ? ଅଭିଧାନ ଦେଖି ସେହି ବ୍ୟକ୍ତି କହିଲେ - ଚାନ୍ସ ମାନେ ଆପତିତ ହେବା । ଶ୍ରୀ ଶ୍ରୀ ଠାକୁର କହିଲେ ଆପତିତ ହେବା ଅର୍ଥ ସଂଘଟିତ ହେବା । ତେଣୁ ଯାହା ପୃଥିବୀରେ ଘଟୁଛି ତାର ପଶ୍ଚାତରେ ଅବଶ୍ୟ କାରଣ ରହିଛି । ତାହା ଆମ୍ଭେମାନେ ଜାଣି ନାହୁଁ, ତେଣୁ ଯେଉଁ ଘଟଣାକୁ ଦୈବଘଟଣା ବୋଲି ବ୍ୟାଖ୍ୟା କରୁଛୁ ତାହା ଅଜ୍ଞତା ଛଡା ଆଉ କିଛି ନୁହେଁ । ପ୍ରକୃତିରେ ଯେଉଁ ପରିବର୍ତ୍ତନ ଘଟୁଛି ତାହା ପାଇଁ ପ୍ରକୃତି କୌଣସି ବାହ୍ୟ କାରଣର ଅପେକ୍ଷା ରଖେ ନାହିଁ । ବାହାରର କୌଣସି କାରଣର ଚାପରେ ତାହା ହୁଏ ନାହିଁ । ପାତଞ୍ଜଳିରେ ଅଛି - ନିମିତ୍ତମ୍ ଅପ୍ରଯୋଜକଂ ପ୍ରକୃତୀନାଂ ବରଣଭେଦସ୍ତ ତତଃ କ୍ଷେତ୍ରିକବତ୍ । ଅର୍ଥାତ୍ ପ୍ରକୃତି ଯାହା କରୁଛି ତାହା ପାଇଁ ସେ କୌଣସି ନିମିତ୍ତର ଅପେକ୍ଷା ରଖେ ନାହିଁ । ତାର ଅର୍ଥ ଶ୍ରୀ ଶ୍ରୀ ଠାକୁର ଦୟାପରବଶ ହୋଇ କହିଲେ - ପ୍ରକୃତିର ଆପୂରଣର ମଧ୍ୟ ଦେଇ ଜାତ୍ୟନ୍ତର ଲାଭ ହୁଏ । କିନ୍ତୁ ଏହି ଆପୂରଣ ନିମିତ୍ତ ଲାଗେ ପାରିବେଶିକ ପରିସ୍ଥିତି । ବଞ୍ଚିବାକୁ ହେଲେ ଯେପରି ଖାଦ୍ୟର ପ୍ରୟୋଜନ ଅଛି ସେହିପରି ନୂତନ କିଛି ଘଟିବାକୁ ଗଲେ ହିଁ ପରିବେଶର ପ୍ରୟୋଜନ ଅଛି । ସେଥିପାଇଁ ମୁଁ ପରିବେଶ ଉପରେ ଏତେ ଜୋର ଦିଏ । ଧରାଯାଉ କେହି ଅନେକଗୁଡିଏ ମହତ୍‌ଗୁଣ ନେଇ ଜନ୍ମଗ୍ରହଣ କରିଛି । କିନ୍ତୁ ପରିବେଶ ଅନୁକୂଳ ନ ହେଲେ ତାର ସମସ୍ତ ଗୁଣଗୁଡିକ ବିକଶିତ ହେବାର ସୁଯୋଗ ପାଇବ ନାହିଁ । ପ୍ରତିଟି ବ୍ୟକ୍ତିର ପ୍ରକୃତି ହିଁ ପରିବେଶର ପ୍ରକୃତି ସହିତ ବାନ୍ଧି ରହିଛି । ସୃଷ୍ଟିର ଆଦ୍ୟରେ ଜଣେ ଅଛନ୍ତି । ତାଙ୍କ ପାଖରୁ ହିଁ ଏହି ସମସ୍ତ ଜୀବଜଗତର ସୃଷ୍ଟି । ହୁଏତ କହିପାରନ୍ତି ମାୟା ଏ ସବୁ କରିଛି । ମାୟାର ସାହାଯ୍ୟରେ ହିଁ ସବୁ ସୃଷ୍ଟି ହୋଇଛି । ମାୟା ଅର୍ଥ ଯାହା ପରିମାପିତ କରେ । ସେହି ଆଦିମ ସମ୍ବେଗ ଆବର୍ତ୍ତିତ ହୋଇ ପରିମାପିତ ହୋଇ ପରିବେଶ ସୃଷ୍ଟି ହୋଇଛି । ଯେଉଁ ଜୀବନ ଯେଉଁ ପରିବେଶରେ ରହିବା ପାଇଁ ଅଭ୍ୟସ୍ତ ସେହିଠାରେ ହିଁ ସେହି ଜୀବ ସୁସ୍ଥିତି ଲାଭ କରେ । ସେଠାରୁ ଘୁଞ୍ଚାଇ ନେଲେ ହୁଏତ ତାହାର ବଞ୍ଚିବା ବ୍ୟାହତ ହୋଇପାରେ । ଯେପରି ଦେଖନ୍ତୁ ସମଦ୍ର ତଳରେ ଜଙ୍ଗଲ ଅଛି । ସେଠାରେ ନାନାପ୍ରକାର ପ୍ରାଣୀ ମଧ୍ୟ ଅଛନ୍ତି । ସେଠାରେ ସେମାନେ ରହି ଡିମ୍ବ ଦେଇ ବଂଶବୃଦ୍ଧି କରନ୍ତି । ସମୁଦ୍ର ତଳରେ ରହିବାକୁ ଗଲେ ଯେଉଁ କଳାକୌଶଳ ଆବଶ୍ୟକ ତାହା ସବୁ ସେହି ଜଙ୍ଗଲ ବା ପ୍ରାଣୀମାନଙ୍କ ପାଖରେ ଅଛି । ସମୁଦ୍ର ଉପରକୁ ସେମାନଙ୍କୁ ଆଣିଲେ ସେମାନେ ବଞ୍ଚିପାରିବେ ନାହିଁ । ସେଥିପାଇଁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ କଣ୍ଠରେ କହିଲେ - ସମସ୍ତ କର୍ମ ପଛରେ କାରଣ ଅବଶ୍ୟ ରହିଛି, ତାହା ଆମେ ଜାଣୁ ବା ନ ଜାଣୁ । ଯେଉଁ କାର୍ଯ୍ୟ ଘଟୁଛି ତାର କାରଣ ଆମେ ନ ଜାଣିବା ଯୋଗୁଁ ତାକୁ ଦୈବୀକୃତ ବୋଲି କହୁ । ଯେଉଁଠାରେ ଆପଣ ଦୈବୀ ବୋଲି କହିଲେ ସେଠାରେ ଜ୍ଞାନର ପୂର୍ଣ୍ଣଚ୍ଛେଦ ହେଲା । ଆପଣ ହୁଏତ ରାସ୍ତାରେ ଚାଲୁ ଚାଲୁ ହଠାତ୍ ପଡି ଗଲେ । ତାର ଅର୍ଥ ରାସ୍ତାରେ ଚାଲୁଥିବା ସମୟରେ ଆପଣ ସପରିବେଶରେ ଏଭଳି ଅବସ୍ଥାରେ ଥିଲେ ଯେ ଆପଣ କିଛି ସମୟ ପାଇଁ ଅନ୍ୟମନସ୍କ ହୋଇ ତଳେ ପଡିଗଲେ । ଅନ୍ୟମନସ୍କ ହେବାଟା ହିଁ ପଡିବାର କାରଣ ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆନନ୍ଦ ଘନ ଦୃଷ୍ଟିରେ କହି ଚାଲିଛନ୍ତି - ସବୁ କିଛି ଜାଣିବା ଅର୍ଥ ଇଶ୍ୱରଙ୍କୁ ଜାଣିବା ବା ଧର୍ମକୁ ଜାଣିବା । ଏହି ଇଶ୍ୱରତ୍ୱ ବା ଧର୍ମ ଦୁନିଆର ସବୁକିଛି ମଧ୍ୟରେ ରହିଛି । ସେହି ଇଶ୍ୱର ବା ଧର୍ମକୁ ଜାଣିଲେ ହିଁ ସବୁକିଛି ଜାଣି ହୁଏ । ଇଶ୍ୱର କଥାର ଅର୍ଥ ହେଲା ଆଧିପତ୍ୟ, ପୁଣି ଆଧିପତ୍ୟ ମାନେ ଧାରଣ-ପାଳନ । ଯେଉଁ ଧାରଣ-ପାଳନୀ ସମ୍ବେଗ ମୋ ମଧ୍ୟରେ ରହିଥିବା ଯୋଗୁଁ ବଞ୍ଚିଅଛି ଓ ଶ୍ୱାସ-ପ୍ରଶ୍ୱାସ ନେଇପାରୁଛି ତାହା ସହିତ ବିଶ୍ୱ ଦୁନିଆର ସବୁକିଛିର ସଙ୍ଗତି ରହିଛି । ସେହି ସଙ୍ଗତି ଖୋଜି ବାହାର କରିବା ଏକାନ୍ତ ଆବଶ୍ୟକ । ପୁଣି ଦେଖନ୍ତୁ ଧର୍ମ ମାନେ ଯାହା ଧରି ରଖେ । ଏହି ଧର୍ମ ବିଶ୍ୱ ଚରାଚର ସବୁ ପଦାର୍ଥ ମଧ୍ୟରେ ରହିଛି । ମାଟିକଣାର ଧର୍ମ ଅଛି ଯାହା ପାଇଁ ଏହା ମାଟିକଣା ହୋଇ ରହିଛି । ଗୋଟିଏ ଖୁଣ୍ଟର ମଧ୍ୟ ଧର୍ମ ଅଛି ଯାହା ପାଇଁ ଏହା ଖୁଣ୍ଟ ହୋଇ ରହିଛି । ଏହା ହେଉଛି ବିଭିନ୍ନ ଉପାଦାନର ଧର୍ମ । ଏହା ମଧ୍ୟରେ ଯେଉଁ ଜୀବନୀଶକ୍ତି ରହିଛି ତାହା କିନ୍ତୁ ମୋ ମଧ୍ୟରେ ବି ରହିଛି ମୋ ଭଳି । ଏହି ଜୀବନୀ ଶକ୍ତି ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା ସମସ୍ତଙ୍କ ଭିତରେ ଅଛି । ଏହି ଜୀବନୀ ଶକ୍ତିର ପ୍ରବହମାନତା ଯେତେ ପରିମାଣରେ ବିକୃତ ହୋଇଯାଏ ସେତେ ପରିମାଣରେ ମୁଁ ବୃଦ୍ଧ ହୋଇଯାଏ ଓ ଯେଉଁ ଉଦ୍ୟମ, ଇଚ୍ଛାଶକ୍ତି ମୋର ଥିଲା ତାହା ନଷ୍ଟ ହୋଇଯାଏ ଏହି ବିକୃତ ବିଧର୍ମୀ ଚଳନରେ । ଏହାକୁ ଯଦି ନିରନ୍ତର ରଖିବାକୁ ଚାହୁଁ ଏହାର ପ୍ରବହମାନତା ଠିକ୍ କରି ରଖିବାକୁ ହୁଏ ଯାହା ଫଳରେ ବଡ ହେଲେ ମଧ୍ୟ ଆମେ ଯୁବକ ହୋଇ ରହିପାରିବୁ । ଏହା ହିଁ ମୁଖ୍ୟ କଥା । ସେଥିପାଇଁ ଜଗଦ୍‌ଗୁରୁ ଶ୍ରୀ ଶଙ୍କରାଚାର୍ଯ୍ୟ ଗୁରୁ ବନ୍ଦନାରେ ପ୍ରକାଶ କଲେ - ଅଖଣ୍ଡ ମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍, ତତ୍ ପଦଂ ଦର୍ଶିତଂ ଯେନତସ୍ମୈଶ୍ରୀ ଗୁରବେ ନମଃ ।

## କଟକରେ ପଡ଼ିଛି ଚହଲ

# ରାଜା କରୁଥିଲେ ଗରିବଙ୍କ ସହ ଖେଳ ଦିନରେ ହନୁମାନ ରାତିରେ ବିରାପାନ

**କଟକ (ସଂପର୍କ ବାର୍ତ୍ତା) –** ସହରର ବସ୍ତିବାସିନ୍ଦାଙ୍କ ପାଇଁ ଆବାସ ଓ ବସ୍ତିଉନ୍ନୟନ ୪୦ରୁ ଅଧିକ ଘରକୁ ବେନିୟମ ଭାବେ ସାଧାରଣ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇ ବାଣ୍ଟି ଦେଇଥିବାର ଅଭିଯୋଗ ହୋଇଛି। ଏଥିରେ ସିଏମ୍‌ସିର ୫୩ ନମ୍ବର ୱାର୍ଡ଼ର ପୂର୍ବତନ ବିଜେଡ଼ି କର୍ପୋରେଟର ରଞ୍ଜିତା କରଣଙ୍କ ସ୍ୱାମୀ ରାଜା କରଣ ସଂପୃକ୍ତ ଥିବା ସଂପର୍କରେ ଅଭିଯୋଗ ହୋଇଥିବା ବେଳେ ତାଙ୍କୁ ପୁଲିସ ଅଟକ ରଖି ପଚରାଉଚାର କରୁଛି। ସେପଟେ ଦୀର୍ଘ ବର୍ଷ ଧରି ୭୦ରୁ ଅଧିକ ସରକାରୀ ଗୃହକୁ ଜଣେ ବ୍ୟକ୍ତି ସାଧାରଣ ଲୋକଙ୍କଠୁ ଟଙ୍କା ନେଇ ଷ୍ଟାମ୍ପ ପେପରରେ ବିକ୍ରି କରୁଥିବା ବେଳେ ଏହାର ଟେର ପ୍ରଶାସନ କି ପୁଲିସ ନିକଟରେ ନରହିବା ଘଟଣାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ମହାନଗର ନିଗମ ୱାର୍ଡ଼ ନମ୍ବର ୫୩ର ଅନ୍ଦୁରପୁରରେ ବସ୍ତିବାସିନ୍ଦାଙ୍କପାଇଁ ୬ଟି ଆପାର୍ଟମେଣ୍ଟରେ ୧୯୨ଟି ଘର ନିର୍ମାଣ ହୋଇଥିଲା। ମାତ୍ର ସେଥିରୁ ୪୦ରୁ ଅଧିକ ଘରକୁ ନିଜ ଦଖଲରେ ରଖିଥିଲେ ରାଜା। ସେଥିମଧ୍ୟରୁ ୩୪ଟି ଘରକୁ ସେ ବିଭିନ୍ନ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇ ସେ ଦେଇ ଦେଇଥିଲେ। ଏପରିକି କିଛି ଲୋକଙ୍କୁ ଷ୍ଟାମ୍ପ ପେପରରେ ଚୁକ୍ତି କରି ପ୍ରଦାନ କରିଥିବାର ଅଭିଯୋଗ ହୋଇଛି। ଉକ୍ତ କୋଠାରେ ରାଜା ଏକ ରାଜନୈତିକ ଦଳର ପାର୍ଟି କାର୍ଯ୍ୟାଳୟ ବି କରିଥିଲେ। ଏନେଇ ପୂର୍ବରୁ ବାରମ୍ବାର ସିଏମ୍‌ସି ଓ ପୁଲିସ ନିକଟରେ ଅଭିଯୋଗ ହୋଇଥିଲା। ଆଜି

**ସରକାରୀ ଘରେ କରିଥିଲେ ପାର୍ଟି କାର୍ଯ୍ୟାଳୟ, ସିଏମ୍‌ସି ପୁଲିସର ମିଳିତ ଚଢ଼ଉ**

ପୁଲିସ ଓ ସିଏମ୍‌ସି ପକ୍ଷରୁ ମିଳିତ ଚଢ଼ଉ କରି ଏଠାରେ ବେନିୟମ୍ ଭାବେ ରହୁଥିବା ୩୪ଟି ପରିବାକୁ ବାହାର କରିବା ସହ ୭୫ଟି ଘରକୁ ସିଲ୍ କରାଯାଇଛି। ଦୀର୍ଘ ବର୍ଷ ଧରି ଅନ୍ଦରପୁରଠାରେ ଥିବା ମଧୁପାଟଣା ଫାଣ୍ଡି ଆଗରେ ଏପରି କାରବାର ଚାଲୁଥିବା ବେଳେ ପ୍ରଶାସନ ସବୁ ଜାଣି ନିରବ ରହିବା ପଛରେ କି କାରଣ ରହିଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି। ଉକ୍ତ ୬ଟି ବ୍ଲକ୍‌ରେ ୬୯ଟି ଘରକୁ ସିଏମ୍‌ସି ପକ୍ଷରୁ ବସ୍ତି ବାସିନ୍ଦାକୁ ଦିଆଯାଇଥିବା ସମୟରେ ପାଣି କିମ୍ବା ଆଲୋକର ବ୍ୟବସ୍ଥା କରାଯାଇ ନାହିଁ। ସେଠାରେ ନିଗମରୁ ଘର ପାଇ ରହୁଥିବା ୨୦ରୁ ଅଧିକ ବସ୍ତି ବାସିନ୍ଦା ଓ ବେନିୟମ ଭାବେ ଘର ନେଇଥିବା ୫୦ରୁ ଅଧିକ ପରିବାର ଚୋରାରେ ପାଣି ଓ ବିଦ୍ୟୁତ୍ ବ୍ୟବହାର କରୁଥିବାର ଅଭିଯୋଗ ହୋଇଛି। ସିଏମ୍‌ସିର ପୂର୍ବତନ ବିଜେଡ଼ି କର୍ପୋରେଟଙ୍କ ସ୍ୱାମୀ ରାଜନେତା ଓ ପ୍ରଶାସନର ଜାଣତରେ ଏପରି କାମ ଦୀର୍ଘ ବର୍ଷ ଧରି କରି ଆସୁଥିବାବେଳେ ଆଜି ଏହାକୁ ନେଇ ଚଢ଼ଉ କରିବା ପଛରେ ପୌର ନିର୍ବାଚନ ମୁଖ୍ୟ କାରଣ ଥିବା ସାଧାରଣରେ ଆଲୋଚନା ହେଉଛି। ଶ୍ରୀ କରଣ ଅନେକ ଲୋକଙ୍କଠାରୁ ଟଙ୍କା ନେଇ ଘର ଦେଇ ନଥିବାବେଳେ ଏବେ ତାଙ୍କ ନାମରେ ଥାନାରେ ୧୦ରୁ ଅଧିକ ଅଭିଯୋଗ ହୋଇଛି। ପୁଲିସ ଶ୍ରୀ କରଣଙ୍କୁ ଅଟକ ରଖି ଉକ୍ତ ଘଟଣାର ଛାନଭିନ୍ କରୁଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ଦରପୁରଠାରେ ବସ୍ତିବାସିନ୍ଦାଙ୍କ ପାଇଁ ନିର୍ମାଣ ହୋଇଥିବା ଘରେ କିଛି ଲୋକ ବେନିୟମ ଭାବେ ରହୁଥିବାର ଅଭିଯୋଗ ମିଳିବା ପରେ ସେମାନଙ୍କୁ ସେଠାରୁ ବାହାର କରାଯାଇ ସେଗୁଡ଼ିକୁ ସିଲ୍ କରାଯାଇଛି ବୋଲି ଡେପୁଟି କମିସନର ଅବିନାଶ ରାଉତ କହିଛନ୍ତି।

# ମଧୁସୂଦନ ଦାସଙ୍କ ଶ୍ରାଦ୍ଧଦିବସରେ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗର ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତୀୟତାର ଜନକ ତଥା ନବଜାଗରଣର ପ୍ରବର୍ତ୍ତକ ମଧୁବାବୁଙ୍କର ବଳିଷ୍ଠ ନେତୃତ୍ୱ ଏ ଜାତିର ଜୀବନଧାରାକୁ ସଂଜୀବିତ କରି ଏହାକୁ ସଂଗ୍ରାମର ମାର୍ଗ ପ୍ରଦର୍ଶନ କରାଇଥିଲେ। ତାଙ୍କରି ଉତ୍ସର୍ଗୀକୃତ କାର୍ଯ୍ୟ ଯୋଗୁଁ ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହୋଇଥିଲା। ଧୈର୍ଯ୍ୟ-ସହିଷ୍ଣୁତା, ସଂଗ୍ରାମ-ସାଧନାକୁ ପାଥେୟ କରି ଜାତିପ୍ରେମ ବହ୍ନି ପ୍ରଜ୍ୱଳିତପୂର୍ବକ ଓଡ଼ିଆ ଜାତିକୁ ବିଶ୍ୱ ଦରବାରରେ ପରିଚିତ କରାଇବା ପାଇଁ ମଧୁବାବୁ ସଦା ଚେଷ୍ଟିତ ଥିଲେ। ସମାଜ, ସାହିତ୍ୟ, ଶିକ୍ଷା, ଅର୍ଥନୀତି ଓ ରାଜନୀତି ଆଦି ବିଭିନ୍ନ କ୍ଷେତ୍ରରେ ଏହି ଜନନାୟକଙ୍କର ପ୍ରେରଣା ଉତ୍କଳୀୟ ଜୀବନରେ ନବସୂର୍ଯ୍ୟୋଦୟ ସମ୍ଭବ କରାଇଥିଲା। ଯଥାର୍ଥରେ ଉତ୍କଳ ମାଟିର ଯୋଗ୍ୟତମ ସନ୍ତାନ, ଉତ୍କଳୀୟ



ଜାତୀୟତାର ମନ୍ତ୍ରଦାତା, ଶତାବ୍ଦୀର ସୂର୍ଯ୍ୟ ଉତ୍କଳଗୌରବ ମଧୁସୂଦନ ଦାସ ପ୍ରତ୍ୟେକ ଓଡ଼ିଆ ଚିରବନ୍ଦନୀୟ। ଭୁବନେଶ୍ୱରସ୍ଥିତ ରାଜଭବନ ଛକରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧଦିବସ ଅବସରରେ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଭାଗ ତରଫରୁ ପ୍ରତିମୂର୍ତ୍ତି ସ୍ଥଳରେ ଆକର୍ଷଣୀୟ ସାଜସଜ୍ଜା କରାଯାଇ କୋଭିଡ୍ ମାର୍ଗଦର୍ଶିକାର ଅନୁପାଳନ ସହିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ(ବୈଷୟିକ) ନିରଞ୍ଜନ ସେଠୀ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦକ ଡ.ଲେନିନ୍ ମହାନ୍ତି ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ଓ ମାନସ ରଞ୍ଜନ ଖୁଣ୍ଟିଆ ଓ ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ତଥା ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ନିବେଦନ କରିଥିଲେ।

## ଜଗତସିଂହପୁରରେ ବୟଜ୍ୟେଷ୍ଠ ସାମ୍ବାଦିକଙ୍କ ସ୍ୱତନ୍ତ୍ର ସଂଘ




**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ସାମ୍ବାଦିକମାନଙ୍କର ସାମାଜିକ ଓ ଅର୍ଥନୈତିକ ସୁରକ୍ଷା ନିମନ୍ତେ ଜଗତସିଂହପୁର ଜିଲ୍ଲାରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକମାନଙ୍କୁ ନେଇ ଏକ ବୈଠକ ଜୟବଡସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ କାହ୍ନୁ ନନ୍ଦଙ୍କ ଆବହକତ୍ୱରେ ଆୟୋଜିତ ସଭାରେ ସାମ୍ବାଦିକ ଅଜୟ କୁମାର ଜେନା ସଭାପତିତ୍ୱ କରିଥିଲେ। ଏହି ଅବସରରେ ସଂଘର ଉପବିଧି ପ୍ରସ୍ତୁତ କରିବାକୁ ଏକ ନଅ ଜଣିଆ କମିଟି ଗଠନ କରାଯାଇଥିଲା। ତତ୍‌ସହିତ ପ୍ରସ୍ତାବିତ ସଂଘର ପ୍ରଥମ ସାଂଗଠନିକ ସଭା କୁଜଙ୍ଗଠାରେ କରାଯିବାକୁ ସ୍ଥିର ହୋଇଥିଲା। ସଭାରେ ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ମହାନ୍ତି, ପ୍ରଦୀପ୍ତ କିଶୋର ଚୌଧୁରୀ, ନରେଶ କୁମାର ଜେନା, ଶୁଭଙ୍କର ଜେନା, ଶଶାଙ୍କ ଶେଖର ପଣ୍ଡା, ଧ୍ରୁବଚରଣ ମହାପାତ୍ର, ବିଜୟ ସ୍ୱାଇଁ, ନୃସିଂହ ବାରିକ, ରଘୁନାଥ ସାହୁ, ଶୁକଦେବ ପରିଡା, ଜୀବନାନନ୍ଦ ଅଧିକାରୀ, ରାମଚନ୍ଦ୍ର ସ୍ୱାଇଁ, ମହେଶ୍ୱର ତ୍ରିପାଠୀ, ଶ୍ରୀବତ୍ସ ପାଢୀ, ଆଶୁତୋଷ ବେହେରା, ବେଣୁଧର ନାୟକ, ସରୋଜ ନାଏକ ପ୍ରମୁଖ ଯୋଗଦାନ କରିଥିଲେ।

## ପୋଲିସ୍‌ର ଫ୍ଲାଗ୍‌ମାର୍ଚ୍ଚ ଦେଖି ଅସାମାଜିକ ଯୁବକ ଫେରାର୍

**ନୟାଗଡ(ସଂପର୍କବାର୍ତ୍ତା):-** ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ଚାନ୍ଦପରୁ ଥାନ। ନିରୀକ୍ଷକ ରଶ୍ମୀରଞ୍ଜନ ଦାସ ଅଭିନବ ପନ୍ଥା ଅନୁସରଣ କରିଥିବା ଜଣାପଡିଛି। ଚାନ୍ଦପରୁ ଥାନା ଅଧିନରେ ଥିବା ୧୧ଗୋଟି ଗ୍ରାମପଂଚାୟତ ରେ ୧୦୨ଜଣ ଅସାମାଜିକ ବ୍ୟକ୍ତିଙ୍କ ନାମରେ ଗିରଫ ପରଓାରା ଜାରି କରିଥିବା ସୂଚନା ମିଳିଛି। କନ୍ଧନୟାଗଡ ,ଚାନ୍ଦପୁର ଓ ଜର୍କିଆ ଗ୍ରାମପଂଚାୟତ ଓସ୍ତପଡା ଗ୍ରାମରେ ନିର୍ବାଚନକୁ କରିବା ପାଇଁ




ଡାକବାଜି ଯନ୍ତ୍ରଯୋଗେ ଜନ ସଚେତନତା ସୃଷ୍ଟି କରିବା ସହ ପୋଲିସ ବାହିନୀକୁ ନେଇ ଫ୍ଲାଗାମାର୍ଚ୍ଚ କରିଥିବା ଜଣାପଡିଛି। ଯାହାଫଳରେ ନିର୍ବାଚନକୁ ପ୍ରଭାବି କରିବା ପାଇଁ ନିରପେକ୍ଷ ନିର୍ବାଚନ ହେବ ବୋଲି ପୋଲିସ ଆଶା ବାନ୍ଧିଛି।

# ଭୁବନେଶ୍ୱରରୁ ଅପହୃତ ଘଟଣାରେ ୪ ଗିରଫ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ୩୬ଘଣ୍ଟା ପରେ ହେଲେ ବନ୍ଧୁକ ମୁନରେ ଅପହରଣ ହୋଇଥିବା ବିବିଏ ଛାତ୍ରା ଉଦ୍ଧାର ହୋଇଥିବା ଛାତ୍ର ହେଲେ ଲକ୍ଷ୍ମୀସାଗର ଅଂଚଳ ର ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ପୁଅ ମୋବାଇଲ ଟ୍ରକିଂ କରି ଯୁବକଙ୍କୁ ଉଦ୍ଧାର କରିଛି ପୁଲିସ। ପୁଲିସ ଠିକଣା ସମୟରେ ୩ ଅପହରଣକାରୀଙ୍କୁ କାବୁ କରିବା ସହ ଅପହୃତ ଛାତ୍ରଙ୍କୁ ଉଦ୍ଧାର କରିଛି । ସୁନାଖଳାର ଥିବା ଏକ ଜଙ୍ଗଲ ଭିତରୁ ଛାତ୍ର ଉଦ୍ଧାର କରାଯାଇଛି । ଦେଇଥିବା ଯୁବକଦୁର୍ବୃତ୍ତମାନଙ୍କଠାରୁ ଏକ କାର୍, ମାରଣାସ୍ତ୍ର, ମୋବାଇଲ ଫୋନ୍ ଜବତ କରାଯାଇଛି। ସୁନାଖଳାର ଥିବା ଜଙ୍ଗଲ ଭିତରୁ ଛାତ୍ରଙ୍କୁ ଉଦ୍ଧାର କରାଯାଇଛି। ହେଇଥିବା ଯୁବକ ଦୁର୍ବୃତ୍ତମାନଙ୍କଠାରୁ ଏକ କାର୍ ମାରଣାସ୍ତ୍ର




ମୋବାଇଲ ଫୋନ୍ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଅପହରଣ କରିଥିବା ଅଭିଯୁକ୍ତ ମାନେ ନିଜ ସୁରକ୍ଷା ପାଇଁ ୩ଟି ଟିମ ଗଠନ କରିଥିଲେ ସୁବ ସମୟରେ ପରସ୍ପର ୨୦ରୁ ୩୦କିମି ଦୂରତା ରଖିଥିଲେ ଅପହରଣ କରିଥିବା ଅଭିଯୁକ୍ତମାନେ ନିଜ ସୁରକ୍ଷା ପାଇଁ ୩ଟି ଟିମ ଗଠନ କରିଥିଲେ। ସବୁ ସମୟରେ ପରସ୍ପରଠୁ ୨୦ରୁ୩୦କିମି ଦୂରତା ରଖିଥିଲେ ଅପହରଣ କରିଥିବା ଏହି ଗ୍ୟାଙ୍ଗ ଅପହୃତ ହେଇଥିବା ଯୁବକ ନିକଟରେ ଯେଉଁ ଅପହରଣକାରୀ ଥିଲେ ସେମାନେ ସିଧାସଳଖ ଯୁବକ ବାପାଙ୍କୁ ଫୋନ କରୁନାଥିଲେ। ଅନ୍ୟ ସହଯୋଗୀ ଯେଉଁମାନେ ତାଙ୍କଠୁ ଦୂରରେ ଥିଲେ ତାଙ୍କୁ ଫୋନ କରୁଥିଲେ ଓ ସେମାନେ ଆଉ ଗୋଟେ ଟିମକୁ ଫୋନ କରୁଥିଲେ। ପରେ ତୃତୀୟ ଟିମ ଯୁବକଙ୍କ ଫୋନ କରୁଥିଲେ , ଯେଉଁଥିପାଇଁ ଫୋନ ଟ୍ରାକ୍ କରାଯାଇ ପାରୁନଥିଲା ଅଭିଯୁକ୍ତଙ୍କୁ ଖୋଜିବା ପାଇଁ ଖୋର୍ଦ୍ଧା ବ୍ରହ୍ମପୁର, ନୟାଗଡର ବିଭିନ୍ନ ଅଂଚଳରେ ପ୍ରାୟ ୮୦୦କିଲୋମିଟର ଯାତ୍ରା କରି ଖୋଜାଖୋଜି କରିବା ପରେ ପୁଲିସକୁ ଯୁବକଙ୍କ ପତ୍ତା ମିଳିଥିଲା ତେବେ ଏହା ପ୍ରଥମ ନୁହେଁ ପୂର୍ବରୁ ମଧ୍ୟ ଏହି ଗ୍ୟାଙ୍ଗ କିଛି ଲୋକଙ୍କୁ ଅପହରଣ କରିଛନ୍ତି।

# ଭାଜପାକୁ ବଙ୍ଗୋପସାଗରରେ ଫିଙ୍ଗିଦିଅ

**ହାଇଦ୍ରାବାଦ୍(ସଂପର୍କବାର୍ତ୍ତା):-** ତେଲେଙ୍ଗନା ମୁଖ୍ୟମନ୍ତ୍ରୀ କେ .ଚନ୍ଦ୍ରଶେଖର ରାଓ କହିଛନ୍ତି ଯେ ଲୋକଙ୍କ ପୂରଣ କରିବା ଏବଂ ଦେଶ ଏହାର ପୂର୍ଣ୍ଣ ସାମର୍ଥ୍ୟକୁ ନେଇ ଅଗ୍ରଗତି କରିବା ପାଇଁ ଭାରତ ଏହାର ସମ୍ବିଧାନକୁ ପୁନଃଲିଖନ କରିବା ଆବଶ୍ୟକ। ଭାଜପାକୁ ଟାର୍ଗେଟ କରି ସେ କହିଛନ୍ତି ଯେ ଏହି ଦଳକୁ ହଟାଇ ବଙ୍ଗୋପସାଗରରେ ଫିଙ୍ଗିବାର ଆବଶ୍ୟକତା ରହିଛି। ଦେଶ ପାଇଁ ଯାହା ଆବଶ୍ୟକ ତାହା ଆମେ କରିବୁ, ଆମେ ଚୁପ ରହିବୁ ନାହିଁ । ଏହା ହେଉଛି ଗଣତନ୍ତ୍ର। ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଦୂରଦର୍ଶୀ ସମ୍ପନ୍ନ ଆଗକୁ ସରକାରୀ ଯୋଜାନାର ଫଳାଫଳ କଣ ହେବ ତାହା ତାଙ୍କୁ ଅଜଣା କେସିଆରଙ୍କ ଏହି ମନ୍ତବ୍ୟ ପରେ ଭାଜପା ରାଜ୍ୟସଭାପତି ସଞ୍ଜୟ କୁମାର ତାଙ୍କ ଉପରେ ଗୁରୁତର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ,ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ଡକ୍ଟର ବାବାସାହେବ ଆମ୍ବେକଡକରଙ୍କୁ ଅପମାନିତ



କରିଛନ୍ତି। କୁମାର ତାଙ୍କ ପ୍ରସ୍ତାବକୁ ଏସସି ଏବଂ ଏସଟି ପାଇଁ ସଂରକ୍ଷଣକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଏକ ଚକ୍ରାନ୍ତ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଚନ୍ଦ୍ରଶେଖର ଅଭିଯୋଗ କରିଛନ୍ତି ଯେ ଗତ ୭୫ବର୍ଷ ମଧ୍ୟରେ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାରେ ଉଭୟ କଂଗ୍ରେସ ଏବଂ ଭାଜପା ବିଫଳ ହୋଇଛନ୍ତି। ସେ ଦେଶରେ ଗୁଣାତ୍ମକ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଛନ୍ତି ଏବଂ ଏକ ପରବର୍ତ୍ତନ ଆଣିବା ପାଇଁ ସେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ଘୋଷଣା କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଘୋଷଣା କରଛନ୍ତି ଯେ ଖବୁ ଶୀଘ୍ର ହାଇଦ୍ରାବାଦରେ ଅବସରପ୍ରାପ୍ତ ଆଇଏଏସ, ଆଇପିଏସ ଏବଂ ଆଇଏଫଏସ୍ ଅଧିକାରୀଙ୍କ ଏକ ବୈଠକରେ ଦେଶର ନୂତନ ଏଜେଣ୍ଡା ଉପରେ ଆଲୋଚନା ହେବ। କେସିଆର କହିଛନ୍ତି ଯେ ସମ୍ବିଧାନ ରାଜ୍ୟମାନଙ୍କୁ କିଛି କ୍ଷମତା ଦେଇଛି, କିଛି କ୍ଷମତା ଭାରତ ସରକାରଙ୍କୁ ଦିଆ ଯାଇଥିବା ବେଳେ କନକ୍ରେଣ୍ଟ ତାଲିକାରେ କିଛି ବିଷୟ ଅଛି , କିନ୍ତୁ କଂଗ୍ରେସ ଏବଂ ଭାଜପା ସରକାର ରାଜ୍ୟଗୁଡିକର କ୍ଷମତା ଛଡାଇ ନେଇଛନ୍ତି।

# ଦୁଇଜଣ ପୋଲିସ୍ କନେଷ୍ଟବଲଙ୍କ ନାମରେ କୋର୍ଟରେ ରୁଜୁ ହେଲା ମାମଲା




**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ଥାନା ଅଧିନ ଅତାମଲା ଗାଁର ଜଗନ୍ନାଥ ବେହେରାଙ୍କୁ ୨୦୧୮ ମସିହା ପେବୃୟାରୀ ୫ ତାରିଖ ଦିନ ଜଗତସିଂହପୁର ଥାନାର କନେଷ୍ଟବଳ ଅତୁଲ ବିଶ୍ୱାଳ ଓ ପ୍ରେମା ବାରିକ ହାଟବଜାରରେ ଅଟକାଇ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ପରେ ପରେ ତାଙ୍କ ଘରକୁ ଯାଇ ଜଗନ୍ନାଥଙ୍କ ପତ୍ନୀ ବୈଶାଳି ବେହେରାଙ୍କୁ ଅସଦାଚରଣ କରି ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ଗାଲୁପଡା ବଜାରରେ ଜଗନ୍ନାଥ ଏବଂ ତାଙ୍କ ବାପାଙ୍କୁ ମାଡ ମାରି ବିନା ଦୋଷରେ ଜେଲ୍ ପଠାଇ ଦେଇଥିଲେ। ଏହି ଘଟଣାକୁ ନେଇ ଜଗନ୍ନାଥଙ୍କ ପରିବାର ଏତଲା ଦେଇଥିଲେ ମଧ୍ୟ ଥାନା ଅଧିକାରୀ ଏହାକୁ ଗ୍ରହଣ କରିନଥିଲେ। ପରିବାର ତରଫରୁ ଏସ୍‌ପି ଓ ଜିଲ୍ଲାପାଳକୁ ଜଣାଇଥିଲେ ମଧ୍ୟ କୌଣସି ଜାଗାରୁ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲେ ଜଗନ୍ନାଥଙ୍କ ପରିବାର ଓ ଏହା ପରେ ନ୍ୟାୟ ପାଇବା ପାଇଁ ବାରମ୍ବାର ଧାରଣାରେ ବସିଥିଲେ। ଏହାପରେ ଜଗନ୍ନାଥଙ୍କ ପରିବାର ପୋଲିସ୍ ମୁଖ୍ୟାଳୟ ଓ ମାନବାଧିକାରଙ୍କ ଦ୍ୱାରସ୍ଥ ହୋଇଥିଲେ ଓ ପୋଲିସ୍ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ୨୦୧୮ ମସିହା ଫେବୃୟାରୀ ୫ ତାରିଖ ଦିନ ଦୁଇ କନେଷ୍ଟବଳଙ୍କ ବିରୁଦ୍ଧରେ ୧୧୨/୧୮ ନଂରେ କେସ୍ ରୁଜୁ ହୋଇଥିଲା। କିନ୍ତୁ ଏହି ଘଟଣାର ତଦନ୍ତଭାର ନେଇଥିଲେ ଏସ୍‌ଡିପିଓ ସୁଯୋଗ୍ୟ ମିଶ୍ର ତଦନ୍ତ ନ କରି କୋର୍ଟକୁ ଫଲ୍ସ ରିପୋର୍ଟ ପଠାଇ ଦେଇଥିଲେ। କୋର୍ଟରୁ ସମନ ପାଇ ବୈଶାଳି ବେହେରା ସେହି କେସ୍ ଉପରେ ୱାନ୍ ସିସି ୪/୧୯ ଫାଇଲି ହୋଇଥିଲା। ମାନ୍ୟବର ଅଦାଲତ ଗତ ନଭେମ୍ବର ୨୩, ୨୦୨୧ରେ ୩୪୧/୩୨୩/୪୫୧/୫୦୬/୩୫୪/ ଏ୩୨୪/୩୪ ଏବଂ ଏସି ଏସ୍ଟି ମାମଲା ରୁଜୁ ହୋଇଛି। ଚଳିତ ମାସ ୧୮ ତାରିଖରେ ତାଙ୍କୁ ହାଜର ହେବା ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି।

# ୪୭ ନଂ ୱାର୍ଡ଼ରେ ବିଜେଡ଼ି ପ୍ରାର୍ଥୀ ଇଂ. ସୁବ୍ରତ ଘଡ଼େଇ

**କଟକ(ତପନ ମହାନ୍ତି)–** ଚୌଦ୍ୱାର କଟକ-ବିଧାୟକ ସୌଭିକ ବିଶ୍ୱାଳ ଏବଂ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ବାସଭବନ ତଥା ନିଜର ଗଡଭାବେ ପରିଚାଳିତା କଟକ ମହାନଗର ନିଗମ ଅନ୍ତର୍ଗତ ୪୭ ନମ୍ବର ୱାର୍ଡ଼ର ବିଜେଡ଼ିର ଇଂ ସୁବ୍ରତ ଘଡ଼େଇ ଭଳି ଭଲ ଅଭିଜ୍ଞତା ନେତା କେହି ନଥିବାରୁ ଚୌଦ୍ୱାର- କଟକର ପୂର୍ବତନ ବିଧାୟକ ଇଂ. ସୁବ୍ରତ ଘଡ଼େଇଙ୍କ ୪୭ ନମ୍ବର ୱାର୍ଡ଼ର ବିଜେଡ଼ି ପକ୍ଷରୁ ଛିଡ଼ା ହେବାପାଇଁ ସହମିତି ଦିଆଯାଇଥିବା ସୂଚନା ମିଳିଛି। ଚୌଦ୍ୱାର-କଟକ ନଗର କମିଟିର କାର୍ଯ୍ୟକାରୀ ସଭାପତି ଇଂ ସୁବ୍ରତ ଘଡ଼େଇ ୪୦୦ରୁ ଉର୍ଦ୍ଧ୍ୱ ସମର୍ଥକଙ୍କ ସହ ପୂର୍ବତନ ବିଧାୟକଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଏତେ ମାତ୍ରାରେ କର୍ପୋରେଟର ପ୍ରାର୍ଥୀ ରୂପେ ଘୋଷଣା କରିଥିଲେ। ଇଂ ଘଡ଼େଇଙ୍କୁ ମହାନଦୀବିହାର ଅଞ୍ଚଳର ବହୁମୁରବୀ ବରିଷ୍ଠ ନାଗରିକଙ୍କ ସମର୍ଥନ ରହୁଛି ବୋଲି ଡଃ ବିଶ୍ୱାଳ ଦେଖିବାକୁ ପାଇଥିଲେ। ଏହି ଖବର ପାଇବାମାତ୍ରେ ପୂର୍ବତନ କର୍ପୋରେଟର ଶ୍ରୀମତୀ ଖଣ୍ଡରେ ବିଚଳିତ ହୋଇପଡ଼ିଥିବା ସୂଚନା ମିଳେ ବିଶେଷ କରି ଇଂ ସୁବ୍ରତ ଘଡ଼େଇଙ୍କ ନାମକୁ ନାମକୁ ଡଃ ବିଶ୍ୱାଳ ସୁପାରିଶ କରିବାପରେ କିଛି ବିରୋଧୀ ଔଷଧ ବିକଳରେ ତାଟିକା କାମୁଡ଼ିବାକୁ ଆରମ୍ଭ କରିଛନ୍ତି। ଏପଟେ ନୂତନ ପ୍ରାର୍ଥୀ ଏହି ଖୁସି ଅବସରରେ ଅଭିନନ୍ଦନ ଜଣାଇଛନ୍ତି। ଏଥିରେ ଆଉ କୌଣସି ପରିସ୍ଥିତିରେ ପରିବର୍ତ୍ତନ ହେବାର ପ୍ରଶ୍ନ ଉଠୁନାହିଁ ବୋଲି ଦଳ ପକ୍ଷରୁ ଜଣାପଡ଼ିଛି।

# ସକାଳୁ ଖାଲି ପେଟରେ କଞ୍ଚା ରସୁଣ ଖାଇ ଗରମ ପାଣି ପିଇବା ଦ୍ୱାରା ମିଳିଥାଏ ଏହି ଗଜବ ଫାଇଦା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବନ୍ଧୁଗଣ ସକାଳୁ ସକାଳୁ ଖାଲି ପେଟରେ କଞ୍ଚା ରସୁଣ ଖାଇ ଗରମ ପାଣି ପିଇବା ଦ୍ୱାରା ମିଳିଥାଏ ଚମତ୍କାରି ଫାଇଦା। ରସୁଣକୁ ଆମେ ଖାଦ୍ୟରେ ସ୍ୱାଦ ଆଣିବା ପାଇଁ ବ୍ୟବହାର କରିଥାଉ। କିନ୍ତୁ କ'ଣ ଆପଣ ଜାଣିଛନ୍ତି ରସୁଣର ଗୋଟିଏ ଦାନା ଆମା ଶରୀରରେ ଥିବା ପ୍ରାୟତଃ ରୋଗରୁ ମୁକ୍ତି ଦେଇଥାଏ। ରସୁଣ କେବଳ ଆମର ଖାଦ୍ୟର ସ୍ୱାଦକୁ ନୁହେଁ ବରଂ ଆମ ଶରୀରରେ ମଧ୍ୟ ବହୁତ ଫାଇଦା ଦେଇଥାଏ।

ଯଦି ଆପଣ ରସୁଣର ଗୋଟିଏ ଦାନା ପ୍ରତିଦିନ ସେବନ କରୁଥିବେ ତେବେ ଏହା ଆପଣଙ୍କ ଶରୀର ପାଇଁ କୌଣସି ଅମୃତ ଠାରୁ ମଧ୍ୟ କମ୍ ନୁହେଁ। ଆୟୁର୍ବେଦରେ କୁହାଯାଇଛି କି ରସୁଣର ସେବନ ଆପଣ ସର୍ବଦା ଯୁବକ ରହିପାରିବେ। ଏହା ସହିତ ଅନେକ ପ୍ରକାରର ରୋଗ ଯେପରି ଅର୍ଶ, କବଜ ଆଦି ଅସୁବିଧାକୁ ମଧ୍ୟ ଦୂର କରିଥାଏ। ଭୋକ ବଢାଇବା, ମଧୁମେହ, ରକ୍ତଚାପ, ଆଦି ରୋଗରେ ଏହାର ବ୍ୟବହାର ବହୁତ ଅଧିକ କରାଯାଇଥାଏ। ଯଦି ଆପଣ ସକାଳୁ କିଛି ଖାଇବା ପୂର୍ବରୁ ରସୁଣର ସେବନ କରନ୍ତି ତେବେ ଆପଣଙ୍କ ଶରୀରରକୁ ପ୍ରବଳ ବଳ ମିଳିଥାଏ। ଏହିପରି ଭାବରେ ରସୁଣକୁ



ଖାଇବା ଦ୍ୱାରା ଆମ ଶରୀରକୁ ଅନେକ ଫାଇଦା ହୋଇଥାଏ। ତେବେ ଚାଲନ୍ତୁ ଏହି ସମ୍ବନ୍ଧରେ ବିସ୍ତାର ରୂପରେ ଜାଣିବା।

ପ୍ରତିଦିନ ସକାଳେ ଯଦି ଆପଣ ରସୁଣର ଏକ ଦାନାର ସେବନ କରନ୍ତି ତେବେ ଆପଣଙ୍କ ଶରୀର ଫୁର୍ତ୍ତି ରହିବ ଏବଂ ଶରୀରରେ ଥିବା ବିଷାକ୍ତ ପଦାର୍ଥ ମଧ୍ୟ ନଷ୍ଟ ହୋଇଯିବ। ଏହାକୁ ସେବନ କଲେ ଆପଣଙ୍କ ଶରୀରରେ ରୋଗପ୍ରତିରୋଧ ଶକ୍ତି ବଢିଥାଏ। ଫୁସ୍‌ଫୁସ୍ ଜନତି ରୋଗକୁ ମଧ୍ୟ ରସୁଣ ସେବନ କରିବା ଦ୍ୱାରା ଦୂର କରାଯାଇପାରିଥାଏ। ରସୁଣକୁ ଉଚିତ ମାତ୍ରାରେ ଖାଇବା ଆବଶ୍ୟକ। ଅଧିକ ମାତ୍ରାରେ ଖାଇବା ଦ୍ୱାରା ଶରୀରରେ କ୍ଷତି ମଧ୍ୟ ହୋଇଥାଏ, କାରଣ ଏହା ଏକ ଔଷଧି ଅଟେ। ସକାଳୁ ଖାଲି ପେଟରେ ରସୁଣ ଖାଇବା ଦ୍ୱାରା ଉଭୟ ପୁରୁଷ ଏବଂ ମହିଳାମାନଙ୍କ ଯୌନ ଜନିତ ସମସ୍ୟା ଦୂର ହୋଇଥାଏ। ତେଣୁ ଯଦି ଆପଣ ଏହି ସମସ୍ୟା ପାଇଁ ଚିନ୍ତିତ ରହୁଛନ୍ତି ଆଜି ଠାରୁ ହିଁ ରସୁଣର ସେବନ କରିବା ଆରମ୍ଭ କରିଦିଅନ୍ତୁ। ଉଚ୍ଚ ରକ୍ତଚାପରୁ ମଧ୍ୟ ରକ୍ଷା ଦେଇଥାଏ ଏବଂ ହୃଦୟ ସମ୍ବନ୍ଧିତ ଅସୁବିଧା ମଧ୍ୟ ଦୂର ହୋଇଥାଏ। ଏଥିରେ ଥିବା ଔଷଧୀୟ ଗୁଣ ରକ୍ତଚାପ ମଧ୍ୟ ଦୂର ହୋଇଥାଏ। ଏଥିରେ ଥିବା ଔଷଧୀୟ ଗୁଣ ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ। ପେଟ ଜନିତ ସମସ୍ୟା ମଧ୍ୟ ଦୂର ହୋଇଥାଏ ଯେମିତି କି ଡାଇରିଆ ଏବଂ ପାଚନ ସମସ୍ୟା ମଧ୍ୟ ଭଲ ହୋଇଥାଏ। ଗ୍ୟାସ ଏବଂ ଏସିଡିଟି ପାଇଁ ମଧ୍ୟ ଏହା ବହୁତ ଉପକାରିତା ହୋଇଥାଏ। ଏହା ଅସ୍ଥମା ପାଇଁ ମଧ୍ୟ ବହୁତ ଲାଭଦାୟକ ହୋଇଥାଏ।

## ରିସର୍ଚ୍ଚରୁ ଖୁଲାସା

# ସେକ୍ସ ପାଇଁ ଇଚ୍ଛା ନ ଥିଲେ ମହିଳା କରନ୍ତି ବାହାନା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପୁରୁଷମାନଙ୍କ ଟେଷ୍ଟୋଷ୍ଟେରନ୍ ହର୍ମୋନ୍ ମହିଳାଙ୍କ ତୁଳନାରେ ୨୦% ଅଧିକ। ଏହି କାରଣରୁ ମହିଳାଙ୍କ ତୁଳନାରେ ପୁରୁଷମାନେ ନିଜକୁ ଅଧିକ ରୋମାଣ୍ଟିକ୍ ଭାବେ ପ୍ରଦର୍ଶିତ କରିଥାନ୍ତି। ଗତ କିଛିଦିନ ତଳେ ହୋଇଥିବା ଏକ ରିସର୍ଚ୍ଚରୁ ଏହି ଘଟଣା ସାମ୍ନାକୁ ଆସିଛି ଯେ, ୪୦% ମହିଳା ଅନେକ ସମୟରେ ସେକ୍ସରୁ ବର୍ତ୍ତିବା ପାଇଁ ନିଜେ ଥକାପଣ ଅନୁଭବ କରୁଥିବା କିମ୍ବା ଋତୁସ୍ରାବ ଭଳି ଅନେକ ବାହାନା କରିଥାନ୍ତି।




ରିସର୍ଚ୍ଚ ଅନୁସାରେ ପୁରୁଷମାନେ ପ୍ରେମ ନକରି ୨୦ଦିନ ପର୍ଯ୍ୟନ୍ତ ରହିପାରିଥାନ୍ତି। କିନ୍ତୁ ୨୦ ଦିନରୁ ଅଧିକ ହୋଇଗଲେ ସେମାନେ ଚିନ୍ତାରେ ପଡିଯାଆନ୍ତି। କିନ୍ତୁ ମହିଳାମାନେ ପୁରୁଷଙ୍କ ତୁଳନାରେ ନିଜ ଉପରେ ଅଧିକ ନିୟନ୍ତ୍ରଣ ରଖିପାରିଥାନ୍ତି। ରିସର୍ଚ୍ଚରୁ କୁହାଯାଇଛି ଯେ, ମହିଳାମାନେ ପ୍ରେମ ନ କରି ଏକ ବର୍ଷ ପର୍ଯ୍ୟନ୍ତ ରହି ପାରନ୍ତି। ଅଧିକାଂଶ ମହିଳା ଘର ଓ ଅଫିସ୍ କାର୍ଯ୍ୟକୁ ପ୍ରାଧାନ୍ୟ ଦେଇଥାନ୍ତି। ଏହାପରେ ସେକ୍ସ ସେମାନଙ୍କ ପାଇଁ ସବୁଠାରୁ ଶେଷ ବିକଳ୍ପ ହୋଇଥାଏ। ଏପରିକି ଏହାକୁ ସେମାନେ ମୁଣ୍ଡ ବ୍ୟଥା ହେଉଛି ଭଳି ବାହାନା କରି ଟାଳିଦେବାକୁ ଚାହୁଁଥାନ୍ତି। ଅନ୍ୟପଟେ ସେକ୍ସ ଏକ ନ୍ୟାଚୁରାଲ୍ ଷ୍ଟ୍ରେସ୍ ବଷ୍ଟର ଭାବେ କାର୍ଯ୍ୟ କରିଥାଏ। ଏହା ଆପଣଙ୍କ ଷ୍ଟ୍ରେସ୍ କମ୍ କରିବା ସହ ଆପଣଙ୍କ ସମ୍ପର୍କକୁ ଅଧିକ ମଜବୁତ କରିଥାଏ।

# ଚା ପିଉଛନ୍ତି କି, କରନ୍ତୁ ନାହିଁ ଏଭଳି ଭୁଲ୍

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଚା ଶୀତଦିନେ ଅଥବା ବର୍ଷଯାକ ଅଧିକାଂଶ ଲୋକଙ୍କ ଏହା ପସନ୍ଦିଆ ପାନୀୟ। ମାତ୍ର ଏଭଳି କେତେକ ଯାହା ଖାଦ୍ୟ ସେବନ ସହ ପାନୀୟ ଦ୍ରବ୍ୟ ପିଇବା ସମୟରେ ମଧ୍ୟ ମାନିବାକୁ ଆବ୍ୟଶକ ତେବେ ଜାଣନ୍ତୁ ଚା ପିଇବା ସମୟରେ କେଉଁ ଦିଗ ପ୍ରତି ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ। ଚା ସହ କିଛି ଜିନିଷର ସେବନ କରିବା କ୍ଷତିକାରକ ହୋଇଥାଏ। ଚା ସହ ଯେକୌଣସି କଞ୍ଚା ଜିନିଷ ସେବନ କରିବା ଉଚିତ ନୁହେଁ। ଚା ସହ ସାଲାଡ,ଗଜାମୁଗ, ସିଝା ଅଣ୍ଡା ଖାଇବା ପାଇଁ କ୍ଷତିକାରକ। ଏପରି କରିବା ଦ୍ୱାରା ଉଷୁମ ଓ ଥଣ୍ଡାର ମିଶ୍ରଣ ହୋଇଥାଏ ଯାହା ପେଟ ଜନିତ ଅନେକ ସମସ୍ୟା ସୃଷ୍ଟି କରିଥାଏ । ଚା ସହ କିମ୍ବା ଚା ପିଇବାର ତୁରନ୍ତ ପରେ ଅଧିକ ହଳଦୀ ବ୍ୟବହାର କରାଯାଇଥିବା ଖାଦ୍ୟ ଖାଆନ୍ତୁ ନାହିଁ। କ୍ଷୀର ଚା ପିଇବା ପରେ ଲେମ୍ବୁ ଆଦୌ ଖାଆନ୍ତୁ ନାହିଁ। ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ। ଏସିଡିଟି ଓ ପାଚନ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ।ଚା ସହିତ ବେସନ ତିଆରି ଖାଦ୍ୟ ଖାଆନ୍ତୁ ନାହିଁ। ଏହା ଶରୀରରେ ଖାଦ୍ୟର ପୋଷକ ତତ୍ୱକୁ ନଷ୍ଟ କରି ଦେଇଥାଏ। ଚା ପିଇବା ପରେ ଥଣ୍ଡା ଜାତୀୟ ଜିନିଷ କିମ୍ବା ପାଣି ପିଅନ୍ତୁ ନାହିଁ। ଏହା ମଧ୍ୟ ଶରୀର ପାଇଁ କ୍ଷତିକାରକ ହୋଇଥାଏ। ଏହା ଏସିଡିଟି ଓ ପାଚନ ଜନିତ ସମସ୍ୟା ସୃଷ୍ଟିକରିଥାଏ।




# ବିବାହ ପୂର୍ବରୁ ଶାରୀରିକ ସମ୍ପର୍କକୁ ହୀନ ଦୃଷ୍ଟିରେ ଦେଖାଯାଏ ନାହିଁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆଗକୁ ଆସୁଛି ଭାଲେଣ୍ଟାଇନ୍ସ ଡେ। ପ୍ରେମୀମାନେ ନିଜ ପ୍ରେମକୁ ପ୍ରକାଶ କରିବେ ଏବଂ ପରସ୍ପର ପାଇଁ ୭ ଦିନ ଅତି ସ୍ୱତନ୍ତ୍ର କରିବାକୁ ଚେଷ୍ଟା କରିବେ। କିନ୍ତୁ ସାଧାରଣତଃ ଭାରତରେ ପ୍ରେମକୁ ସାମାଜିକ ଭାବରେ ଗ୍ରହଣ କରାଯାଏ ନାହିଁ। ପ୍ରେମ ସହ ଜଡିତ ଜିନିଷଗୁଡିକ ଭୁଲ ବୋଲି ଧରାଯାଏ। କିନ୍ତୁ ଭାରତରେ କେବଳ ଗୋଟିଏ ସ୍ଥାନ ଅଛି ଯେଉଁଠାରେ ଆଦିବାସୀ ଜନଜାତି ପ୍ରେମରେ ଶାରୀରିକ ସମ୍ପର୍କକୁ ପ୍ରଥମେ ଗୁରୁତ୍ୱ ଦେଇଥାନ୍ତି। ଏଠାରେ ପ୍ରେମ କରିବା କିମ୍ବା ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ରଖିବା ଅପରାଧ ନୁହେଁ। ଆମେ ଛତିଶଗଡ ନକ୍ସଲ ପ୍ରଭାବିତ ବସ୍ତର ଜିଲ୍ଲା ବିଷୟରେ କହୁଛୁ, ଯେଉଁଠାରେ ଗୋଣ୍ଡ ସଂପ୍ରଦାୟର ମୁରିଆ ଜନଜାତି ବାସ କରନ୍ତି। ଏହି ଆଦିବାସୀମାନେ ଦୀର୍ଘ ଦିନ ଧରି ଏଠାରେ ରହିଆସୁଥିଲେ ମଧ୍ୟ ସବୁଠାରୁ ବଡ କଥା ହେଉଛି ଏମାନଙ୍କ ମଧ୍ୟରେ ଏପରି କିଛି ବିଶ୍ୱାସ ଅଛି ଯାହା ଭାରତର ଅନ୍ୟମାନଙ୍କ ପାଇଁ ଆଶ୍ଚର୍ଯ୍ୟଜନକ। ଏହି ଜନଜାତି ସେମାନଙ୍କ ଦୃଷ୍ଟିକୋଣରେ ବହୁତ ଖୋଲାଖୋଲି। ଏଠାରେ ପ୍ରେମ ଏବଂ ଯୌନ ସମ୍ପର୍କ ଗୁପ୍ତ ଭାବରେ କରାଯାଏ ନାହିଁ କି ଏହାକୁ ହୀନ ଦୃଷ୍ଟିରେ




ଦେଖାଯାଏ ନାହିଁ। ଏହି ସଂପ୍ରଦାୟର ଘୋଟୁଲ ନାମକ ଏକ ପ୍ରଥା ଅଛି। ଏଠାରେ ଥିବା ଲୋକମାନେ ଏକ ଘୋଟୁଲ୍ ଅର୍ଥାତ୍ ବାଉଁଶରେ ଏକ ବଡ ଘର ନିର୍ମାଣ କରନ୍ତି ଯାହାକୁ ସହରୀ ପ୍ରସଙ୍ଗରେ ଏକ ନାଇଟ୍ କ୍ଲବ୍ ଭାବରେ ବୁଝିବାକୁ ହେବ। ଏଠାକୁ ଯୁବକ ଓ ଯୁବତୀମାନେ ସମୟ ବିତାଇବାକୁ ପରସ୍ପରକୁ ଜାଣିବାକୁ ଏବଂ ମଜା କରିବାକୁ ଆସନ୍ତି। ଯେତେବେଳେ ନିଜ ପିଲାମାନେ ୧୦ ବର୍ଷରୁ ଅଧିକ ହୋଇଯାନ୍ତି, ସେତେବେଳେ ଆରମ୍ଭ କରନ୍ତି। ସେମାନେ ସେଠାରେ ଯାହା ଚାହିଁବେ ତାହା କରିପାରିବେ।

ଏଠାରେ ଯୁବକ ଓ ଯୁବତୀମାନେ ବିବାହ ପୂର୍ବରୁ ମଧ୍ୟ ପରସ୍ପର ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିପାରିବେ। ସେମାନେ ଯେତେ ଚାହିଁବେ ଯେତେ ଜୀବନସାଥୀ କରିପାରିବେ ଓ ସେମାନଙ୍କ ସହ ଶାରୀରିକ ସମ୍ପର୍କ ମଧ୍ୟ ରଖିପାରିବେ। ଏଠାରେ ଯୁବପିଢି ବିନା ସାମାଜିକ ଚାପରେ ନିଜ ସାଥୀ ବାଛିବା ସାଧୀନତା ପାଇଛନ୍ତି। ଘୋଟୁଲରେ ଯୁବକ ଓ ଯୁବତୀମାନେ ପରସ୍ପର ସହ ନାଚ-ଗୀତ କରନ୍ତି। ଯୁବକମାନେ ମହିଳାମାନଙ୍କ ପାଇଁ ବାଉଁଶରେ ପାନିଆ ତିଆରି କରନ୍ତି, ଯାହା ପରେ ସେମାନେ ଚୁଟିରେ ଲଗାନ୍ତି। ଯଦି ଜନେ ମହିଳା ପୁରୁଷର ପାନିଆକୁ ପସନ୍ଦ କରନ୍ତି, ତେବେ ସେ ଏହାକୁ ନିଜ ଚୁଟିରେ ଲଗାନ୍ତି ଏବଂ ତାଙ୍କର ପ୍ରେମକୁ ଗ୍ରହଣ କରନ୍ତି। ଘୋଟୁଲ୍‌ରେ ଲୋକମାନଙ୍କୁ ଯୌନ ସମ୍ବନ୍ଧୀୟ ଶିକ୍ଷା ଦିଆଯାଏ। ଏହି କାରଣରୁ ଆଦିବାସୀ ଅଞ୍ଚଳରେ ଯୌନ ଉତ୍ପୀଡନ ଭଳି ଗୋଟିଏ ବି ମାମଲା ନାହିଁ।

# ଖଟ ତଳେ ଭୁଲରେ ରଖନ୍ତୁ ନାହିଁ ଏସବୁ ଜିନିଷ ନଚେତ ଜୀବନ ସାରା ରହିବେ ଗରିବ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଯେଉଁ ଶଯ୍ୟା ଉପରେ ଜଣେ ବ୍ୟକ୍ତି ଶୋଇଥାଏ, ତାହା ଜୀବନରେ ବିଶେଷ ମହତ୍ତ୍ୱ ରଖେ। ସ୍ୱାସ୍ଥ୍ୟ ଓ ମନ ଉପରେ ଏହାର ବିଶେଷ ପ୍ରଭାବ ଥିବାରୁ ଏହା ଜଡିତ ବାସ୍ତୁ ନିୟମ ପାଳନ କରିବା ନୁହେଁ ଆସନ୍ତୁ ଜାଣିବା

ବୈଦ୍ୟୁତିକ ସାମଗ୍ରୀ

ବାସ୍ତୁ ଶାସ୍ତ୍ରୀ, ଇଲେକ୍ଟ୍ରୋନିକ୍ ସାମଗ୍ରୀକୁ ଖଟ ତଳେ ରଖିବା ଉଚିତ୍ ନୁହେଁ । ଏହା ବାସ୍ତୁ ସୃଷ୍ଟି କରେ ଯାହା ମାନସିକ ସ୍ୱାସ୍ଥ୍ୟକୁ ଖରାପ କରିଥାଏ ଏହା ସହିତ,ନିଦ ନହେବା ସମସ୍ୟା ଆରମ୍ଭ ହୁଏ



ପୋଷାକର ବ୍ୟାଗ;

ପ୍ରାୟତଃ ଲୋକମାନେ ଛିଣ୍ଡିଯାଇଥିବା ପୋଷାକକୁ ଭର୍ତ୍ତି ବ୍ୟାଗକୁ ଖଟ ତଳେ ରଖନ୍ତି। ବାସ୍ତୁ ଅନୁସାରେ ଏହା ଠିକ ନୁହେଁ ନକାରାତ୍ମକ ଶକ୍ତି ଘରେ ବ୍ୟାପିବା ଆରମ୍ଭ କରେ। କେବଳ ଏତିକି ନୁହେଁ ଏହି ବାସ୍ତୁ ଦୋଷ ଘରର ସୁଖ ଓ ଶାନ୍ତୁ ନଷ୍ଟ କରିଥାଏ ।

କଳଙ୍କି ଲୁହା ଓ ପ୍ଲାଷ୍ଟିକ୍ ଜିନିଷ ;

ବାସ୍ତୁ ଶାସ୍ତ୍ରୀଙ୍କ ଅନୁଯାୟୀ,କୌଣସି କଳଙ୍କିତ ଲୁହା ବସ୍ତୁକୁ ଖଟ ତଳେ ରଖିବା ଉଚିତ ନୁହେଁ, କାରଣ ଏହା ଦ୍ୱାରା ହୋଇଥିବା ବାସ୍ତୁ ତ୍ରୁଟି ଘରେ ଭୟଙ୍କର ଆର୍ଥିକ ସଙ୍କଟ ଆଣିଥାଏ। ଏହା ବ୍ୟତୀତ ପାଷ୍ଟିକ୍ ଜିନିଷକୁ ଖଟ ତଳେ ରଖିବା ମଧ୍ୟ ବାସ୍ତୁ ତ୍ରୁଟିର ଆଶଙ୍କା ସୃଷ୍ଟି କରେ

ଝାଡୁ;

ଖଟ ତଳେ ଗୋଟିଏ ଝାଡୁ ରଖିବା ମଧ୍ୟ ଅଶୁଭ ଅଟେ। ଖଟ ତଳେ ଝାଡୁ ରଖିବା ମନ ଓ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଏହା ସହିତ ଆର୍ଥିକ ସମସ୍ୟା ଘରେ ରହିଥାଏ ପରିବାର ସଦସ୍ୟ ଅସୁସ୍ଥ ହେବା ଆରମ୍ଭ କରନ୍ତ।

ଅଳଙ୍କାର, କାଚ, ଜୋତା ଓ ତେଲ ;

ସୁନା, ରୂପା କିମ୍ବା ଅନ୍ୟାନ୍ୟ ଧାତୁର ଅଳଙ୍କାରକୁ କେବେ ବିଛଣା ତଳେ ରଖିବା ଉଚିତ୍ ନୁହେଁ ଶଯ୍ୟା ତଳେ ଜୋତା ଓ ଚପଲ ରଖିଲେ ଘରକୁ ନକାରାତ୍ମକ ଶକ୍ତି ଆସିଥାଏ।ଏହା ବ୍ୟତୀତ ବିଛଣା ତଳେ କୌଣସି ପ୍ରକାରର ଗ୍ଲାସ ଓ ତେଲକୁ ମଧ୍ୟ ରଖିବା ଉଚିତ୍ ନୁହେଁ । କାରଣ ସେଗୁଡିକ ବାସ୍ତୁ ଦୃଷ୍ଟିରୁ କ୍ଷତିକାରକ।

# ଏହିସବୁ ଲକ୍ଷଣ ହେଲା ଦୁର୍ବଳ ଇମ୍ୟୁନିଟିର ଲକ୍ଷଣ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବର୍ତମାନ କରୋନା ମହାମାରୀ ଚାଲିଥିବା ସମୟରେ ଚିକିତ୍ସ ମାନଙ୍କ ମତରେ ଇମ୍ୟୁନିଟି ଅର୍ଥାତ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିବା ନିହାତି ଆବଶ୍ୟକ। ଡାକ୍ତରଙ୍କ କହିବା ଅନୁସାରେ ଯେଉଁ ବ୍ୟକ୍ତିରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ଅଟେ ସେମାନେ ଶୀଘ୍ର ରୋଗରେ ପଡିଥାଆନ୍ତି। ଯାହାକୁ ଅଣଦେଖା କରିବା ଆପଣଙ୍କୁ ଅସୁବିଧାରେ ପକାଇ ପାରେ । କିନ୍ତୁ ସର୍ବ ପ୍ରଥମେ କିପରି ଜାଣିବେ ଆପଣଙ୍କ ରେଗ ପ୍ରତି ରୋଧକ କ୍ଷମତା ଦୁର୍ବଳ ରହିଛି। ଆସନ୍ତୁ ଜାଣିବା ଲକ୍ଷଣ ଗୁଡିକ କଣ

ପାଚନ ସମସ୍ୟା – ଯେଉଁ ବ୍ୟକ୍ତି ମାନଙ୍କର ପଟେ କିମ୍ବା ପାଚନ ଆପଣଙ୍କୁ ଅସୁବିଧାରେ ପକାଇ ପାରେ। କିନ୍ତୁ ସର୍ବ ପ୍ରଥମେ କିପରି ଜାଣିବେ ଆପଣଙ୍କ ରୋଗ ପ୍ରତିରୋଧକ କ୍ଷମତା ଦୁର୍ବଳ ରହିଛି। ଆସନ୍ତୁ ଜାଣିବା ଲକ୍ଷଣ ଗୁଡିକ କଣ।



ପାଚନ ସମସ୍ୟା –ଯେଉଁ ବ୍ୟକ୍ତି ମାନଙ୍କର ପେଟ କିମ୍ବା ପାଚନ ସମ୍ବନ୍ଧୀୟ ସମସ୍ୟା ରହିଛି ସେମାନଙ୍କ ର ପଟେ କିମ୍ବା ପାଚନ ସମସ୍ୟା ରହିଛି ସେମାନଙ୍କ ଇମ୍ୟୁନିଟି ଦୁର୍ବଳ ହୋଇଥାଏ। ଏପରି ସ୍ଥିତିରେ ଲୋକମାନେ ଡାଇରିଆ, କୋଷ୍ଠ କାଠିନ୍ୟ , ପେଟ ଯନ୍ତ୍ରଣା ସମସ୍ୟା ମଧ୍ୟ ହୋଇପାରେ ଦୁର୍ବଳ ଇମ୍ୟୁନିଟି ର ଲକ୍ଷଣ।

ଆଂଠୁ ଗଣ୍ଠି ଯନ୍ତ୍ରଣା – ରୋଗ ପ୍ରତିରୋଧକ ଦୁର୍ବଳତା କାରଣରୁ ଆଣ୍ଠୁଗଣ୍ଠି ଯନ୍ତ୍ରଣା, ମସଲସ ଅଧିକ ଦେଖାଯାଇ ଥାଏ ବୋଲି ଗବେଷକ ମାନେ କହିଛନ୍ତି। ଯଦି ଆପଣ ଭାବୁଛନ୍ତି ଆପଣଙ୍କ ରୋଗ ପ୍ରତିରୋଧକ କ୍ଷମତା ଦୁର୍ବଳ ଅଟେ ଓ ଏହିସବୁ ଯନ୍ତ୍ରଣା କୁ ଅନୁଭବ କରୁଛନ୍ତୁ ତେବେ ହୋଇ ଯାଆନ୍ତୁ ସତର୍କ।

ଶୁଖିଲା ତ୍ୱଚା- ଯଦି ଆପଣଙ୍କର ତ୍ୱଚା ଶୁଖିଲା ରହିକିଛି ସମସ୍ୟା ଦେଖା ଯାଉଛି ତେବେ ଜଣନ୍ତୁ ଯେ ଏହା ଦୁର୍ବଳ ଇମ୍ୟୁନିଟି ର ଲକ୍ଷଣ ଅଟେ ।ଏପରି ସ୍ଥିତିରେ ଘରୋଇ ଉପଚାର କୁ ଆପଣେଇବା ଆବଶ୍ୟକ।

ଥକା ଲାଗିବା- ଯଦି ଇମ୍ୟୁନିଟି ଦୁର୍ବଳ ରହିଛି ତେବେ ଅଧିକାଂଶ ସମୟ ଥକା ଲାଗିଥାଏ। ସର୍ଦି କାଶରେ ପୀଡିତ ହେବା- ଆମମଧ୍ୟରୁ ଅଧିକାଂଶ ଲୋକଙ୍କୁ ଖୁବ ଶୀଘ୍ର ଥଣ୍ଡା କାଶ ହେବାର ଆମେ କରିଥାଉ। ଏହା ହେଉଛି ଦୁର୍ବଳ ଇମ୍ୟୁନିଟି ର ଲକ୍ଷଣ। ତେଣୁ ଏଥିପ୍ରତି ସଚେତନ ରହିବା ଆବଶ୍ୟକ।

# ଯେଉଁମାନେ ଏହିସବୁ କାମ କରନ୍ତି, ସେମାନେ କେବେ ବି ପାଆନ୍ତି ନାହିଁ ଶାନ୍ତି, ସର୍ବଦା ଲାଗିରହିଥାଏ ଭୟ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ନୀତି ଅନୁଯାୟୀ ସର୍ବଦା ଭଲ କାର୍ଯ୍ୟ କରିବା ଉଚିତ। ଯେଉଁମାନେ ଶ୍ରେଷ୍ଠ କାମ କରନ୍ତି ନାହିଁ,ସେମାନେ ଜୀବନରେ ସଫଳତା ପାଆନ୍ତି ନାହିଁ। ଏପରି ଲୋକଙ୍କ ଶାନ୍ତି ନାହିଁ। ସବୁବେଳେ କିଛି ଭୟ ଏବଂ ଅସୁବିଧା ଘେରି ରହିଥାଏ ଚାଣକ୍ୟଙ୍କ ଅନୁଯାୟୀ, ଯଦି ଆପଣ ଜୀବନରେ ଶାନ୍ତି ଚାହିଁଛନ୍ତି, ତେବେ ଏହି ଜିନିଷଗୁଡିକ ଠାରୁ ଦୂରେଇ ରହିବା ଉଚିତ୍। ଦେଖେଇହେବା ଯେଉଁମାନେ ସର୍ବଦା ଅନ୍ୟମାନଙ୍କୁ ଦେଖାଇବାରେ ବ୍ୟସ୍ତ ସେମାନେ ଜୀବନରେ ଶାନ୍ତି ନାହିଁ। ଏପରି ଲୋକମାନେ ଏକ ପ୍ରତିଯୋଗିତା ସର୍ବଦା ବ୍ୟସ୍ତ ହୁଅନ୍ତି ଯାହାର କୌଣସି ଗୁରୁତ୍ୱ ନାହିଁ ଯିଏ ଛଳନା କରେ ସେ ମିଥ୍ୟା ଏବଂ ଭୁଲ କାର୍ଯ୍ୟରେ ଲିପ୍ତ ରହେ ଯାହା ପରେ ତାଙ୍କ ପାଇଁ ଅସୁବିଧା ସୃଷ୍ଟି କରେ।

**କ୍ରୋଧ-** କ୍ରୋଧ ହେଉଛି ମଣିଷର ସବୁଠାରୁ ବଡ ଶତ୍ରୁ। କ୍ରୋଧିତ କଦାପି ସମ୍ମାନ ପାଏ ନାହିଁ। ଅନ୍ୟ ଲୋକମାନେ କ୍ରୋଧିତ ବ୍ୟକ୍ତିଙ୍କଠାରୁ ଦୂରରେ ରହନ୍ତି। ଖରାପ ସମୟ ଆସିଲେ ଏପରି ଲୋକ କଷ୍ଟ ପାଆନ୍ତି।

**ଅହଂକାର-** ଅହଂକାରକୁ ଏଡାଇବା ଉଚିତ୍। ଅହଂକାର ଜଣେ ବ୍ୟକ୍ତିର ସବୁକିଛି ନଷ୍ଟ କରିଦିଏ। ଅଳସୁଆ ହେତୁ ଜଣେ ବ୍ୟକ୍ତିଙ୍କ ସତ୍ୟଠାରୁ ଦୂରେଇ ଯାଏ। ଏହିପରି ଲୋକମାନେ ନିଜକୁ ଉନ୍ନତ ବୋଲି ଭାବିବାରେ କରିବା ଆରମ୍ଭ କରନ୍ତି। ଯେଉଁ ଥିପାଇଁ ସେମାନଙ୍କୁ ପରବର୍ତ୍ତୀ ସେମାନଙ୍କୁ ପରବର୍ତ୍ତୀ ସମୟରେ ସମସ୍ୟାର ସମ୍ମୁଖୀନ ହେବାକୁ ହେବାକୁ ପଡିବ। ଲାଭ ପାଇଁ ସୁଯୋଗରୁ ବଂଚିତ ହେବାକୁ ପଡିବ।

**ଅଳସୁଆ-** ଜଣେ ଅଳସୁଆରୁ ଦୂରେଇ ରହିବା ଉଚିତ୍ ଅଳସୁଆ ବ୍ୟକ୍ତିର ପ୍ରତିଭାକୁ ନଷ୍ଟ କରିଦିଏ। ହେତୁ ଜଣେ ବ୍ୟକ୍ତିର ପ୍ରତିଭାକୁ ନଷ୍ଟ କରିଦିଏ। ଅଳସୁଆ ହେତୁ ଜଣେ ବ୍ୟକ୍ତିଙ୍କୁ ଲାଭ ହେତୁ ବ୍ୟକ୍ତିଙ୍କୁ ଲାଭ ସୁଯୋଗରୁ ବଂଚିତ ହେବାକୁ ପଡିବ। ଅଳସୁଆ ବ୍ୟକ୍ତି ସର୍ବଦା ଲକ୍ଷଠାରୁ ଦୂରରେ ରହିଥାଏ। ତେଣୁ ଏଥିରୁ ଦୂରରେ ରହିବା ଉଚିତ୍।

# ରାସ୍ତା କଡରେ ଥିବା ମାଇଲଖୁଣ୍ଟର ରଙ୍ଗ କାହିଁକି ଅଲଗା ଜାଣନ୍ତୁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଜୀବନକାଳ ମଧ୍ୟରେ ଆମେ କେତେକ ପ୍ରକାର ଜିନିଷ ଦେଖିବାକୁ ପାଇଥାଉ, ଯାହା ବିଷୟରେ ଆମକୁ ଜଣାଥାଏ କିନ୍ତୁ ତାହା ବିଷୟରେ ସବୁକିଛି ହୁଏତ ଆମକୁ ଜଣନଥାଏ। ଆଉ ରାସ୍ତାରେ ଗଲାବେଳେ ଏମିତି ଅନେକ ଜିନିଷ ଦେଖି, ଯାହା ବିଷୟରେ ଆକୁ ଅଳ୍ପ ବହୁତ ଟିକେ ଜଣାଯାଏ । ଆଉ ଆପଣ ଜାତୀୟ ରାଜପଥ ହେଉ ଅବା ରାଜ୍ୟ ରାଜପଥରେ ଯାଉଥିବା ବେଳେ ନିଶ୍ଚିତ ରାସ୍ତାକଡରେ ମାଇଲଖୁଣ୍ଟ ଦେଖିଥିବେ। ଏହା ପଥରରେ କେଉଁଠି ହଳଦିଆ ରଙ୍ଗ ତ ଆଉ କେଉଁଠି ଧଳା, ଆଉ କେଉଁଠି ମାଟିଆ ରଙ୍ଗ,ଆଉ କେଉଁଠି ନୀଳ ଦିଆଯାଇଥାଏ। କିନ୍ତୁ ଏହି ରଙ୍ଗର କାରଣ କଣ ଆପଣ ଜାଣନ୍ତି କି? ଆପଣ ସମସ୍ତେ ଜାଣନ୍ତ କି ଏହି ମାଇଲଖୁଣ୍ଟ ରୋଡରେ ସାଧାରଣ ଲୋକ କିମ୍ବା ଡ୍ରାଇଭରଙ୍କ ପାଇଁ ସହରର ଗୁରୁତ୍ୱ ପୂର୍ଣ୍ଣ ସ୍ଥାନ ଏବଂ ସ୍ଥାନର ଦୂରତା ବିଷୟରେ ଲେଖାଯାଇଥାଏ। ରାସ୍ତାକଡରେ ଲାଗିଥିବା ଏହି ଗୁରୁତ୍ୱ ପୂର୍ଣ୍ଣ ମାଇଲଷ୍ଟୋନର ରଙ୍ଗ କଣ ପାଇଁ ଅଲଗା ଆଉ ଏହାର କଣ ଜାଣନ୍ତୁ।




ହଳଦିଆ ରଙ୍ଗ ; ଆପଣଙ୍କୁ କେବଳ ଜାତୀୟ ରାଜପଥ କଡରେ ହଳଦିଆ ରଙ୍ଗର ମାଇଲଷ୍ଟୋନ ଦେଖିବାକୁ ମିଳିଥାଏ। ଏହି ଜାତୀୟ ରାଜପଥର ନିର୍ମାଣ ଏବଂ ସୁଧାନ କାର୍ଯ୍ୟନ୍ୟାସନାଲ ହାଇୱେ ଅଥରିଟି ଅଫ ଇଣ୍ଡିଆ ନେଇଥାଏ।

ନୀଳ ରଙ୍ଗ ; ଯଦି ଆପଣ ହାଇୱେ୍ କଡରେ ନୀଳ ରଙ୍ଗର ମାଇଲଖୁଣ୍ଟ ଦେଖନ୍ତି ,ଏହାର ଅର୍ଥ ଏହି ରାସ୍ତା ରାଜ୍ୟ ରାଜପଥ। ଏହାର ନିର୍ମାଣ ଓ ଦେଖାଶୁଣା ରାଜ୍ୟ ସରକାର କରିଥାଏ। ଜାତୀୟ ରାଜପଥରୁ ରାଜ୍ୟ ରାଜପଥକୁ ପ୍ରବେଶ କରିବା ପରେ ଅଲଗା ଅଲଗା ସହରକୁ ଯିବା ପାଇଁ ହାଇୱେର ବ୍ୟବହାର କରାଯାଏ। ତେଣୁ ଯଦି ଆପଣ ରାସ୍ତା ନୀଳ ରଙ୍ଗର ମାଇଲଖୁଣ୍ଟ ଦେଖନ୍ତି, ତେବେ ଏହା କୌଣସି ରାଜ୍ୟ ରାଜପଥ ବୋଲି ଜାଣିପାରିବେ।

କଳା ,ନୀଳ କିମ୍ବା ରଙ୍ଗର ମାଇଲଷ୍ଟୋନ ; ଯଦି ଆପଣ ଯାଉଥିବା ବେଳେ ରାସ୍ତା କଡରେ କଳା,ନୀଳ ଏବଂ ଧଳା ରଙ୍ଗର ମାଇଲଖୁଣ୍ଟ ଦେଖନ୍ତି, ଏହାର ଅର୍ଥ ଆପଣ କୌଣସି ବଡ ସହର କିମ୍ବା ଜିଲ୍ଲାରେ ପ୍ରବେଶ କରୁଛନ୍ତି। ଆଉ ଏଠିକାର ରାସ୍ତାର ନିର୍ମାଣ ଏବଂ ଦେଖାଶୁଣ ସେଠିକାର ନଗର ନିଗମ ପକ୍ଷରୁ ହୋଇଥାଏ।

ନାରଙ୍ଗୀ ରଙ୍ଗର ମାଇଲଷ୍ଟାନ ; ଆପଣ ରାସ୍ତାରେ ଯାଉଥିବା ବେଳେ ନାରଙ୍ଗୀ ବା କମଳା ରଙ୍ଗର ମାଇଲଖୁଣ୍ଟ ଦେଖନ୍ତି, ତେବେ ଏହାର ଅର୍ଥ ଏହା କୌଣସି ଗାଁ ବୋଲି ସୂଚାଇଥାଏ ଏହି ନାରଙ୍ଗ ରଙ୍ଗର ମାଇଲଖଉଣ୍ଟ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ସହିତ ଜଡିତ ରହିଥାଏ ବୋଲି ଏହାର ରଙ୍ଗ ନାରଙ୍ଗୀ ହୋଇଥାଏ।

# ବିଗୁଲ ବାଜିବା ଆଗରୁ ଆରମ୍ଭ ହେଲାଣି ପ୍ରାର୍ଥୀ ଚୟନ, ଦୁଲିକିଲାଣି ମହାନଗର ନିଗମ

**କଟକ(ସଂପର୍କ ବାର୍ତ୍ତା):-** ଆସନ୍ତା ପୌର ନିର୍ବାଚନପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିସାରିଥିବା ବେଳେ ନିର୍ବାଚନ ବିଗୁଲ ଖୁବଶୀଘ୍ର ବାଜିବାକୁ ଯାଉଛି। ଏବେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇସାରିଥିବାରୁ ପୌର ନିର୍ବାଚନ ମଧ୍ୟ ଏହି ପ୍ରକ୍ରିୟା ଶେଷ ପରେ କରାଯିବ ବୋଲି ଜଣାପଡ଼ିଛି। ତେବେ କଟକ ମହାନଗର ନିଗମ ନିର୍ବାଚନ ପାଇଁ ଇତି ମଧ୍ୟରେ କର୍ପୋରେଟର ପଦବୀ ଓ ମେୟର ପଦବୀପାଇଁ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇସାରିଛି। ସହରରେ ତିନି ପ୍ରମୁଖ ରାଜନୈତିକ ଦଳ ସଂରକ୍ଷଣ ଉପରେ ନଜର ରଖିଥିଲା ବେଳେ ତାଲିକା ପ୍ରକାଶ ପରେ ଏକ ପ୍ରକାର ସବୁ ଦଳ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ମୋଟାମୋଟି ଭାବେ ଦେଖିବାକୁ ଗଲେ ପ୍ରାର୍ଥୀ ଚୟନ ପ୍ରକ୍ରିୟାରୁ କଂଗ୍ରେସ ଆଗରେ ରହିଛି। ଦଳ ମଧ୍ୟ ଅନ୍ୟ ଦଳ ଠାରୁ ଢେର ଆଗୁଆ ତାଲିକା ପ୍ରକାଶ କରିବ ବୋଲି ଆଶା ରଖିଛି। ମୋଟ ୫୯ଟି ୱାର୍ଡ଼ରୁ ୩୩ଟି ୱାର୍ଡ଼ ସଂରକ୍ଷିତ ରହିଥିବାବେଳେ ୨୬ଟିକୁ ଅସଂରକ୍ଷିତ ରଖାଯାଇଛି। ସେହିଭଳି ରହିଥିବାବେଳେ ୨୬ଟିକୁ ଅସଂରକ୍ଷିତ ରହିଛି। ଏବେ ସବୁ ଦଳ ସାଙ୍ଗଠନିକ କାର୍ଯ୍ୟକୁ ଜୋରଦାର କରିଛନ୍ତି। ବିଜୁଜନତା ଦଳ ପକ୍ଷରୁ ପ୍ରତି ୱାର୍ଡ଼ ସ୍ତରରେ କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରାଯାଉଛି। ବାରବାଟୀ-କଟକରେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ ଚୌଦ୍ୱାର କଟକରେ ପୂର୍ବତନ ବିଧାୟକ ଏହାର ନେତୃତ୍ୱ ନେଉଛନ୍ତି। ସେହିପରି କଂଗ୍ରେସ ପାଇଁ ବିଧାୟକ ଇଂ ମହମ୍ମଦ ମୋକିମ ନିଜ ନିର୍ବାଚନମଣ୍ଡଳୀ ସହ ଚୌଦ୍ୱାର କଟକ ଓ କଟକ ସଦରରେ ଥିବା ସିଏମସି ୱାର୍ଡ଼ ବୈଠକରେ ନେତୃତ୍ୱ ନେଉଥିବା ପରିଲକ୍ଷିତ ହେଉଛି। ବିଜେପି ନଗର ସଭାପତି ଲଲାଟେନ୍ଦୁ ବଡୁ ଦଳର ଛାମୁଆଁ ସଙ୍ଗଠନର ନେତୃବୃନ୍ଦଙ୍କୁ ନେଇ ବୈଠକ ବଳାଇଛନ୍ତି। ତେବେ ଏଥର ସିଏମସିର ୫୯ଟି ୱାର୍ଡ଼ରୁ ଶାସକ ବିଜୁଜନତା ଦଳ ପ୍ରାୟ ୪୦ରୁ ଅଧିକ ୱାର୍ଡ଼ରେ ନୂଆମୁହଁ ଫର୍ମୁଲା ଆପଣାଇବାପାଇଁ ପ୍ରସ୍ତୁତି ଚଳାଇଛି। ସିଏମସି ନିର୍ବାଚନ ପୂର୍ବରୁ ଦଳବଦଳ ଘଟଣା ଦେଖିବାକୁ ମିଳିବ। କଂଗ୍ରେସ ଓ ବିଜେପିରୁ କର୍ପୋରେଟର ହୋଇଥିବା କେତେକ ନେତା ବିଜେଡ଼ିରେ ମିଶି ପୁଣି କର୍ପୋରେଟର ନିର୍ବାଚନ ମଇଦାନକୁ ଓହ୍ଲାଇବାପାଇଁ ସଜବାଜ ହେଉଥିବା ଖବର ମିଳିଛି। ପ୍ରକାଶଥାଉ କି ସିଏମ୍‌ସି କର୍ପୋରେଟର ପଦବୀ ସଂରକ୍ଷଣର ପ୍ରଥମ ଚିଠା ତାଲିକାକୁ ତର୍ଜମା କରାଯାଇ ପ୍ରାୟ ୧୧ଟି ୱାର୍ଡ଼ରେ ସଂରକ୍ଷଣ ତାଲିକା ବଦଳାଯାଇଥିଲା। ଏଣୁ ୧୧ଟି ୱାର୍ଡ଼ରେ ସଂରକ୍ଷଣ ତାଲିକା ବଦଳାଯାଇଥିଲା। ଏଣୁ ୧୧ରୁ ପ୍ରାୟ ୯ଟି ୱାର୍ଡ଼ରେ ବିଭିନ୍ନ ଦଳର ନୂଆ ମୁହଁ ଫର୍ମୁଲା ଦେଖିବାକୁ ମିଳିବ। ଶାସକ ବିଜୁ ଜନତା ଦଳ ଗତ ଦୁଇଟି ଯାକ ସିଏମ୍‌ସି ନିର୍ବାଚନ ୨୦୦୯ ଓ ୨୦୧୪ରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ଲାଭ କରି ନିଗମ ଦଖଲ କରିଥିଲା। ତେବେ ଏଥର ନିର୍ବାଚନ ତିନି ପ୍ରମୁଖ ଦଳ ଲାଗି ଚ୍ୟାଲେଞ୍ଜ ହୋଇ ଉଭା ହୋଇଛି। ଗୋଟିଏ ପଟରେ ସିଏମସି ନିର୍ବାଚନ ନିର୍ଦ୍ଧାରିତ ସମୟରେ ହୋଇପାରିନଥିଲେ ବି ଗତ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ କଟକ ମହାନଗର ନିଗମ ଅନ୍ତର୍ଗତ ବାରବାଟୀ- କଟକ ବିଧାନସଭା ଆସନ ଦଖଲ କରିଥିଲା। ସେହିପରି ୨୦୧୮ ରେ ବିଜୁଜନତା ଦଳ ଦଖଲରେ ରହିଥିବା ୨୧ ନମ୍ବର ୱାର୍ଡ଼ କର୍ପୋରେଟର ଉପନିର୍ବାଚନରେ ବିଜୟୀ ହୋଇଥିଲା। ଏହା ଦଳପାଇଁ ଆସନ୍ତା ମହାନଗର ନିଗମ ନିର୍ବାଚନ ପୂର୍ବରୁ ସାମାନ୍ୟ ଆଶ୍ୱସ୍ତି ଆଣି ଦେଇଥିବା କୁହାଯାଉଛି। ତଥାପି କଂଗ୍ରେସରେ ମଧ୍ୟ ଆଭ୍ୟନ୍ତରୀଣ କନ୍ଦଳ ଚିନ୍ତାର କାରଣ ହୋଇଛି। ଦଳର କେତେଜଣ ପୂର୍ବତନ କର୍ପୋରେଟର ବିଜେଡ଼ିରେ ମିଶି ଟିକେଟ ହାତେଇବାପାଇଁ ଯୋଗସୂତ୍ର ରଖିଥିବା ଚର୍ଚ୍ଚା ହେଉଛି। ଅନ୍ୟପଟରେ ନିର୍ବାଚନ ପ୍ରସ୍ତୁତିରେ ବିଜେପି କିନ୍ତୁ ପଛରେ ପଡ଼ିଯାଇଛି। ଏକଦା ୨୦୦୪ ମସିହାରେ ବିଜେପି ସର୍ବାଧିକ ୱାର୍ଡ଼ରେ ବିଜୟୀ ହେବା ସହିତ ବିଜେଡ଼ି ସହଭାଗିତାରେ ସିଏମ୍‌ସି ଦଖଲ କରିଥିଲା। ୨୦୦୯ରେ ଦଳ ଶୋଚନୀୟ ପ୍ରଦର୍ଶନ କରିଥିଲା। ଏପରିକି ବିଗତ ତିନୋଟି ସାଧାରଣ ନିର୍ବାଚନରେ ସିଏମ୍‌ସି ଅଧିନରେ ଥିବା ବାରବାଟୀ କଟକ ବିଧାନସଭା ଆସନରେ ବିଜେପି ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ୨୦୧୯ ସାଧାରଣ ନିର୍ବାଚନରେ କର୍ମୀ ସମ୍ମିଳନୀ ବେଳେ ବିଜେପିର ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଥିଲା। କେତେଜଣ ବିଜେପି କର୍ମକର୍ତ୍ତାଙ୍କୁ ଦଳ ସସପେଣ୍ଡ କରିବାକୁ ବାଧ ହୋଇଥିଲା। ଯଦିଓ ସସପେଣ୍ଡ ଉଠିଥିଲା କିନ୍ତୁ ସେବେ ଠାରୁ ବିଜେପିର ଦୁଇ ଗୋଷ୍ଠୀ ମଧ୍ୟରେ ରାଜନୈତିକ ଛକାପଞ୍ଝା ଲାଗି ରହିଥିବାର ଜଣାପଡ଼ିଛି। ତେବେ ଦଳ କିଛି ନିଷ୍ପତ୍ତି ନେବା ଆଗରୁ ଜଣେ ନେତା ମେୟର ପ୍ରାର୍ଥୀ ହେବାପାଇଁ ଅଣ୍ଟାଭିଡ଼ିଲେଣି। ନିର୍ବାଚନ ବିଗୁଲ ବାଜିବାକୁ ଥିବା ବିଜେପିର ପ୍ରାର୍ଥୀ ଚୟନ ପ୍ରକ୍ରିୟା କିନ୍ତୁ ଆରମ୍ଭ ହୋଇପାରିନଥିଲା।

## ୩ବର୍ଷର ଶିଶୁକୁ ଭାଲୁ ଏନକ୍ଲୋଜରକୁ ଫିଙ୍ଗି ଦେଲା ମା'

**ନୂଆଦିଲ୍ଲୀ(ପରମେଶ୍ୱର ଦାଶ):-** ଏକ ପ୍ରସିଦ୍ଧ ଭଜନ ଶୁଣିଥିବେ ଯାହାର ପଙ୍କ୍ତି ବହୁତ ପ୍ରସିଦ୍ଧ- ପୁତ କପୁତ ସୁନେ ହେ ପର ନା ମାତା ସୁନି କୁମାତା ଅର୍ଥାତ୍ ପୁଅମାନେ ଖରାପ ପ୍ରକୃତିର ହୋଇପାରନ୍ତି, କିନ୍ତୁ ମାତା ପିଲାମାନେଙ୍କ ପ୍ରତି ଖରାପ ବ୍ୟବହାର କରିପାରିବେ ନାହିଁ। କିନ୍ତୁ ଆଜିକାଲି ଭାଇରାଲ ହେଉଥିବା ଭିଡିଓର



ଏପରି ବ୍ୟତିକ୍ରମ ଦେଖାଯାଉଛି ଯାହା ସମସ୍ତଙ୍କ ଆଶ୍ଚର୍ଯ୍ୟ କରିପାରେ। ଭିଡିଓରେ ଜଣେ ମା ୩ବର୍ଷର ଶିଶୁକୁ ଭାଲ୍ ଏନକ୍ଲୋଜରେ ପକାଇ ଦେଇଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ଆଶ୍ଚର୍ଯ୍ୟଜନକ ଭିଡିଓ ଉଜବେକିସ୍ତାନରେ ଅବସ୍ଥିତ ତାସକେଣ୍ଟରେ ଥିବା ଏକ ପ୍ରାଣୀ ଉଦ୍ୟାନର ଅଟେ ଡେଲି ଷ୍ଟାରର ରିପୋର୍ଟ ଅନୁଯାୟୀ, ପ୍ରାୟ ୩ ବର୍ଷର ଏକ ଛୋଟ ଶିଶୁ ପ୍ରାଣୀ ଉଦ୍ୟାସ ଦେଖିବା ପାଇଁ ତାଙ୍କ ମା ସହିତ ସେଠାକୁ ଆସିଥିଲେ। ଭାଲୁକୁ ଦେଖାଇବା ପାଇଁ ମାଆ ତାଙ୍କ ଏନକ୍ଲୋଜରର ରେଲିଂ ନିକଟରେ ଠିଆ ହୋଇଥିଲେ। ଏହା ପରେ ଭିଡିରେ ଏହା ସ୍ପଷ୍ଟ ଦୃଶ୍ୟମାନ ହେଉଛି ଯେ ମହିଳା ଜଣକ ଜଣକ ନିଜ ହାତରେ ପିଲାଟିକୁ ଏନ କ୍ଲୋଜର ଭିତରକୁ ଛାଡି ଦେଇନ୍ତି।

## ସୂଚନା ଓ ଲୋକସଂପର୍କ ବିଭାଗରେ ଅବସରକାଳୀନ ସମ୍ବର୍ଦ୍ଧନା

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗରୁ ଗତକାଲି ସରକାରୀ ଚାକିରୀରୁ ୫ଜଣ ଅଧିକାରୀ ଏବଂ କର୍ମଚାରୀଙ୍କ ଅବସର ଗ୍ରହଣ ପରିପ୍ରେକ୍ଷୀରେ ଗତ ୧ ତାରିଖ ଦିନ ଅପରାହ୍ନରେ ବିଭାଗୀୟ କାର୍ଯ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବଙ୍କ ସୂଚନା ଅଧିକାରୀ ଡଃ. ଉମାକାନ୍ତ ମହାପାତ୍ର, ସୂଚନା ଓ ଲୋକସଂପର୍କ ବିଭାଗରେ କାର୍ଯ୍ୟରତ ଅତିରିକ୍ତ ରଚନା ଅଧିକାରୀ ଡଃ. ପ୍ରଶାନ୍ତ କୁମାର ପ୍ରହରାଜ, ଟିଭି ୟୁନିଟର କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ କୁମାର ମହାନ୍ତି, ବିଭାଗର ଅନ୍ୟ ଦୁଇ କର୍ମଚାରୀ ମାଗନ୍ତା ବେହେରା ଓ ସତ୍ୟାନନ୍ଦ ବିଶ୍ୱାଳ ଅବସର ଗ୍ରହଣ କରିଥିଲେ। ବିଭାଗର କମଚାରୀ କଲ୍ୟାଣ କମିଟି ତରଫରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ



ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଅଧକ୍ଷତା କରିଥିଲେ। ଅନୁଷ୍ଠିତ ସଭାରେ ବିଭାଗୀୟ ନିର୍ଦ୍ଦେଶକ(ବୈଷୟିକ) ନିରଞ୍ଜନ ସେଠୀ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦକ ଡଃ. ଲେନିନ୍ ମହାନ୍ତି, ବିଭାଗର ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ଅବସର ଗ୍ରହଣ କରିଥିବା ଉପରୋକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କର କାର୍ଯ୍ୟଦକ୍ଷତା ଏବଂ ନିଷ୍ଠାର ସହ ସେମାନେ କିପରି ନିଜ ସ୍ତରରେ ବିଭାଗ ତଥା ସରକାରୀ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିଥିଲେ, ସେ ସମ୍ପର୍କରେ ପ୍ରକାଶ କରିଥିଲେ। ଉପ ନିର୍ଦ୍ଦେଶକ ପାହ୍ୟାର ଅବସ୍ଥାପିତ ରହି ଅବସର ଗ୍ରହଣ କରିଥିବା ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସୂଚନା ଅଧିକାରୀ ଡଃ. ମହାପାତ୍ର ତାଙ୍କ ବକ୍ତବ୍ୟରେ ବିଭାଗୀୟ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ ଓ ପ୍ରଯତ୍ନର ସହ କରି ବିଭାଗର ସୁନାମ ବଜାୟ ରଖିବା ଏବଂ ଓଡ଼ିଶା ସୂଚନା ସେବା ପାହ୍ୟାର ଅଧିକାରୀମାନଙ୍କର କ୍ୟାଡର ପୁନର୍ଗଠନ କ୍ଷେତ୍ରରେ ତାଙ୍କର ସକ୍ରିୟ ଯୋଗଦାନ ସଂପର୍କରେ ତାଙ୍କର ଅଭିଜ୍ଞତା ଓ ଅଭିବ୍ୟକ୍ତି ପ୍ରକାଶ କରିଥିଲେ।

# ୪ ଅଧ୍ୟକ୍ଷାଙ୍କ ସ୍ୱାମୀ ମଇଦାନରେ

**କଟକ(ସଂପର୍କ ବାର୍ତ୍ତା):-** କଟକ ଜିଲ୍ଲା ପଞ୍ଚାୟତ ନିର୍ବାଚନ ଯେତେ ପାଖେଇ ଆସୁଛି ଗାଁ ପରିବେଶ ସରଗରମ ହେଉଛି। ଗାଁ ନେତା ଗଳିକନ୍ଦି ବୁଲି ନିର୍ବାଚନ ପ୍ରଚାରରେ ମାତିଛନ୍ତି। ତେବେ ଏଭଳି ପରିସ୍ଥିତିରେ ୨୦୧୭ ମସିହା ନିର୍ବାଚନ ପରେ ଜିଲ୍ଲାର ୧୪ ବ୍ଲକ୍ ମୁଖିଆଙ୍କ ଚଳିତ ନିର୍ବାଚନରେ ଭୂମିକା ସମ୍ପର୍କରେ ଜାଣିବାକୁ ସମସ୍ତଙ୍କ ଭିତରେ ଆଗ୍ରହ ପ୍ରକାଶ ପାଇଛି। ଏଥିରୁ କେତେକ ପ୍ରତ୍ୟକ୍ଷ ନିର୍ବାଚନ ପ୍ରକ୍ରିୟାରୁ ପଛଘୁଞ୍ଚା ଦେଇଥିବାବେଳେ ଆଉ କେତେକ ସଂରକ୍ଷଣ ବ୍ୟବସ୍ଥାଯୋଗୁଁ ନିର୍ବାଚନରୁ ବଞ୍ଚିତ ହୋଇଛନ୍ତି। ସେହିପରି କିଛି ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଏଥର ଜିଲ୍ଲା ପରିଷଦ ସଭ୍ୟ ଆସନପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ଏହିପରି ଭାବେ ୧୪ ବ୍ଲକରୁ ୬ଜଣ ପୂର୍ବତନ ଅଧ୍ୟକ୍ଷ ଓ ଅଧ୍ୟକ୍ଷା ନିର୍ବାଚନରୁ ବାଦ୍ ପଡ଼ିଛନ୍ତି। ସେହିପରି ୪ ଅଧ୍ୟକ୍ଷ ବିଭିନ୍ନ ପଦବି ପାଇଁ ଲଢୁଛନ୍ତି।

ଆଠଗଡ଼ର ପୂର୍ବତନ ବ୍ଲକ ଚେୟାରମ୍ୟାନ୍ କୃଷ୍ଣଚନ୍ଦ୍ର ଦଳେଇ ଏଥର ସରପଞ୍ଚ ଆସନରୁ ଭାଗ୍ୟ ପରୀକ୍ଷା କରିବାକୁ ଓହ୍ଲାଇଛନ୍ତି। ସେ ମେଘା ପଞ୍ଚାୟତରୁ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବାବେଳେ ତାଙ୍କ ବିପକ୍ଷରେ ଅରୂପାନନ୍ଦ ସେଠୀ ଓ ବନମାଳି ଦଳେଇ ପ୍ରତିଦ୍ୱନ୍ଦ୍ୱିତା କରିବେ। କୃଷ୍ଣଚନ୍ଦ୍ର ସ୍ଥିତି ଅନ୍ୟ ପ୍ରାର୍ଥୀଙ୍କ ତୁଳନାରେ ଅପେକ୍ଷାକୃତ ଭଲ ରହିଥିବା ଜଣାପଡ଼ିଛି। ତିଗିରିଆ ବ୍ଲକ୍‌ରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରୂପା ଦଳେଇ ଏଥର ପ୍ରତ୍ୟକ୍ଷତ ନିର୍ବାଚନରୁ ବାଦ୍ ପଡ଼ିଛନ୍ତି। ଜିଲ୍ଲା ପରିଷଦ ଆସନ ଆଶାରେ ଥିବା ରୂପା ଦଳୀୟ ନେତାଙ୍କ ବିଶ୍ୱାସ ଜିତି ପାରି ନଥିଲେ। ଯାହାଫଳରେ ୧୫ ନମ୍ବର ଜୋନ୍‌ରୁ ସସ୍ମିତା ରାଉତ ବିଜେଡ଼ି ପ୍ରାର୍ଥୀ ହୋଇଛନ୍ତି। ବଡ଼ମ୍ବା ବ୍ଲକ୍‌ରେ ପୂର୍ବତନ ଅଧ୍ୟକ୍ଷ ଅନସୟା ନାୟମ ଏଥର ନିର୍ବାଚନରୁ ବିରତି ନେଇଛନ୍ତି। ଗତଥର ମାନପୁର ପଞ୍ଚାୟତରୁ ସମିତିସଭ୍ୟା ଭାବେ ବିଜୟୀ ହେବା ସହ ବ୍ଲକ୍ ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରିଥିଲେ। ଏଥର ତାଙ୍କ ସ୍ୱାମୀ ରବୀନ୍ଦ୍ର କୁମାର ସାହୁ ନିର୍ବାଚନକୁ ଓହ୍ଲାଇଛନ୍ତି। ରବୀନ୍ଦ୍ର ବଡ଼ମ୍ବା ୩୦ ନମ୍ବର ଜୋନ୍‌ରୁ ବିଜେଡ଼ି ଜିଲ୍ଲା ପରିଷଧ ପ୍ରାର୍ଥୀ ହୋଇଛନ୍ତି। ତେଣୁ ଗୋଟିଏ ପରିବାରୁ ଦୁଇ ଜଣଙ୍କୁ ଦଳ ପ୍ରାର୍ଥୀ କରିନାହିଁ। ଯାହାଫଳରେ ଅନସ୍ୱୟା ନିର୍ବାଚନରେ ଅଂଶଗ୍ରହଣ କରିପାରିନାହାନ୍ତି। ନରସିଂହପୁରରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କିଶୋର ମିଶ୍ର ଜିଲ୍ଲା ପରିଷଦ ସଦସ୍ୟଭାବେ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଚାହିଁଛନ୍ତି। ଯଦି ଓ ଏଥିରେ ତାଙ୍କର ପୂର୍ବରୁ ଯଥେଷ୍ଟ ଅଭିଜ୍ଞତା ରହିଛି। ଦୁଇ ଥର ଜିଲ୍ଲା ପରିଷଦ ସଭ୍ୟ ହେବା ସହ ଉପାଧ୍ୟକ୍ଷ ଦାୟିତ୍ୱ ମଧ୍ୟ ନିର୍ବାହ କରିସାରିଛନ୍ତି। ଏଥର ତାଙ୍କ ବିପକ୍ଷରେ ବିଜେପିରୁ ପୂର୍ବତନ ସରପଞ୍ଚ ସୂର୍ଯ୍ୟମଣି ଜେନା ଓ କଂଗ୍ରେସରୁ ପୂର୍ବତନ ସରପଞ୍ଚ ରବୀନ୍ଦ୍ର ରାଉତ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷା ଜୟଶ୍ରୀ ପ୍ରଧାନ ମଧ୍ୟ ଏଥର ଜିଲ୍ଲା ପରିଷଦ ସଭ୍ୟ ହେବାକୁ ଆଶା ବାନ୍ଧିଛନ୍ତି। ଦଳୀୟ ଟିକେଟ୍ ହାତେଇ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ହରିଅନ୍ତା ପଞ୍ଚାୟତରୁ ସମିତିସଭ୍ୟା ଭାବେ ବିଜୟୀ ହୋଇ ଗତଥର ବ୍ଲକ ମୁଖିଆ ଦାୟିତ୍ୱ ନିର୍ବାହ କରିଥିବା ଜୟଶ୍ରୀ ଏଥର ଜିଲ୍ଲା ପରିଷଦ ଆସନପାଇଁ କଡା ଟକ୍କରର ସମ୍ମୁଖୀନ ହେବେ। ତେବେ ତାଙ୍କପାଇଁ ବିଜେପିରୁ ଜ୍ଞାନରଞ୍ଜନ ପଣ୍ଡା କଣ୍ଟା ସାଜିବେ। ସାଲେପୁରର ପୂର୍ବତନ ଅଧ୍ୟକ୍ଷା ମମତା ରାଉତ ଏଥର ମଇଦାନକୁ ଓହ୍ଲାଇନାହାନ୍ତି। ତାଙ୍କ ସ୍ୱାମୀ ଗଣେଶ୍ୱର ରାଉତ ମଧ୍ୟକଚ୍ଛ ପଞ୍ଚାୟତରୁ ସରପଞ୍ଚ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ୍‌ରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସବିତା ଓଝାଙ୍କ ପରିବର୍ତ୍ତେ ତାଙ୍କ ସ୍ୱାମୀ ଅଶୋକ ଓଝା ଏଥର ନିର୍ବାଚନୀ ମଇଦାକୁ ଓହ୍ଲାଇଛନ୍ତି। ଜିଗନିପୁର ପଞ୍ଚାୟତରୁ ସମିତି ସଭ୍ୟ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅଶୋକ ବ୍ଲକ୍ ଉପାଧ୍ୟକ୍ଷ ଆସନ ଉପରେ ନଜର ରଖିଛନ୍ତି। ସେହିପରି ମାହାଙ୍ଗ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଶରତ ନାୟକ ଏଥର ନିର୍ବାଚନରୁ ନିଜକୁ ଦୂରେଇ ରଖିଛନ୍ତି। ଯଦିଓ ଏନେଇ ସେ ଢେର ପୂର୍ବରୁ ଘୋଷଣା କରିଥିଲେ। ତେବେ ଏଭଳି ଶରତଙ୍କ ମୌନ ରହିବା ମାହାଙ୍ଗା ରାଜନୀତିରେ ଚର୍ଚ୍ଚାର ଖୋରାକ ଯୋଗାଇଛି। ବାରଙ୍ଗ ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ସରୋଜ କୁମାର ସାହୁ ମଧ୍ୟ ଏଥର ନିର୍ବାଚନରୁ ବାଦ୍ ପଡ଼ିଛନ୍ତି। ସଂରକ୍ଷଣ ବ୍ୟବସ୍ଥାରେ ଉଷୁମା ପଞ୍ଚାୟତ ମହିଳା ହୋଇଥିବାରୁ ସରୋଜଙ୍କୁ ସୁଯୋଗ ମିଳିନାହିଁ। ତେବେ ସେ ନିଜର କୌଣସି ସମ୍ପର୍କୀୟଙ୍କୁ ମଧ୍ୟ ଛିଡ଼ା କରିନାହାନ୍ତି। ତମପଡ଼ାରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ପାତ୍ର ସଂରକ୍ଷଣ ବ୍ୟବସ୍ଥା ଯୋଗୁଁ ପ୍ରାର୍ଥୀ ଦୌଡ଼ରୁ ପଛରେ ପଡ଼ିଯାଇଥିବା ବେଳେ ବାଙ୍କୀର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପୁଷ୍ପଲତା ସାମନ୍ତ ବଳଭଦ୍ରପୁର ପଞ୍ଚାୟତରୁ ସମିତିସଭ୍ୟ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଯେହେତୁ ବାଙ୍କୀର ବ୍ଲକ୍ ଅଧ୍ୟକ୍ଷ ଆସନ ମହିଳାଭାବେ ସଂରକ୍ଷିତ ହୋଇଛି। ତେଣୁ ପୁଷ୍ପଲତାଙ୍କ ପାଖରେ ଦ୍ୱିତୀୟ ବାର ସୁଯୋଗ ରହିଛି। ନିଆଳି ବ୍ଲକ୍‌ରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଣିଙ୍କ ସ୍ୱାମୀ ଆଦିତ୍ୟ ପାଣି ଜଳାରପୁର ପଞ୍ଚୟତୁ ସମିତିସଭ୍ୟ ନିର୍ବାଚନ ଲଢୁଛନ୍ତି। ତେଣୁ କଳ୍ପନା ଏଥର ନିର୍ବାଚନକୁ ଓହ୍ଲାଇ ନାହାନ୍ତି। କଟକ ସଦର ବ୍ଲକରୁ ପୂର୍ବତନ ଅଧ୍ୟକ୍ଷା ଶ୍ରୀମନ୍ତିନୀ ବେହେରା ମଧ୍ୟ ଏଥର ପ୍ରତ୍ୟକ୍ଷ ନିର୍ବାଚନରୁ ଦୂରେଇ ରହିଛନ୍ତି। ସେହିପରି କଣ୍ଟାପଡ଼ା ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷା ସ୍ମିତାରାଣୀ ସ୍ୱାଇଁ ଏଥର ନିର୍ବାଚନରୁ ବାଦ୍ ପଡ଼ିଛନ୍ତି। ପୂର୍ବ ଥାନା ସେ ଅଭସପୁର ପଞ୍ଚାୟତରୁ ସମିତି ସଭ୍ୟା ଭାବେ ନିର୍ବାଚନ ହୋଇ ଅଧ୍ୟକ୍ଷା ଦାୟିତ୍ୱ ନିର୍ବାହ କରୁଥିଲେ।

## ପୂର୍ବତନ ବିଧାୟକ ୟୁ.ଏନ୍.ଦେବଙ୍କୁ ଓଡ଼ିଶା ବିଧାନସଭା ପକ୍ଷରୁ ଶେଷ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ପୂର୍ବତନ ବିଧାୟକ ୟୁ.ଏନ୍. ଦେବଙ୍କୁ ଗତ ୩ ତାରିଖ ଦିନ ବିଧାନସଭା ପକ୍ଷରୁ ଶେଷ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସ୍ୱର୍ଗତ ଦେବଙ୍କ ମରଶରୀର ବିଧାନସଭାରେ ପହଞ୍ଚିବା ପରେ ତାଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା। ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ସ୍ୱର୍ଗତ ଦେବଙ୍କ ମରଶରୀର ଉପରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶ୍ରୀ ଦେବ ଜଣେ ସରଳ, ନିରଳସ, ନିରହଙ୍କାରୀ, ଅମାୟିକ ବ୍ୟକ୍ତିତ୍ୱ ଥିଲେ ଏବଂ ତାଙ୍କର ବିୟୋଗ ଓଡ଼ିଶା ରାଜନୀତିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି ସେ ଅଭିମତ ରଖିଛନ୍ତି। ନୈତିକ ମୂଲ୍ୟବୋଧର ପ୍ରବର୍ତ୍ତକ ଭାବେ ସେ ଚିରକାଳ ଅମର ରହିବେ ବୋଲି ମଧ୍ୟ ପ୍ରକାଶ



କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାନସଭା ସଚିବ ଦାଶରଥୀ ଶତପଥୀ ଏବଂ ଅନ୍ୟ ବିଧାନସଭା ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିରୋଧୀଙ୍କ ଦାବି ହାସ୍ୟାସ୍ପଦ:ପୂର୍ବତନ ବିଧାୟକ

**କଟକ(ସଂପର୍କ ବାର୍ତ୍ତା):-** ୫୩ ନମ୍ବର ୱାର୍ଡ଼ ଅନ୍ଦରପୁରଠାରେ ବସ୍ତିବାସିନ୍ଦାଙ୍କ ପାଇଁ ସିଏମ୍‌ସି ପକ୍ଷରୁ ନିର୍ମିତ ଗୃହ ଆବଣ୍ଟନ ଜାଲିଆତି ସମ୍ପର୍କରେ ବିଜେପିର ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ କହିଛନ୍ତି। ଆଇନ୍ ତା' ବାଟରେ ଯିବ ବୋଲି ସେ କହିଥିଲେ। ଅନ୍ଦରପୁରଠାରେ ବସ୍ତିବାସିନ୍ଦାଙ୍କ ପାଇଁ ନିର୍ମିତ ୧୯୨ଟି ଗୃହ ମଧ୍ୟରୁ ୬୬ଟି ଗୃହ ସିଏମ୍‌ସି ଦ୍ୱାରା ବଣ୍ଟନ ହୋଇଥିବାବେଳେ ଅବଶିଷ୍ଟ ଗୃହଗୁଡ଼ିକ ସିଏମ୍‌ସି ଦାୟିତ୍ୱରେ ଥିଲା। ଏହାକୁ ବେଆଇନ୍ ଭାବେ ବଣ୍ଟନ କରାଯାଉଥିବା ସମ୍ପର୍କରେ ପୂର୍ବତନ ବିଧାୟକଙ୍କ ନିକଟରେ କେତେକ ହିତାଧିକାରୀ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ସିଏମ୍‌ସି କମିଶନରଙ୍କୁ ଏହି ବେଆଇନ୍ ଘଟଣାର ତୁରନ୍ତ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣପାଇଁ ସେ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ଗୃହ ଆବଣ୍ଟନ ଜାଲିଆତିରେ ସମ୍ପୃକ୍ତ ବିଜେଡ଼ିର କର୍ମୀ ନିର୍ମାନ୍ କରଣ (ରାଜା) ଅଟନ୍ତି। ରାଜା କରଣ ଓ ତାଙ୍କ ପତ୍ନୀଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ ନିମନ୍ତେ ଜିଲ୍ଲା ସଭାପତିଙ୍କ ନିକଟକୁ ବିଧାୟକ ସୌଭିକ ବିଶ୍ୱାଳ ସୁପାରିସ କରିଥିବା ସେ କହିଛନ୍ତି।

## ମା'କୁ ଦୁଷ୍କର୍ମ କରିବା ଅଭିଯୋଗରେ ପୁଅକୁ ଆଜୀବନ ଜେଲ

**ମୁମ୍ବାଇ(ସଂପର୍କବାର୍ତ୍ତା):-** ଯୌନ ରାକ୍ଷସ ପୁଅକୁ ଦୃଷ୍ଟାନ୍ତମୂଳକ ଦଣ୍ଡା ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଲେ କୋର୍ଟ। ନିଜ ମାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ପୁଅକୁ ଦୋଷୀ ସାବ୍ୟସ୍ତ କରିଛନ୍ତି କୋର୍ଟ। ମହରଷ୍ଟ୍ରାର ଗୋଣ୍ଡିଆ ଜିଲ୍ଲା ଏବଂ ସେମନ କୋର୍ଟ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରଦଣ୍ଡରେ ଦଣ୍ଡିତ କରିଛନ୍ତି। ଗତ ବର୍ଷ ଅଗଷ୍ଟ ମାସରେ ସମ୍ପୃକ୍ତ ଯୁବକ ନିଶାସକ୍ତ ହୋଇ ନିଜମାକ୍ତ ହୋଇ ନିଜ ମାଙ୍କୁ ଦୁଷ୍କର୍ମ କରିଥିଲ। ଏହି ମାମଲାରେ ଏହି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସେସନ୍ ଜଜ୍



ସବିର ଅହମ୍ମଦଙ୍କୁ ଆଜୀବକାରଦଣ୍ଡ ଦେବା ସହି ଅତିରିକ୍ତ ଜରିମାନା କରିଛନ୍ତି। ସେହିପରି ପୀଡିତାଙ୍କୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଟାଇମ୍‌ସ୍ ଅଫ ଇଣ୍ଡିଆ ପକ୍ଷରୁ ଏହି ରିପୋର୍ଟ ପ୍ରକାଶ ପାଇଛି। ଏହି ଘଟଣାରେ ରାଓନାଭାଡି ପୁଲିସ ତଦନ୍ତ କରିଥିଲା ପୁଲିସ କହିବା ଅନୁଯାୟୀ ଅଭିଯୁକ୍ତଙ୍କୁ ବିରୋଧରେ ଯଥେଷ୍ଟ ପ୍ରମାଣ ପତ୍ର ଥିଲା ଯାହା କୋର୍ଟରେ ହାଜର କରାଯାଇ ପରୀକ୍ଷା କରାଯାଇଛି। ଗତ ଜାନୁଆରୀ ୧୦ରେ କୋର୍ଟରେ ସାକ୍ଷ ପ୍ରମାଣ ପରୀକ୍ଷା କରାଯାଇଥିଲା ଜାନୁଆରୀ ୨୪ରେ ଅଭିଯୁକ୍ତର ବୟାନ ରୋ ରେକର୍ଡ କରାଯାଇଥିଲା ଗତ ଜାନଆରୀ ୩୧ମାମଲାରେ ଚୂଡାନ୍ତ ଶୁଣାଣି ହୋଇଥିଲା।

## ବିଜେଡ଼ି ଅନ୍ଦର ମହଲରୁ ୫ କର୍ପୋରେଟର ପ୍ରାର୍ଥୀ ତାଲିକା










**କଟକ(ତପନ ମହାନ୍ତି):-** ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମୋଟ ୨୪ଟି କର୍ପୋରେଟର ଆସନ ମଧ୍ୟରୁ ୪ଟି ପାଇଁ ବିଜେଡ଼ିର ପ୍ରାର୍ଥୀ କରାଯାଇଥିବା ସୂଚନା ମିଳେ। ମିଳିଥିବା ସୂଚନା ଅନୁଯାୟୀ ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ପର୍ଯ୍ୟବେକ୍ଷକଙ୍କ ମତାମତ ପୂର୍ବରୁ ଦଳପାଇଁ କରିଥିବା କାର୍ଯ୍ୟ ଓ ସର୍ବୋପରି ଲୋକଙ୍କ ମତାମତକୁ ପାଥେୟ କରି ପ୍ରଥମ ଦଫାରେ ୱାର୍ଡ଼ ନମ୍ବର ୪୭ରୁ ଇଂ ସୁବ୍ରତ ଘଡ଼େଇ, ୪୩ରୁ ପ୍ରମିଳା ମହାନ୍ତି, ୫୫ ନଂରୁ ବିଶ୍ୱବନ୍ଦିତା ପଣ୍ଡା ୪୬ ନଂ ୱାର୍ଡ଼ରୁ ପ୍ରଳୟା ବେଉରା, ୫୪ନଂ ରୁ ତାପସ ସାମନ୍ତରାୟ ନିର୍ବାଚନ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଭାବ ରଞ୍ଜନ ବିଶ୍ୱାଳଙ୍କ ସୁପାରିଶକ୍ରମେ ବିଜେଡ଼ି ଦଳରୁ ଅନୁମୋଦନ ନିମନ୍ତେ ପଠାଯାଇଥିବା ଗୁପ୍ତ ସୂତ୍ରରୁ ସୂଚନା ମିଳେ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ୱାର୍ଡ଼ର ପ୍ରାର୍ଥୀ ଚୟନ କରାଯାଇ ଖୁବ୍ ପ୍ରକାଶ କରାଯିବ ବୋଲି ବିଜେଡ଼ିର ଜଣେ ବରିଷ୍ଠ କର୍ମୀଠାରୁ ସୂଚନା ମିଳେ।

## ଦେଶକୁ ଫେରି କଳାଧନ, ସମସ୍ତଙ୍କ ଆକାଉଣ୍ଟକୁ ପଠାଯିବ ୧୫ଲକ୍ଷ !

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଅଧିକାଂଶ ରାଜନୈତିକ ଦଳ ଓ ନେତାମାନେ ନିର୍ବାଚନା ପୂର୍ବରୁ ଜନତାଙ୍କୁ ପ୍ରତିଶ୍ରୁତି କ୍ଷମତାକୁ ଆସିଥାନ୍ତି। ତେବେ ସେ କ୍ଷେତ୍ରରେ ବ୍ୟତିକ୍ରମେ ନୁହନ୍ତି ଆମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରରେ ମୋଦି । ଆଠ ବର୍ଷ ପୂର୍ବେ ଗତ ୨୦୧୪ରେ ମୋଦି ମଧ୍ୟ ଜନତାଙ୍କୁ ଅନୁରୂପ ଭାବେ ଏକ ପ୍ରତିଶ୍ରୁତି ଦେଇଥିଲେ, ଯାହାକି ଆଜି ପର୍ଯ୍ୟନ୍ତ ପାଳନ କରିନାହାନ୍ତି, ଆଉ ପ୍ରତ୍ୟେକ ଲୋକଙ୍କ ଆକାଉଣ୍ଟକୁ ୧୫ଲକ୍ଷ ଟଙ୍କା ଲେଖାଏଁ ପଠାଯିବ। କୁଆଡେ ଗଲା ସେ ପ୍ରତିଶ୍ରୁତି ?ଦିନକୁ ଦିନ ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ କଳାଧନ କମିଁବାରେ ଲାଗିଛି , ଏହା ନୁହେଁ ତ କାରଣ ? ତେବେ ଏନେଇ ସୂଚନା ଆଇନ ଆଧାରରେ ଗତ ୨୦୧୬ରେ




ଏନେଇ ପ୍ରଧାନମନ୍ତ୍ରୀଙ୍କ ନାମରେ ଜଣେ ଓକଲି ମାମଲା ଦାୟର କରିଥିଲେ। ବିଜେପି ଲୋକଙ୍କୁ ମିଥ୍ୟା ଆଶ୍ୱାସନା ଦେଇ କ୍ଷମତା ହାତେଇଥିବା ବିରୋଧୀ କଂଗ୍ରେସ ପକ୍ଷରୁ କୁହାଯାଇଥିଲା। ତେବେ ପ୍ରତ୍ୟେକ ଆକାଉଣ୍ଟଧାରୀଙ୍କୁ ଉକ୍ତ ଅର୍ଥ ପ୍ରେରଣ କରାଯିବ ବୋଲି କୁହାଯାଇଥିବା ନେଇ ବିଜେପି ପକ୍ଷରୁ ଖଣ୍ଡନ କରାଯାଇଥିଲା। ତେବେ କିଛି ବିଜ୍ଞ ବ୍ୟକ୍ତିଙ୍କ ମତରେ, ଯଦି ସମସ୍ତ କଳାଧନ ଦେଶକୁ ଫେରିଆସେ,ତେବେ ସମସ୍ତଙ୍କ ଆକାଉଣ୍ଟକୁ ୧୫ଲକ୍ଷ ପଠାଯିବ। କଳାଧନକୁ ମାରଣାରେ ଦେଶବାସୀଙ୍କ ମଧ୍ୟରେ ବଣ୍ଟନ ନେଇ କୌଣସି ଆଇନଗତ ବ୍ୟବସ୍ଥା ନାହିଁ । ଟ୍ୟାକ୍ସ ଓ ଜରିମାନା ପଇଠ ପରେ କଳାଧନ ଧନ ହୋଇଯାଏ ଓ ପ୍ରକୃତ ମାଲିକଙ୍କ ପାଖକୁ ଚାଲିଯାଇଥାଏ। ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ୧୫ଲକ୍ଷ ପଠାଇବେ, ଏହା ଭାବିବା ଜଣେ ସାଧାରଣ ଲୋକର ଅଶିକ୍ଷାଜନିତ ଲୋଭକୁ ପ୍ରମାଣିତ କରୁଛି।

## ପାକିସ୍ତାନରେ ହିନ୍ଦୁ ବ୍ୟବସାୟୀଙ୍କୁ ଗୁଳି କରିହତ୍ୟା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପାକିସ୍ତାନରେ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ଗୁଳି ମାରି ହତ୍ୟା କରାଯାଇଛି। ସିନ୍ଧି ଅଂଚଳରେ ଏହି ହତ୍ୟାକାଣ୍ଡ ଘଟିଣି। ହତ୍ୟାକାଣ୍ଡ ପରେ ଦୁର୍ବୃତ୍ତ ଜଣକ ଫେରାର ହୋଇଯାଇଛନ୍ତି। ସିନ୍ଧର ଘୋଟକି ଜିଲ୍ଲା ଦାହରକି ଟାଉନ୍‌ରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଆକ୍ରମଣ କରାଯାଇଛି ମୃତ ବ୍ୟକ୍ତ ଜଣକ ହେଉଛନ୍ତି ସତନ ଲାଲ। ପାକିସ୍ତାନରେ ସଂଖ୍ୟାଲଘୁମାନେ ଅସୁରକ୍ଷିତ ଥିବା ବେଳେ ଏହି ଆକ୍ରମଣ ହେଉଛି ସଦ୍ୟତମ ଘଟଣା
ସେହିପରି ଜାନୁଆରୀ ୪ରେ ସୁନିଲ କୁମାର ନାମକ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ପାକିସ୍ତାନାରେ ଗୁଳି କରି ହତ୍ୟା କରାଯାଇଥିଲେ। ଘଟଣାଟି ସିନ୍ଧ ପ୍ରୋଭିନ୍ସ ଅଂଚଳ ଅଞ୍ଜି ମଣ୍ଡି ନିକଟରେ ଘଟିଥିଲା ଜାତୀୟ ନ୍ୟୁଜ ଏଜେନ୍ସି ଏଏନଆଇ ରିପୋର୍ଟ ଅନୁଯାୟୀ ହିନ୍ଦୁ ବ୍ୟବସାୟୀଙ୍କ ମୃତ୍ୟୁ ପରେ ଉତ୍ତେଜନା ଲାଗି ରହିଛି। ଏହା ପରେ ସହରକୁ ବନ୍ଦ କରି ଦିଆଯାଇଛି । ଗତ ଜାନୁଆରୀ ୩୦ରେ ଜଣେ ଖ୍ରୀଷ୍ଟିଆନ ପୂଜାରିଙ୍କୁ ଗୁଳି କରି ହତ୍ୟା କରାଯାଉଥିଲା ଅନ୍ୟ ଜଣେ ଗୁରୁତ୍ୱର ହୋଇଥିଲେ। ତେବେ ଦୁର୍ବୃତ୍ତଙ୍କ ପରିଚୟ ଜଣାପଡି ନାହିଁ । ପାକିସ୍ତାନର ଉତ୍ତର-ପେଶାଓାର ସହରରେ ଏହି ଅପରାଧ ଘଟିଥିଲେ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

www.samparkabarta.in

ODIA WEEKLY

ପୃଷ୍ଠା ୮



**ADVERTISEMENT TARIFF**

| | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




# ସୈନିକ ସ୍କୁଲ ଭୁବନେଶ୍ୱର:ଗୌରବର ୬୦ ବର୍ଷ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଶିଖିବାର ଅନ୍ତ ନଥାଏ । ଆମର ଶିକ୍ଷା ମାତୃଗର୍ଭରୁ ଆରମ୍ଭ ହୋଇ ବିଦାୟୀ ଜୁଇରେ ଶେଷ ହୋଇଥାଏ । ଏହା ଚିରନ୍ତନ ଓ ଦୈବି । ବ୍ୟକ୍ତି ଜନ୍ମନେଇ ଦିନେ ବିଦାୟ ନିଏ କିନ୍ତୁ ଶିଖିବାର ପ୍ରକ୍ରିୟା ଅବିରତ ଭାବେ ଆଗକୁ ବଢିଥାଏ । ବାସ୍ତବରେ କେବଳ ଶିକ୍ଷା ହିଁ ଗୋଟିଏ ଦେଶର ନାଗରିକମାନଙ୍କୁ ବିକଶିତ ଓ ଉତ୍କର୍ଷିତ କରାଇବାର ଭୂମିକା ଗ୍ରହଣ କରିଥାଏ । ତେଣୁ ଏକ ଆଦର୍ଶ ଶୈକ୍ଷିକ ପରିବେଶ ମାଧ୍ୟମରେ ଆମର ଉତ୍ତରପୀଢିର ଶରୀରର ବିକାଶ ସହ ସନ୍ତୁଳିତ ମନକୁ ତାଳଦେଇ ବିକଶିତ କରିବାର ଆବଶ୍ୟକ ରହିଛି ।

ଦେଶ ସମ୍ମୁଖରେ ଥିବା ଆହ୍ୱାନଗୁଡିକୁ ସାମ୍ନା କରିବା ହିଁ ସୈନିକ ସ୍କୁଲଗୁଡିକର ଲକ୍ଷ୍ୟ । ଭାରତୀୟ ସେନାକୁ ଯୁବ ଓ ଦକ୍ଷ ଅଧିକାରୀ ଦେବା ଉଦ୍ଦେଶ୍ୟରେ ୧୯୬୨ ମସିହାରେ ସୈନିକ ସ୍କୁଲ ଭୁବନେଶ୍ୱରର ଗଠନ କରାଯାଇଥିଲା । ଓଡିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ରାଜ୍ୟରେ ଏହି ଶିକ୍ଷାନୁଷ୍ଠାନ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ ଏହାକୁ ୧୯୬୨ ମସିହା ଜାନୁଆରୀ ୧୫ ତାରିଖ ଦିନ ଶୁଭ ଉଦଘାଟନ କରିଥିଲେ । ବିଗତ ୬୦ ବର୍ଷରେ ଏହି ଶିକ୍ଷାନୁଷ୍ଠାନରୁ ପ୍ରାୟ ୬୦୦ରୁ ଅଧିକ ସେନାଅଧିକାରୀ ଭାରତୀୟ ପ୍ରତିରକ୍ଷା ବିଭାଗରେ ଯୋଗ ଦେଇଛନ୍ତି । ଏହା ଛଡା ଏଠିକାର କ୍ୟାଡେଟମାନେ ବହୁସଂଖ୍ୟାରେ ଡାକ୍ତର, ଇଞ୍ଜିନିୟର, ଭାରତୀୟ ପ୍ରଶାସନିକ ଅଧିକାରୀ, ରାଜନେତା ଓ ସାମ୍ବାଦିକ ଭାବେ ସୁନାମ ଅର୍ଜନ କରିଛନ୍ତି । ଭୁବନେଶ୍ୱର ସୈନିକସ୍କୁଲ ପାଇଁ ଏହା ଗର୍ବର ବିଷୟ ଯେ, ଏହାର ୧୬ ଜଣ କ୍ୟାଡେଟ ଦେଶମାତୃକା ପାଇଁ ସର୍ବଶ୍ରେଷ୍ଠ ବଳିଦାନ ଦେଇଛନ୍ତି । ନିକଟ ଅତୀତରେ ୨୦୨୦ ନଭେମ୍ବର ୮ ତାରିଖରେ କ୍ୟାପଟେନ ଆଶୁତୋଷ କୁମାର ଆତଙ୍କବାଦ-ବିରୋଧୀ ଅଭିଯାନରେ ଅପୂର୍ବ ବୀରତ୍ୱ ସହ ଲଢେଇକରି ଶେଷରେ ଭାରତମାତା ପାଇଁ ନିଜର ମୂଲ୍ୟବାନ ଜୀବନ ହରାଇଛନ୍ତି । ତାଙ୍କର ଏହି ପରାକ୍ରମ ଓ ବଳିଦାନ ପାଇଁ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ମରୋଣତ୍ତୋର ସୌର୍ଯ୍ୟଚକ୍ର ପୁରସ୍କାର ପ୍ରଦାନ କରାଯାଇଛି ।




ଏହି ଶିକ୍ଷାନୁଷ୍ଠାନର ଶିକ୍ଷାର୍ଥୀଙ୍କ ପାଇଁ ଏହା ଗୌରବର ବିଷୟ ଯେ, ଏହି ସ୍କୁଲରୁ ୧୦ ଜଣ ଥ୍ରି ଷ୍ଟାର ଜେନେରାଲ ପଦପର୍ଯ୍ୟନ୍ତ ପହଞ୍ଚି ପାରିଛନ୍ତି । ଲେଫ୍‌ଟନାଣ୍ଟ ଜେନେରାଲ ଜେକେ ମହାନ୍ତି, ସ୍ୱର୍ଗତ ଲେଫ୍ଟନାଣ୍ଟ ଜେନେରାଲ କେପିଡି ସାମନ୍ତ, ଲେଫ୍ଟନାଣ୍ଟ ଜେନେରାଲ ପିକେ ରଥ , ଏୟାର ମାର୍ଶାଲ ଜେଏନ ବର୍ମା, ଲେଫ୍ଟନାଣ୍ଟ ଜେନେରାଲ ପାର୍ଥ ମହାପାତ୍ର, ଲେଫ୍ଟନାଣ୍ଟ ପିସି ଥିମାୟା, ଭାଇସ ଆଡମିରାଲ ଏକେ ଚାଉଲା, ଲେଫ୍ଟନାଣ୍ଟ ଜେନେରାଲ ଏକେ ସାମନ୍ତରାଙ୍କ ଭାରତୀୟ ପ୍ରତିରକ୍ଷା ବାହିନୀ ପାଇଁ ଅବଦାନ ଅତୁଳନୀୟ ।

ଏତଦବ୍ୟତୀତ ମେଜର ଜେନେରାଲ ଏକେ ପଟ୍ଟନାୟକ, ମେଜର ଜେନେରାଲ ସୁଧାକର ଜି, ମେଜର ଜେନେରାଲ ସୁରେଶ ମହାନ୍ତି, ରିଅର ଆଡମିରାଲ ଏନକେ ମିଶ୍ର, ମେଜର ଜେନେରାଲ ଅରୁପ ସାସମଲ, ଏୟାର ଭାଇସ ମାର୍ଶାଲ ମହାରାଜ ମହାନ୍ତୋ, ଏୟାର ଭାଇସ ମାର୍ଶାଲ ମାନସ ମିଶ୍ର, ମେଜର ଜେନେରାଲ ଏସ ପାଣିଗ୍ରାହୀ ଓ ଏପରି ଅନେକ ଅଧିକାରୀଙ୍କ କୃତୀତ୍ୱ ଓ ବୀରତ୍ୱ ମଧ୍ୟ ପ୍ରଶଂସାଯୋଗ୍ୟ । ଆଜିର ଦିନରେ ଏହି ଅନୁଷ୍ଠାନର ବିଦ୍ୟାର୍ଥୀମାନେ ଉପରୋକ୍ତ ତାରକାମାନଙ୍କ ବୀରତ୍ୱ ଓ ପରାକ୍ରମକୁ ନେଇ ନିଜକୁ ଗୌରବାନ୍ୱିତ ମନେ କରନ୍ତି । ଏହି କ୍ରମରେ ଏୟାର କୋମଡର ଟିକେ ରଥ, ବ୍ରିଗେଡିୟର ଏଲ୍‌ସି ପଟ୍ଟନାୟକ, ବ୍ରିଗେଡିୟର ଆରସି ପାତ୍ର, କୋମଡର ଅଜୟ ପଟ୍ଟନାୟକ, କମୋଡର ଡି ଜେନା, ଏୟାର କମୋଡର ଅରବିନ୍ଦ ମହାନ୍ତି, ଏୟାର କମୋଡାର ପିଡି ଚୌଧୁରୀ, ବ୍ରିଗେଡିୟର ପି ଜେନା, କମୋଡର ସଞ୍ଜୟ ମହାପାତ୍ରଙ୍କ ଯୋଗଦାନ ମଧ୍ୟ ସ୍ମୃତିଯୋଗ୍ୟ ।

ପ୍ରତିରକ୍ଷା ବିଭାଗକୁ ବାଦ ଦେଲେ ରାଜନୀତି କ୍ଷେତ୍ରଠାରୁ ପ୍ରଶାସନିକ ସେବା କ୍ଷେତ୍ରରେ ସ୍କୁଲର ପୂର୍ବ କ୍ୟାଡେଟମାନଙ୍କ କୃତୀତ୍ୱ ମଧ୍ୟ ବେଶ ଗର୍ବିତ କରିଥାଏ । ରାଜ୍ୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ , ରାଜ୍ୟମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ଆଇଏସ୍ ନିକୁଞ୍ଜ ସୁନ୍ଦର ରାୟ, ଆଇଏସ୍ ମଧୁସୁଦନ ପାଢୀ, ଆଇଏସ୍ ଆର.କେ ତ୍ରିପାଠୀ, ଆଇଏସ୍ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆଇପିଏସ୍ ସ୍ୱର୍ଗତ ସୁଶାନ୍ତ ମହାପାତ୍ର, ଆଇପିଏସ ଅଜିତ ମହାନ୍ତି, ଆଇପିଏସ୍ ରାଜେଶ ଦାସ ଏଭଳି କିଛି ତାରକାଙ୍କ ନାମ ପ୍ରତିରକ୍ଷା ଛଡା ଅନ୍ୟ କୌଣସି କ୍ଷେତ୍ରରେ ମଧ୍ୟ ସୈନିକ ସ୍କୁଲ କ୍ୟାଡେଟମାନଙ୍କୁ ସର୍ବଦା ଉତ୍କର୍ଷତା ହାସଲ ପାଇଁ ଅନୁପ୍ରାଣିତ କରିଥାଏ ।

ବର୍ତ୍ତମାନ ସ୍କୁଲର ପ୍ରିନ୍ସିପାଲ ଗ୍ରୁପ କ୍ୟାପଟେନ ଏସ ଡୋମିନିକ ରାୟନ, ଆଡମିନିଷ୍ଟ୍ରେଟିଭ ଅଫିସର କମାଣ୍ଡର ପ୍ରୀତିକା ଶର୍ମା ଓ ଭାଇସ ପ୍ରିନ୍ସିପାଲ କ୍ୟାପଟେନ ଉଷା ସାଙ୍ଗୱାନ ଏବଂ ବରିଷ୍ଠ ଶିକ୍ଷକ କ୍ୟାପଟେନ ବିଘ୍ନେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଉତ୍କର୍ଷତାର ଅନେକ ପାହାଚ ଚଢିବା ପାଇଁ ସଦା ପ୍ରସ୍ତୁତ । ୬୦ ବର୍ଷ ପୂର୍ତ୍ତି ଅବସରରେ ଚଳିତ ବର୍ଷ ଫେବୃଆରୀ୨୦୨୨ ରେ ସୈନିକ ସ୍କୁଲ ଭୁବନେଶ୍ୱର ଏହାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ବା ଡାଇମଣ୍ଡ ଜୁବଲି ଉତ୍ସବ ପାଳନ କରିବ

ପାଠ୍ୟକ୍ରମ ସହ ଏକ୍ସଟ୍ରା କରିକୁଲାର ଆକ୍ଟିଭିଟିକୁ ଗୁରୁତ୍ୱ ଦିଆଯିବ କାରଣରୁ ସର୍ବଭାରତୀୟ ସୈନିକ ସ୍କୁଲ ହକି ଓ ଫୁଟବଲ ଚାମ୍ପିଅନସିପ ହେବାର ଗୌରବ ମଧ୍ୟ ସୈନିକ ସ୍କୁଲ ହାସଲ କରିଛି । ଏହାର ଶିକ୍ଷାର୍ଥୀ ମାନଙ୍କୁ ଜାତୀୟ ସମର ଶିକ୍ଷାର୍ଥୀ, ସଙ୍ଗୀତ, ଫଟୋଗ୍ରାଫି, ସନ୍ତରଣ, ଅଶ୍ୱାରୋହଣ, ଜିମ୍ନାସିଅମ, ଆର୍ଟ ଆଣ୍ଡ କ୍ରାଫ୍ଟ, ୟୁପିଏସସି ଓ ଏସଏସବି ଟ୍ରେନିଂ ଉପଲବ୍ଧ କରାଯାଇଥାଏ । ବିଗତ ୬୦ ବର୍ଷରେ ଏହାର ଶିକ୍ଷାର୍ଥୀମାନଙ୍କୁ କେବଳ ପରୀକ୍ଷାରେ ଭଲ ଗ୍ରେଡ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିନଥାଏ ଏହା ବାଦ ଜୀବନରେ ପ୍ରତିଟି କ୍ଷେତ୍ରରେ ଧୈର୍ଯ୍ୟ ଓ ମାନସିକ ବିକାଶରେ ପରିପକ୍ୱତା ଦ୍ୱାରା ଜଣେ ଦାୟୀତ୍ୱବାନ ବ୍ୟକ୍ତି ଭାବରେ ନିଜ କର୍ତ୍ତବ୍ୟକୁ ସୂଚାରୁ ରୂପେ ନିର୍ବାହ କରିବା ପାଇଁ ପ୍ରସ୍ତୁତ କରିଥାଏ ।

ନିକଟରେ ପ୍ରଥମଥର ଛାତ୍ରୀମାନେ ମଧ୍ୟ ଏହି ଶିକ୍ଷାନୁଷ୍ଠାନରେ ଶିକ୍ଷାଗ୍ରହଣ କରିବାର ସୁଯୋଗ ପାଇଛନ୍ତି । ସେମାନଙ୍କର ଉଜ୍ଜଳ କ୍ୟାରଅର ପାଇଁ ସ୍କୁଲ ପକ୍ଷରୁ ସମସ୍ତ ପ୍ରକାର ଜତ୍ନ କରାଯାଉଛି । ସ୍କୁଲର ପୁରାତନ ଛାତ୍ରଛାତ୍ରୀମାନେ ସ୍କୁଲ ପାଇଁ ସବୁଠାରୁ ବଡ ସମ୍ବଳ ଓ ପ୍ରେରଣା । ପୂର୍ବତନ ଛାତ୍ର ସଂଗଠନର ନବ ନିର୍ବାଚିତ ସଭାପତି ହର୍ଦମାନ ସିଂହ, ଉପ ସଭାପତି ଇଂ ମଧୁସୁଦନ ପାଢୀ, ସଚିବ ସିଡିଆର ଦିନେଶ ସ୍ୱାଇଁ, ଏବଂ ଯୁଗ୍ମ ସଚିବ ଏସଅର ମହାନ୍ତିଙ୍କୁ ସ୍କୁଲ ପ୍ରଶାସନ ପକ୍ଷରୁ ଅନେକ ଅନେକ ଶୁଭେଚ୍ଛା ।

ସେବା, କର୍ତ୍ତବ୍ୟ, ଜ୍ଞାନ ଓ ବୀରତାର ଲକ୍ଷ୍ୟ ନେଇ ସୈନିକ ସ୍କୁଲ ଭୁବନେଶ୍ୱର ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ଏକ ଉତ୍ସର୍ଗୀକୃତ ଅନୁଷ୍ଠାନ ଭାବେ ପ୍ରତିଷ୍ଠିତ ହୋଇପାଇଛି । ଆଗାମୀ ଦିନରେ ମଧ୍ୟ ସ୍କୁଲ କ୍ୟାଡେଟ ମାନଙ୍କ ଉତ୍କର୍ଷତା, ଗୌରବ, ପରାକ୍ରମ ଓ ତ୍ୟାଗ ବଜାୟ ରହୁ ବୋଲି ଆଶା ପୋଷଣ କରୁଛୁ ।

# ଅଫିସରଙ୍କ ବ୍ୟବହାର ଖରାପ !

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଜଗତସିଂହପୁରରେ କିଛି ଅଫିସର୍ ବ୍ୟବହାର ଖରାପ କରୁଥିବା ନେଇ ଅଭିଯୋଗ ହେଉଛି । କର୍ମଚାରୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ଯାହାର ଯେତେବେଳେ ଯେଉଁ ସମୟରେ କୌଣସି କାମକୁ ନେଇ ଅଫିସରଙ୍କ ନିକଟକୁ ଯାଉଛନ୍ତି ଅଫିସରଙ୍କ ରୁକ୍ଷ ବ୍ୟବହାର ସେମାନଙ୍କୁ ଦୁଃଖ ଲାଗୁଥିବା ଅଭିଯୋଗ କରୁଛନ୍ତି । କିନ୍ତୁ ସଂପୃକ୍ତ ରୁକ୍ଷ ବ୍ୟବହାରକାରୀ ଅଫିସରଙ୍କୁ ତାଗିଦ୍ କରିବା ପାଇଁ କୌଣସି ନେତା କିମ୍ବା ବଡ ବଡ ଅଫିସର ଗୁରୁତ୍ୱ ନ ଦେବା ଦୁଃଖର କାରଣ ବୋଲି କୁହାଯାଉଛି । ଅଫିସରଙ୍କ ରୁକ୍ଷ ବ୍ୟବହାର ସେମାନଙ୍କ ଉପରିସ୍ଥ ଅଫିସର୍ ଦୃଷ୍ଟିକୁ ଯାଉଛି କି ନାହିଁ ସେଥିଲାଗି ସନ୍ଦେହ ସୃଷ୍ଟି କରିଛି । ନିକଟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ସରକାର ଜନପ୍ରତିନିଧିମାନଙ୍କୁ ଅଫିସର୍ ଉଚିତ୍ ସମ୍ମାନ ଦେବା ଲାଗି ବିଳମ୍ବ ହେଲେ ମଧ୍ୟ ଯେଉଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ସେସବୁକୁ ସାଧାରଣରେ ସ୍ୱାଗତ କରାଯାଉଛି । ଅଫିସରମାନଙ୍କର ବ୍ୟବହାର ଓ କଥାବାର୍ତ୍ତାରେ ସାଳିନତା କିପରି ରଖାଯାଇପାରିବ ସେଥିଲାଗି ଜିଲ୍ଲାପାଳ ଓ ଜନପ୍ରତିନିଧିମାନେ ସଚେତନ ହେବାକୁ ସାଧାରଣରେ ବିନମ୍ର ନିବେଦନ କରାଯାଉଛି ।

# ଚାରିବାଟିଆ ପୂର୍ତ୍ତ ବିଭାଗ ନାକବୁଡା ଦୁର୍ନୀତି ଚାଲିଛି

**କଟକ(ସଂପର୍କ ବାର୍ତ୍ତା):-** ଦୁର୍ନୀତି ଓ ଅପାରଗତା ଯୋଗୁଁ ରାଜ୍ୟ ସରକାର କିଛି ନିର୍ଦ୍ଦିଷ୍ଟ ସରକାରୀ ଯନ୍ତ୍ରୀ ଓ ପଦସ୍ଥ କର୍ମଚ୍ଚରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି । ପ୍ରଶାସନର ସ୍ୱଚ୍ଛତା, ଉତ୍ତର ଦାୟିତ୍ୱ ଓ ସେବା ମନୋଭାବର ବିକାଶ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି । ଦୁର୍ନୀତି ତଥା ଲୋକଙ୍କୁ ସେବା ଯୋଗାଇବାରେ ଅବହେଳା କରୁଥିବା କର୍ମଚ୍ଚରୀମାନଙ୍କ ପାଇଁ ଏହା ସତର୍କ ଘଣ୍ଟି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ଏହା ବ୍ୟତିକ୍ରମ ଚୌଦ୍ୱାର ଚାରିବାଟିଆ ଆର.ଆଣ୍ଡ.ବି ଡିଭିଜନରେ ଦେଖିବାକୁ ମିଳିଛି । ଚାରିବାଟିଆ ଆର.ଆଣ୍ଡ.ବି. ଯେତେଗୁଡ଼ିଏ ବିଭାଗୀୟ ବରିଷ୍ଠ ଅଧିକାରୀ ଆସିଛନ୍ତି ସମସ୍ତଙ୍କୁ ବ୍ୟାଙ୍କ୍ ଟ୍ରାନଯାକ୍ସନ ଦାୟିତ୍ୱରେ ଥିବା କିରାଣି ସମସ୍ତଙ୍କୁ ହାତବାରିସ କରି ଲକ୍ଷାଧିକ ଟଙ୍କା ଲୁଟୁଥିବା କିଛି ଠିକାଦାର ନିଜ ନାମକୁ ଗୋପନ ରଖି କହିଛନ୍ତି । ଆହୁରି ମଧ୍ୟ କୁହନ୍ତି, ଦୀର୍ଘଦିନ ଧରି ଗୋଟିଏ ଦାୟିତ୍ୱରେ ରହିବାରୁ ବହୁ ବିଶୃଙ୍ଖଳା ଦେଖାଦେଉଛି ବୋଲି ଠିକାଦାରଙ୍କ ମଧ୍ୟରେ ଆଲୋଚନା କରୁଛନ୍ତି । ତାଙ୍କ କାର୍ଯ୍ୟକଳାପ ଭିତରେ ଅନେକ ବେଆଇନ କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି । ଏହି ଡିଭିଜନରେ ଦୁର୍ନୀତି ଏପରି ଭାବରେ କାୟା ବିସ୍ତାର କରିଛି ଯେ ଠିକାଦାରଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି । ପିସି କାବାର ଖୁଲମଖୁଲା ଚାଲିଛି ବୋଲି ଅଭିଯୋଗକାରୀଙ୍କ ଠାରୁ ଶୁଣିବାକୁ ମିଳେ । ବାରମ୍ବାର ଅଭିଯୋଗ ହେଉଥିଲେ ହେଁ ପୂର୍ତ୍ତ ସଚିବ ନୀରବ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ହେଉଛି । ଅଞ୍ଚଳର ସରସ ସୁନ୍ଦର କରିବାପାଇଁ ପୂର୍ତ୍ତ ବିଭାଗକୁ ରାଜ୍ୟସରକାର ବାର୍ଷିକ କୋଟି କୋଟି ଟଙ୍କା ଦେଉଥିବାବେଳେ ଚାରିବାଟିଆ ପୂର୍ତ୍ତବିଭାଗ ଡିଭିଜନର ଯନ୍ତ୍ରମାନେ ନିର୍ଦ୍ଦିଷ୍ଟ କିଛି ଠିକାଦାରମାନଙ୍କୁ ହାତ କରି ଫଲସ୍ ବିଲ୍ କରି ଲୁଟି ନେଉଥିବା ସର୍ବସାଧାରଣରେ ଆଲୋଚନା ହେଉଛି । ଏମିତିକି ଟ୍ରାନଯାକ୍ସନ ଦାୟିତ୍ୱରେ ଥିବା କିରାଣୀ ଜଣକ ତା ପରସେଣ୍ଟେଜ୍ ପାଇଲେ ସିଏ ବି ବିଲ୍ ଅଟକେଇ ରଖି ଦେଉଥିବା ଗୁରୁତର ଅଭିଯୋଗ ହେଉଛି । କରୋନା ସମୟରେ ଏପରିକି କାମ ନ କରି କିଛି ଠିକାଦାର ବିଲ୍ ନେଇଥିବା ଅଭିଯୋଗ ହେଉଛି । ଏହାକୁ ଭିଜିଲାନ୍ସ ବିଭାଗ ତଦନ୍ତ ପାଇଁ କିଛି ଠିକାଦାର ମାନଙ୍କ ପକ୍ଷରୁ ଦାବୀ ହେଉଥିବା ଶୁଣିବାକୁ ମିଳୁଛି । ଯାହାକି ତଦନ୍ତ ସାପେକ୍ଷ୍ୟ, କିରାଣୀ ଜଣକ କାହା ବଳରେ ବଳୀୟାନ ହୋଇ ପ୍ରଶାସନକୁ ବେଖାତିର କରି ଚାଲିଛି ଏପରିକି ମୁଖ୍ୟମନ୍ତ୍ରୀଙ୍କ ଦୁର୍ନୀତିଗ୍ରସ୍ତ ସରକାରଙ୍କୁ ଉପହାସ । ଠିକାଦାରମାନଙ୍କ ତଣ୍ଡିଚିପିକି ପିସିନେଇ ବରିଷ୍ଠ ଅଧିକାରୀମାନଙ୍କୁ ଖୁସି କରୁଛି ବୋଲି କୁହାଯାଉଛି । ପୂର୍ତ୍ତ ବିଭାଗର ସଚିବ ଏହି କିରାଣୀଙ୍କୁ ତୁରନ୍ତ ବଦଳି କରି ଭିଜିଲାନ୍ସ ବିଭାଗକୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଲେ ସରକାରଙ୍କର ସମ୍ମାନ ଅକ୍ଷୁର୍ଣ୍ଣ ରହିବ । ଏହି ବିଭାଗରେ ବ୍ୟାପକ ଦୁର୍ନୀତି ହେଉଥିବା ବିଭାଗର ବରିଷ୍ଠ ଅଧିକାରୀ ଜାଣୁଥିଲେ ସୁଧା କିରାଣୀକୁ ଘଣ୍ଟ ଘୋଡ଼ାଉଥିବା ସନ୍ଦେହ ନେଇ ବରିଷ୍ଠ ଅଧିକାରୀଙ୍କ ବିଭାଗ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି ଲାଞ୍ଛୁଆ କିରାଣୀ ବରିଷ୍ଠ ଅଧିକାରୀଙ୍କ ପାଇଁ ଠିକାଦାରମାନେ ହଇରାଣ ହେଉଥିବା ଅଭିଯୋଗ ହୋଇଛି । ତେଣୁ ଏ ଦିଗରେ ସମ୍ପୃକ୍ତ ବିଭାଗୀୟ ଉଚ୍ଚ ପ୍ରଦସ୍ତ ଅଧିକାରୀମାନେ ଯଥୋଚିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# ଜଗତସିଂହପୁରରେ ଅପମିଶ୍ରିତ ଗ୍ରୋସରୀସପ୍

**ଜଗତସିଂହପୁର(ଅକ୍ଷୟ କୁମାର ବେହେରା):-** ଜଗତସିଂହପୁର ସହରରେ ବିଭିନ୍ନ ଗ୍ରୋସରୀସପ୍‌ରେ ଅପମିଶ୍ରିତ ଖାଦ୍ୟଦ୍ରବ୍ୟ ବିକ୍ରୟ ହେଉଥିବା ଅଭିଯୋଗ ହେଉଛି । ପ୍ରତ୍ୟେକ ଦିନ ଖାଉଟିମାନେ ଗ୍ରୋସରୀସପ୍‌ରୁ ସାମଗ୍ରୀ କ୍ରୟ କରି ନେଉଥିଲେ ମଧ୍ୟ ପରିବାରରେ ମହିଳାମାନେ ଅଧିକାଂଶ ଗ୍ରୋସରୀସପ୍ ଅପମିଶ୍ରଣ ବୋଲି ଅଭିଯୋଗ କରୁଛନ୍ତି । ଚୂଡା ମଧ୍ୟରେ ଅଧିକାଂଶ ଚୂଡା ଦାନ୍ତରେ ଛିଡୁନଥିବା ବେଳେ ପାଣିରେ ମଧ୍ୟ ବତୁରୁନାହିଁ, କେତେକ କହୁଛନ୍ତି ପ୍ଲାଷ୍ଟିକ୍ ଚୁଡା, ଏଥିରେ ମିଶ୍ରଣ କରାଯାଇଛି । ସେହିପରି ବିଭିନ୍ନ ଖାଦ୍ୟ ସାମଗ୍ରୀର ମସଲା ମଧ୍ୟ ଅପମିଶ୍ରିତ ବା ଭେଜାଲ୍ ବୋଲି ଅଭିଯୋଗ ହେଉଛି । ଚାଉଳରେ ଗୋଡି ମିଶ୍ରଣ କରାଯାଉଥିବା ବେଳେ ଡାଲି ସାମଗ୍ରୀରେ ବିଭିନ୍ନ କେମିକାଲ୍ ମିଶ୍ରଣ କରାଯାଉଥିବାର ଡାଲି ଧୋଇବା ପାଣିରୁ ହିଁ ବାରି ହୋଇପଡୁଥିବା ଅଭିଯୋଗ ହେଉଛି । ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ଅପମିଶ୍ରଣ ବା ଭେଜାଲ୍ କରାଯାଇ ବିକ୍ରୟ ହେଉଥିବା ନେଇ ଅଭିଯୋଗ ହେଉଥିବାକୁ ତୁରନ୍ତ ଜିଲ୍ଲାରେ ନିଯୁକ୍ତି ଫୁଡ୍ ଇଂନିସ୍ପେକ୍ଟର ଯାଞ୍ଚ କରିବା ଲାଗି ସାଧାରଣରେ ନିବେଦନ କରାଯାଉଛି ।

# ଚାକିରିରୁ ବହିଷ୍କୃତ ବରିଷ୍ଠ ଆଇଏଏସ ବିନୋଦ କୁମାର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଦୁର୍ନୀତ ଅଭିଯୁକ୍ତିଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠନ । ବରିଷ୍ଠ ଆଇ ଏ ଏସ୍ ବିନୋଦ କୁମାର ଚାକିରୀରୁ ବରଖାସ୍ତ । ଗ୍ରାମ୍ୟ ଗହ୍ନ ନିମାଣ ନିଗମର ର୍ପବତନ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର । ଦୁନୀତି ଅଭିଯୋଗ ପ୍ରମାଣିତ ହେବା ପରେ କାର୍ଯ୍ୟାନୁଷ୍ଠାନ ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ସମ୍ମତି ପ୍ରଦାନ କରିଛି କେନ୍ଦ୍ର । ସୂଚନାଯୋଗ୍ୟ ଯେ ଶ୍ରୀକୁମାର ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଥିବା ସମୟରେ ମହାବାତ୍ୟା ପରେ ପରେ ବିଭିନ୍ନ ନକଲି ଫାର୍ମ ତଥା ପ୍ରତି ଅନୁଚିତ




ଅନୁଗ୍ରହ ପ୍ରଦାନ କରି ୩୩ଲକ୍ଷ ଟଙ୍କା ବେଆଇନ ଭାବେ ମକ୍ତକ୍ସରନ କରିଥିଲେ ଯାହାର ଦ୍ୱାରା କି ରାଜ୍ୟ ସରକାରଙ୍କର ବିପୁଳ ଆର୍ଥିକ କ୍ଷତି ହୋଇଥିଲା ସେଥିପାଇଁ ଶ୍ରୀ କୁମାର ଙ୍କ ବିରୁଦ୍ଧରେ ଓଡିଶା ସରକାର ୨୭ଟି ଭିଜିଲାନସ କେନ୍ଦ୍ର ଦାୟର କରିଥିଲେ । ତନ୍ମଧ୍ୟରେ ଦୁଇଟି କେସ୍‌ରେ ଶ୍ରୀ କୁମାର ଦୋଷୀ ସାବସ୍ତ ହୋଇଛନ୍ତି ।

# ବାତ୍ୟାର ରାଜଧାନୀ ସୁନ୍ଦରବନ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବାତ୍ୟା,ଯାହାର ନାଁ ଶୁଣିଥିଲେ ଥରିଉଠେ ଦେହ । ମନରେ ଖେଳିଯାଏ ଆତଙ୍କ । ସେହି ଆତଙ୍କର ରାଜଧାନୀ ଆମ ରାଜ୍ୟର ଖୁବ ନିକଟରେ । ଆମେ କହୁଛୁ, ପଶ୍ଚିମବଙ୍ଗର ସୁନ୍ଦରବନ କଥା ଯାହାକୁ ଭାରତୀୟ ପାଣିପାଗ ବିଭାଗ କହିଛି ସୁନ୍ଦରବନ ହେଉଛି ବାତ୍ୟା ରାଜଧାନୀ ଆଉ ରିପୋର୍ଟ ଓଡିଶାର କେନ୍ଦ୍ରାପଡା ଓ ବାଲେଶ୍ୱରରେ ବାତ୍ୟା ବ୍ୟବଧାନ କମ୍ ବୋଲି ରିପୋର୍ଟରେ ଦର୍ଶାଇଛି ଆଇଏମଡି । ଓଡିଶାର ସୀମାକୁ ଲାଗିଥିବା ସୁନ୍ଦରବନ ଅଂଚଳକୁ ଦେଶର ବାତ୍ୟା ରାଜଧାନୀ ଭାବେ ଅଭିହିତ କରିଛି ଭାରତୀୟ ପାଣିପାଗ ବିଭାଗ । କାରଣ ଏହି ଅଂଚଳ ସବୁଠାରୁ ବାତ୍ୟାପ୍ରବଣ ବୋଲି ଅଧ୍ୟୟନରୁ ଜଣାପଡିଛି । ଏଣିତିକି ପଶ୍ଚିମବଙ୍ଗ ଦକ୍ଷିଣ ୨୪ପ୍ରଗଣା ଜିଲ୍ଲା ବାରମ୍ବାର ସାମୁଦ୍ରିକ ବାତ୍ୟା ପ୍ରଭାବିତ ହେଉଥିବା ଆଇଏମଡି ରିପୋର୍ଟରେ କୁହାଯାଇଛି । ପୁଣେ ଠାରେ ଥିବା ଭାରତୀୟ ପାଣିପାଗ ବିଭାଗ କାର୍ଯ୍ୟାଳୟ କରିଥିବା ବିଶ୍ଳେଷଣ ଅନୁସାରେ,ବିଭିନ୍ନ ସମୟରେ ହୋଇଥିବା ବାତ୍ୟା ମଧ୍ୟରେ ସମୟ ବ୍ୟବଧାନକୁନେଇ ଦକ୍ଷିଣ ୨୪ପ୍ରଗଣା ଜିଲ୍ଲାରେ ସାମୁଦ୍ରିକ ବାତ୍ୟାର ପ୍ରତ୍ୟାବର୍ତ୍ତନ ସମୟ ୧.୫ରୁ ୬.୦ବର୍ଷ ସ୍କେଲ୍ ମଧ୍ୟରେ ୧.୬୭ ରହିଛି । ଅପେକ୍ଷାକୃତ ସଂକ୍ଷିପ୍ତ ପ୍ରତ୍ୟା ବର୍ତ୍ତନ ସମୟ ଅଧିକ ସାମୁଦ୍ରିକ ବାତ୍ୟାର ସୂଚନା



ଦିଏ ତେଣୁ ଏଠାରେ ବାତ୍ୟା ଆସିବାର ବ୍ୟବଧାନ ତୁଳନାତ୍ମକ ଭାବେ କମ୍ ରହିଛି । କ୍ଲାଇମେଟ୍ ହାଜାର୍ଡସ୍ ଆଣ୍ଡ୍ ଭଲନେରେବିଲିଟି ଆଟ୍‌ଲାସ୍ ଅଫ୍ ଇଣ୍ଡିଆରୁ ଦେଖାଯାଇଛି ଯେ ଭୀଷଣ ସାମୁଦ୍ରିକ ବାତ୍ୟା ଗୁଡିକର ପ୍ରତ୍ୟାବର୍ତ୍ତନ ସମୟ ଥିଲା ୨.୬୧ବର୍ଷ ।ତେବେ ୨୦୨୧ମସିହେ ଦେଶରେ ସଂଘଟିତ ୧୦ଟି ସାଇକ୍ଲୋନିକ୍ ଡିଷ୍ଟର୍ବାନ୍ ସେସ୍ସ ସୁନ୍ଦରବନରେ ପ୍ରବାହିତ ହୋଇଥିବା ୨ଟି ବାତ୍ୟା ହେଉଛି ୟାସ୍ ଏବଂ ଜାଓାଦ୍ ୧୯୬୧ରୁ ୨୦୨୦ ମଧ୍ୟରେ ଏହି ଉପକୂଳବର୍ତ୍ତୀ ଜିଲ୍ଲାର ପ୍ରାୟ ୯୦କିଲୋମିଟର୍‌ଅଂଚଳ ଦେଇ ପ୍ରବାହିତ ସାମୁଦ୍ରିକ ବାତ୍ୟାଗୁଡିକ ଉପରେ ଗବେଷକମାନେ ଅଧ୍ୟୟନ କରିଥିଲେ ।ଓଡିଶା ର ଉପକୂଳବର୍ତ୍ତୀ ଜିଲ୍ଲା କେନ୍ଦ୍ରାପଡା, ଆନ୍ଧ୍ରପ୍ରଦେଶର ନେଲୋର୍ ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ମଧ୍ୟ ବାତ୍ୟା ଅଧ୍ୟୁଷିତ ବୋଲି ଅଧ୍ୟୟନରୁ ଜଣାପଡିଛି । କେନ୍ଦ୍ରପଡାର ବାତ୍ୟା ପ୍ରତ୍ୟାବର୍ତ୍ତନ ସମୟ ୧.୯୪ବର୍ଷ ଥିବା ବେଳେ ନେଲୋର ଏବଂ ପୂର୍ବ ମେଦିନପୁରରେ ପ୍ରତ୍ୟାବର୍ତ୍ତନ ସମୟ ୨ବର୍ଷ ରହିଛି । ଯାଥକ୍ରମେ ୨.୮୬ବର୍ଷ ପ୍ରତ୍ୟାବର୍ତ୍ତନ ସମୟ ଥାଇ ଓଡିଶାର ବାଲେଶ୍ୱର ଜିଲ୍ଲା, ତାମିଲନାଡୁ ବିଲ୍ଲୁପୁରମ୍ ଏବଂ ଦକ୍ଷିଣ ୨୪ପ୍ରଗର୍ଣା ଭୀଷଣ ବାତ୍ୟାପ୍ରବଣ ବୋଲି କୁହାଯାଉଛି ।

# ରଙ୍ଗିଲା ତହସିଲ୍‌ଦାର

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁର ସହରର ତହସିଲ୍‌ଦାର ଶରତ ଚନ୍ଦ୍ର ବାଗ୍ ନିଜ କାର୍ଯ୍ୟକଳାପକୁ ନେଇ ସବୁବେଳେ ଚର୍ଚ୍ଚାରେ ରହୁଥିବା ବେଳେ ୪ ତାରିଖ ଦିନ ତାଙ୍କ ଧର୍ମପତ୍ନୀ ତାଙ୍କ ନାଁରେ ଆଣିଛନ୍ତି ସାଙ୍ଘାତିକ ଅଭିଯୋଗ । ଯାହାକି ନ୍ୟୁଜ୍‌ପୋର୍ଟାଲ୍‌ରେ ଭାଇରାଲ୍ ହେଉଛି । ପ୍ରାପ୍ତ ସୂଚନା ଅନୁଯାୟୀ ରାଜଗାଙ୍ଗପୁର ତହସିଲ୍‌ଦାର ଶରତ ଚନ୍ଦ୍ର ବାଗ୍‌ଙ୍କ ଧର୍ମପତ୍ନୀ ଡାଲିଆ ଦେବନାଥ ୪ ତାରିଖ ଦିନ ରାଜଗାଙ୍ଗପୁର ଥାନାରେ ପହଞ୍ଚି ତାଙ୍କ ସ୍ୱାମୀ ଅନ୍ୟ ଝିଅମାନଙ୍କ ସହ ସଂପର୍କ ରଖିବା ସହ ତାଙ୍କ ଦୁଇ ଝିଅଙ୍କୁ ମାଡ ମାରି ତାଙ୍କ ଠାରୁ ମୋବାଇଲ୍ ନେଇଯାଇଛନ୍ତି ଏବଂ ଏହି କାରଣରୁ ତାଙ୍କ ଝିଅମାନଙ୍କ ସହ କୌଣସି ସଂପର୍କ ହୋଇପାରୁନାହିଁ ବୋଲି ଅଭିଯୋଗ କରିଛନ୍ତି ତାଙ୍କ ସ୍ତ୍ରୀ । ପତ୍ନୀଙ୍କ କହିବା ଅନୁଯାୟୀ ତାଙ୍କ



ସ୍ୱାମୀଙ୍କର ବହୁ ଝିଅଙ୍କ ସହ ସଂପର୍କ ରହିଥିବା ବେଳେ ସେ ଗୋଟିଏ ଝିଅକୁ ନେଇ ରାଉରକେଲାରେ ଲିଭ୍‌ଇନ୍ ରିଲେସନ୍‌ସିପ୍‌ରେ ରହୁଥିବା ବେଳେ ତାଙ୍କ ଦୁଇ ଝିଅ ଏ ବିଷୟରେ ଜାଣିଥିଲେ । ଏହା ସହ ତହସିଲ୍‌ଦାର ନିଜ ଝିଅକୁ ସଂପୃକ୍ତ ଯୁବତୀଙ୍କୁ ମା ବୋଲି ଡାକିବାକୁ ବାଧ ମଧ୍ୟ କରିଥିଲେ । ଏ ନେଇ ତାଙ୍କ ଝିଅ ନିଜ ମା'ଙ୍କୁ ଖବର ଦେଇଥିଲେ । ଏହା ଜାଣିବା ପରେ ତହସିଲ୍‌ଦାର ତାଙ୍କ ଝିଅଙ୍କ ପାଖରେ ଥିବା ମୋବାଇଲ୍‌କୁ ଛଡାଇ ନେଇଥିବା ବେଳେ ଝିଅମାନଙ୍କ ସହ ପୁଣି ସଂପର୍କ ହୋଇପାରୁନାହିଁ ବୋଲି ଅଭିଯୋଗ କରିଛନ୍ତି । ଯାହାଫଳରେ ସେ ଚିନ୍ତିତ ଅଛନ୍ତି ଓ ତାଙ୍କ ଝିଅମାନଙ୍କ ପ୍ରତି ବିପଦ ରହିଛି । ତାଙ୍କ ଝିଅ ସହ ସାକ୍ଷାତ୍ କରାଇଦିଆଯିବା ସହ ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ନେଇ ଥାନାରେ ଅଭିଯୋଗ କରିଛନ୍ତି । ରାଜଗାଙ୍ଗପୁର ଥାନାରେ ଅଭିଯୋଗ ହେବା ପରେ ସେ ବର୍ତ୍ତମାନ ଏସ୍‌ପି ଅଫିସ୍‌ର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି ।



୰ ଲତା ମଙ୍ଗେସକର ଓ ୰ ସାମ୍ବାଦିକ ରୋହିତ ବିଶ୍ୱାଳଙ୍କୁ ଜଗତସିଂହପୁର ବରିଷ୍ଠ ନାଗରିକଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

**All disputes relating to any news item published shall be subject to the Jurisdiction of Jagatsinghpur court/s.**

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

ସଂପାଦକ : ରାମଚନ୍ଦ୍ର ମହାନ୍ତି

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

News Editor: Akshaya Kumar Behera